# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୨୯/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Friday, October 29/2021 | ★★★★★

୧୭ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଇନ୍‌ଷ୍ଟାରୁ ବାହାଘର ଫଟୋ ହଟାଇଲେ ସାମନ୍ଥା**

ଅଭିନେତା ନାଗା ଚୈତନ୍ୟଙ୍କଠାରୁ ବିବାହ ବିଚ୍ଛେଦ ପରେ ଅଭିନେତ୍ରୀ ସାମନ୍ଥା ରୁତ୍ ପ୍ରଭୁ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ବାହାଘରବେଳର ଫଟୋ ଡିଲିଟ କରିଦେଇଛନ୍ତି। ୦୭

୦୮ **ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିପାରନ୍ତି ଆୟାର**

ଅଧିନାୟକ ପଦ ପାଇଁ ଆଶାୟୀ ଥିବାରୁ ଶ୍ରେୟାସ ଆୟାର ଆଗାମୀ ଆଇପିଏଲ ଖେଳାଳି ନିଲାମ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ି ପାରନ୍ତି।








# ପେଟ୍ରୋଲ ୩୫, ଡିଜେଲ ୩୯ ପଇସା ବୃଦ୍ଧି

## ମାସକରେ ପେଟ୍ରୋଲ ବଢ଼ିଲାଣି ୭.୨୧ଟଙ୍କା

ଭୁବନେଶ୍ୱର/ନୂଆଦିଲ୍ଲୀ,୨୮।୧୦

ଦୀର୍ଘଦିନର ବିରତି ପରେ ସେପ୍ଟେମ୍ବର ୨୮ରେ ପ୍ରଥମ ଥର ପାଇଁ ପେଟ୍ରୋଲ ଦର ପରିବର୍ତ୍ତନ ହୋଇଥିଲା। ଠିକ୍ ମାସକ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୭.୨୧ ଟଙ୍କା ବଢ଼ିଥିବା ବେଳେ ଡିଜେଲ ମୂଲ୍ୟ ମଧ୍ୟ ୯.୨୩ ଟଙ୍କା ବୃଦ୍ଧି ପାଇଛି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ପଇସା ଏବଂ ଡିଜେଲ ୩୯ ପଇସା



ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୯.୨୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୦୫.୮୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୯.୬୧ ଟଙ୍କା ଓ ☞ପୃଷ୍ଠା-୪

# ଆର୍ଯ୍ୟନ ଖାନ୍‌ଙ୍କୁ ଜାମିନ

ମୁମ୍ବାଇ,୨୮।୧୦

ମୁମ୍ବାଇ ଉପକୂଳରେ କ୍ରୁଜ୍ ଶିପ୍‌ରେ ରେଭ୍ ପାର୍ଟି ବେଳେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗିରଫ କରିଥିବା ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଗୁରୁବାର ବମ୍ବେ ହାଇକୋର୍ଟ ବେଲ୍ ଦେଇଛନ୍ତି। ତାଙ୍କ ସହ ଧରାପଡ଼ିଥିବା ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କୁ ମଧ୍ୟ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ତେବେ ଉକ୍ତ ଜାମିନ ରାୟର ସମ୍ପୂର୍ଣ୍ଣ ବିବରଣୀ ଶୁକ୍ରବାର ପ୍ରଦାନ କରାଯିବ ବୋଲି ଜଷ୍ଟିସ୍ ଏନ୍.ଡବ୍ଲ୍ୟୁ. ସାମ୍ବ୍ରେ



କହିଛନ୍ତି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ୩ ଜଣ ଯାକ ଜେଲରେ ରହିବେ ବୋଲି ଜଣେ ପ୍ରତିପକ୍ଷ ଓକିଲ କହିଛନ୍ତି।

## କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି ମାମଲା

### ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କୁ ମଧ୍ୟ ବେଲ୍ ଦେଲେ ହାଇକୋର୍ଟ

ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ଅତର୍କିତ ଚଢ଼ାଉ କରି କିଙ୍ଗ୍ ଖାନ୍‌ଙ୍କ ୨୩ ବର୍ଷୀୟ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ପରେ କେନ୍ଦ୍ରୀୟ ଡ୍ରଗ୍ସ ନିରୋଧୀ ସଂସ୍ଥା ପକ୍ଷରୁ ଅନ୍ୟ ୧୨ ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ୩ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିଲେ। ହାଇକୋର୍ଟରେ ମଙ୍ଗଳବାର ଓ ବୁଧବାର ଏହି ହାଇପ୍ରୋଫାଇଲ ମାମଲାର ଶୁଣାଣି ବେଳେ ଏନ୍‌ସିବି ଏହାକୁ ବିରୋଧ କରିଥିଲା। ବିଚାରପତି ସାମ୍ବ୍ରେ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ବି ଜାମିନ ରାୟକୁ ଘୁଞ୍ଚାଇ ଚାଲିଥିଲେ। ☞ପୃଷ୍ଠା-୪

# ରାଜ୍ୟଗୁଡ଼ିକୁ ୪୪ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

## ଓଡ଼ିଶା ପାଇଲା ୧୭୭୯ କୋଟି

ନୂଆଦିଲ୍ଲୀ,୨୮।୧୦: କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦକୁ ରାଜ୍ୟଗୁଡ଼ିକୁ ଗୁରୁବାର ୪୪ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥ ମଧ୍ୟରୁ ଓଡ଼ିଶା ୧,୭୭୯.୪୫ କୋଟି ଟଙ୍କା ପାଇଛି। ଏହା ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୨ଟି କିସ୍ତିରେ ୧.୧୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲେ। ସେହିଭଳି ଚଳିତ ଆର୍ଥିକ ବର୍ଷରେ ମୋଟ ୧.୫୯ ଲକ୍ଷ କୋଟି ଟଙ୍କା ଅଦ୍ୟାବଧି ଏହି ବାବଦକୁ ପ୍ରଦାନ କରାଯାଇଛି। ସେସ୍ ଆଦାୟରୁ ପ୍ରତି ୨ ମାସରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ କ୍ଷତିପୂରଣ ଅର୍ଥ ପ୍ରଦାନ କରୁଛନ୍ତି। କ୍ଷତିପୂରଣ ସେସ୍‌ରୁ ଆଦାୟ ଅର୍ଥ ବାଦ୍ ୧.୫୯ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟକୁ ପ୍ରଦାନ କରିବା ଲାଗି ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ୨୦୨୦-୨୧ରେ ଏହି ଭଳି ଭାବେ ୧.୧୦ ଲକ୍ଷ କୋଟି ଟଙ୍କା ଦିଆଯାଇଥିଲା। ଚଳିତ ଆର୍ଥିକ ବର୍ଷ ମୋଟ କ୍ଷତିପୂରଣ ୨.୫୯ ଲକ୍ଷ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି।

**ଆଜିର ସମ୍ପାଦକୀୟ**

ଜଳବାୟୁ କୂଟନୀତି

# ଏନ୍‌ସିବି ସହଯୋଗୀ ଗୋସାଭି ଗିରଫ

ପୁଣେ,୨୮।୧୦

କ୍ରୁଜ୍ ଶିପ୍ ଡ୍ରଗ୍ସ ପାର୍ଟି ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ସ୍ୱାଧୀନ ସାକ୍ଷୀ ହୋଇଥିବା କିରନ ଗୋସାଭି ଗୁରୁବାର ଧରାପଡ଼ିଛନ୍ତି। ୨୦୧୮ରେ ମହାରାଷ୍ଟ୍ରରେ ହୋଇଥିବା ଏକ ଠକେଇ ମାମଲାରେ ପୁଣେ ପୋଲିସ ତାଙ୍କୁ ଗିରଫ କରି ଏକ ସ୍ଥାନୀୟ କୋର୍ଟରେ ହାଜର କରିଛି। କିଛିଦିନ ହେଲା ଫେରାର ଥିବା ଗୋସାଭି ପୋଲିସ ନିକଟରେ ଆତ୍ମସମର୍ପଣ କରିନାହାନ୍ତି। ସେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ତେଲଙ୍ଗାନାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲୁଥିବାବେଳେ ତାଙ୍କୁ ଧରାଯାଇଥିବା ଗୁରୁବାର ପୁଣେ ପୋଲିସ କମିଶନର ଅମିତାଭ ଗୁପ୍ତା ସୂଚନା ଦେଇଛନ୍ତି। ଅକ୍ଟୋବର ୨ ରାତିରେ ମୁମ୍ବାଇ ଉପକୂଳରେ କ୍ରୁଜ୍ ଜାହାଜ ଉପରେ ଏନ୍‌ସିବି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହା ପରେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସହ ଗୋସାଭିଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ



କିରନ ଗୋସାଭି

ଗୋସାଭିଙ୍କ ନାମ ସେତେବେଳେ ଚର୍ଚ୍ଚାକୁ ଆସିଥିଲା, ଯେତେବେଳେ ଡ୍ରଗ୍ସ ମାମଲାର ଅନ୍ୟତମ ସାକ୍ଷୀ ପ୍ରଭାକର ସୈଲ ଗଣମାଧ୍ୟମରେ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଥିଲେ। ପୂର୍ବରୁ ଗୋସାଭିଙ୍କୁ ବ୍ୟକ୍ତିଗତ ଅଙ୍ଗରକ୍ଷୀ ସେବା ପ୍ରଦାନ କରିଥିବା ସୈଲ ନିକଟରେ କହିଥିଲେ, ଜାହାଜରେ ରେଡ୍ କରି ଆର୍ଯ୍ୟନ ଖାନ୍‌ଙ୍କୁ ଏନ୍‌ସିବି ଅଫିସକୁ ଅଣାଯିବା ପରେ ସାମ୍ ଡି'ସୁଜା ନାମକ ଜଣେ ବ୍ୟକ୍ତିଙ୍କୁ ଗୋସାଭି ଫୋନ୍ କରି କଥା ହୋଇଥିଲେ। ଏନ୍‌ସିବିର ମୁମ୍ବାଇ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖେଡ଼େ ☞ପୃଷ୍ଠା-୪

# ୯୦ ଦିନରେ ଟ୍ରାଏଲ ସାର, ଫାଶୀ ଦିଅ

ବଲାଙ୍ଗୀର ଅଫିସ, ୨୮।୧୦

ହାଇକୋର୍ଟ ମୁଖ୍ୟବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରି ମମିତା ମେହେର ହତ୍ୟା ଘଟଣାର ଅନୁସନ୍ଧାନ କରି ୯୦ ଦିନରେ ଟ୍ରାଏଲ ସାର। ଦୋଷୀଙ୍କୁ ଫାଶୀ ଦିଅ। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କର। ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଏବଂ ଭାଇଙ୍କୁ ତୁରନ୍ତ ସରକାରୀ ଚାକିରି ଦିଅ ବୋଲି ଦାବି କରିଛନ୍ତି

- ମମିତାଙ୍କ ଗାଁରେ କଂଗ୍ରେସ ରାଷ୍ଟ୍ରୀୟ ପ୍ରତିନିଧି
- ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି



ମମିତାଙ୍କ ପରିବାର ସଦସ୍ୟଙ୍କ ସହିତ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକଙ୍କ ସମେତ ଅନ୍ୟମାନେ ଆଲୋଚନା କରୁଛନ୍ତି।

କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରଣଦୀପ ସିଂ ସୁର୍ଜେୱାଲା। ରାଷ୍ଟ୍ରୀୟ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣୀ ଗାଁରେ ପହଞ୍ଚି ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ଏଭଳି ସ୍ପର୍ଶକାତର ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଛନ୍ତି।

ଭୁବନେଶ୍ୱରରୁ ହେଲିକପ୍ଟରରେ କଣ୍ଟାବାଞ୍ଜିରେ ପହଞ୍ଚିବା ପରେ ସେଠାରୁ କଂଗ୍ରେସ ନେତାମାନେ ଝରଣୀ ଯାଇଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁର୍ଜେୱାଲା, ଓଡ଼ିଶା ପ୍ରଭାରୀ ଏ. ଚେଲାକୁମାର, କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ସମରେନ୍ଦ୍ର ମିଶ୍ର ପ୍ରମୁଖ ମୃତ ମମିତାଙ୍କ ଅସୁସ୍ଥ ମା' ତୁଳସୀ, ☞ପୃଷ୍ଠା-୪





| କ୍ରୟ ମୂଲ୍ୟ* | 25 ଲକ୍ଷ | 50 ଲକ୍ଷ | 1 କୋଟି | 5 କୋଟି |
|---|---|---|---|---|
| ବିକଳ୍ପ A | 1,70,000 | 3,40,750 | 6,82,500 | 34,12,500 |
| ବିକଳ୍ପ F | 1,34,250 | 2,69,250 | 5,39,500 | 26,97,500 |
| ବିକଳ୍ପ J | 1,33,750 | 2,68,250 | 5,37,500 | 26,87,500 |

## ସଂକ୍ଷେପରେ

### ଖାତରେ ମିନିବସ୍ ଖସି ୧୧ ମୃତ



**ଜମ୍ମୁ, ୨୮।୧୦(ପି.ଟି.):** ଜମ୍ମୁ-କଶ୍ମୀରର ଡୋଡା ଜିଲା ଅନ୍ତର୍ଗତ ବାଟୋଟେ-କିସ୍ତୱାର ହାଇୱେ ପାର୍ଶ୍ୱ ଗଭୀର ଖାତକୁ ଏକ ମିନିବସ୍ ଖସିପଡ଼ିବାରୁ ୧୧ ଜଣଙ୍କ ମୃତ୍ୟୁ ହେବା ସହ ୧୪ ଆହତ ହୋଇଛନ୍ତି। ଗୁରୁବାର ସକାଳେ ମିନିବସ୍‌ଟି ଥାତ୍ରିରୁ ଡୋଡା ଅଭିମୁଖେ ଯାଉଥିବାବେଳେ ସୋଇ-ଗ୍ରାରି ନିକଟସ୍ଥ ଖାତରେ ଖସିପଡ଼ିଥିଲା। ଡ୍ରାଇଭରର ନିୟନ୍ତ୍ରଣ ହରାଇବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣାରେ ଡ୍ରାଇଭର ମଧ ପ୍ରାଣ ହରାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ପୋଲିସ, ସେନା ଏବଂ ଏସ୍‌ଡିଆର୍‌ଏଫ୍ ଯବାନ ନିୟୋଜିତ ହୋଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ସହାୟତା କରିଥିଲେ। ୨୫ ଜଣଙ୍କୁ ଆହତ ଅବସ୍ଥାରେ ଡୋଡାର ଜିଏମ୍‌ସି ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ନେଇ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ଉପରାଜ୍ୟପାଳଙ୍କ ବିବେକାନୁମୋଦିତ ପାଣ୍ଠିରୁ ୨ ଲକ୍ଷ ଏବଂ ରାସ୍ତା ଦୁର୍ଘଟଣା ତୁରନ୍ତ ସହାୟତା ପାଣ୍ଠିରୁ ୧ ଲକ୍ଷ ଟଙ୍କା ଯୋଗାଇଦେବା ଲାଗି ଘୋଷଣା କରାଯାଇଛି।

### ମିଛ ଗଣବଳାତ୍କାର ଅଭିଯୋଗ ଆଣିଥିବା ମହିଳାଙ୍କୁ ୧୦ ବର୍ଷ ଜେଲ

**ଭୋପାଳ, ୨୮।୧୦:** ୪ ଜଣ ପଡୋଶୀଙ୍କ ବିରୋଧରେ ମିଥ୍ୟା ଗଣବଳାତ୍କାର ମାମଲା ଆଣିବା ସହ ଏହାକୁ ପ୍ରମାଣିତ କରିବା ପାଇଁ ଜାଲ୍ ତଥ୍ୟପ୍ରମାଣ ପ୍ରସ୍ତୁତ କରିଥିବା ମଧ୍ୟପ୍ରଦେଶର ଜଣେ ୪୬ ବର୍ଷୀୟ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯାଇଛି। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ସହ ରିଲେଶନଶିପ୍‌ରେ ରହୁଥିଲେ। ଏହାକୁ ବିରୋଧ କରୁଥିବା ପଡୋଶୀଙ୍କୁ ଫସାଇବା ପାଇଁ ସେ ସେମାନଙ୍କ ବିରୋଧରେ ଗଣବଳାତ୍କାର ଅଭିଯୋଗ ଆଣିଥିଲେ ବୋଲି ଅତିରିକ୍ତ ଜିଲା ପ୍ରସିକ୍ୟୁଟର ମହମ୍ମଦ ଆଜମ କହିଛନ୍ତି। ମହିଳାଙ୍କ ବୟାନ ଆଧାରରେ ୨୦୧୪ ଅଗଷ୍ଟରେ ୪ ପଡୋଶୀଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ମହିଳାଙ୍କ ପୋଷାକରେ ଲାଗିଥିବା ସିମେନର ଡିଏନ୍‌ଏ ପରୀକ୍ଷା କରାଯିବା ପରେ ତାହା ତାଙ୍କ ସ୍ୱାମୀଙ୍କ ଗୋପାଳ ରଜାକଙ୍କର ବୋଲି ଜଣାପଡ଼ିଥିଲା। ଅଶୋକ ନଗର ପ୍ରଥମ ଅତିରିକ୍ତ ସେସନ୍ସ ଜଜ୍ ମହେଶ କୁମାର ଚୌହାନ ସମ୍ପୃକ୍ତ ମହିଳା ଗୁଡ୍ଡି ଓଝା ଓ ତାଙ୍କ ସ୍ୱାମୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି।

### ଟିକ୍ରି ସୀମାରୁ ଅବରୋଧ ହଟାଇଲା ପୋଲିସ

**ନୂଆଦିଲ୍ଲୀ, ୨୮।୧୦:** ଦିଲ୍ଲୀର ଟିକ୍ରି ସୀମାରେ ଚାଷୀଙ୍କ ଆନ୍ଦୋଳନସ୍ଥଳରେ ପୋଲିସ ଲଗାଇଥିବା ଅବରୋଧକୁ ଗୁରୁବାର ହଟାଇ ନେଇଛି। ଉକ୍ତ ଅଞ୍ଚଳରେ ଚାଷୀମାନେ ନୁହନ୍ତି ବରଂ ପୋଲିସ ରାସ୍ତା ଅବରୋଧ କରିଥିଲା ବୋଲି ସୁପ୍ରିମକୋର୍ଟରେ ଶୁଣାଣି ବେଳେ କୁହାଯାଇଥିଲା। କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀ ଯେପରି ଦିଲ୍ଲୀରେ ପ୍ରବେଶ କରି ନ ପାରିବେ ସେଥିପାଇଁ ପୋଲିସ ରାସ୍ତାରେ ବିଶାଳ କଂକ୍ରିଟ ବ୍ଲକ୍ ରଖିବା ସହ କଣ୍ଟା ପୋତିଥିଲା। ରାସ୍ତା ଅବରୋଧ ଯୋଗୁ ସାଧାରଣ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ହରିୟାଣାର ବରିଷ୍ଠ ଅଧିକାରୀମାନେ ଟିକ୍ରି ସୀମାକୁ ଯାଇ ପୋଲିସ ରାସ୍ତା ଅବରୋଧ କରିଥିବା ଦେଖିବାକୁ ପାଇଥିଲେ। ହରିୟାଣା ପ୍ରଶାସନିକ ଅଧିକାରୀ ଓ ଦିଲ୍ଲୀ ପୋଲିସ ମଧ୍ୟରେ ବୈଠକ ବସି ଅବରୋଧ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଚାଷୀଙ୍କ ଆନ୍ଦୋଳନସ୍ଥଳ ନିକଟରେ ଥିବା ବ୍ୟାରିକେଡ୍ ଏପର୍ଯ୍ୟନ୍ତ ହଟାଯାଇନାହିଁ।

# ୱାଙ୍ଖଡେଙ୍କୁ ମିଳିବନି ଅନ୍ତରୀଣ ସୁରକ୍ଷା

- ବମ୍ବେ ହାଇକୋର୍ଟରେ ଆବେଦନ ଖାରଜ
- ଗିରଫର ୩ ଦିନ ପୂର୍ବରୁ ନୋଟିସ ଦେବ ପୋଲିସ

**ମୁମ୍ବାଇ, ୨୮।୧୦**

ଗିରଫଦାରିରୁ ମୁକ୍ତି ପାଇବା ପାଇଁ ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେ ବମ୍ବେ ହାଇକୋର୍ଟଙ୍କଠାରୁ ଅନ୍ତରୀଣ ସୁରକ୍ଷା ପାଇଁ କରିଥିବା ଆବେଦନ ଗୁରୁବାର ଖାରଜ ହୋଇଯାଇଛି। ଜବରଦସ୍ତି ବଟି ଆଦାୟ ଏବଂ ଦୁର୍ନୀତି ମାମଲାରେ ଗିରଫ କରିବାର ୩ ଦିନ ପୂର୍ବରୁ ମୁମ୍ବାଇ ପୋଲିସ ୱାଙ୍ଖଡେଙ୍କୁ ନୋଟିସ ଦେବ ବୋଲି ହାଇକୋର୍ଟ କହିଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନ ଉପରେ ଆକ୍ରମଣ ହେଉଥିବା ଏବଂ ଏ ଦିଗରେ ତଦନ୍ତକୁ ବିରୋଧ କରି ୱାଙ୍ଖଡେ ଅଦାଲତଙ୍କଠାରେ ପିଟିଶନ ଦାଏର କରିଥିଲେ। ସେ ଜଣେ ଡ୍ରଗ୍ସ ବେପାରୀ ନୁହଁନ୍ତି। ଜଣେ ଜୋନାଲ ଡିରେକ୍ଟର। ତେଣୁ ତାଙ୍କୁ ଅପମାନିତ କରାଯିବା ବନ୍ଦ କରି ତଦନ୍ତ ଦାୟିତ୍ୱ ସିବିଆଇ କିମ୍ବା ଏନ୍‌ଆଇଏକୁ ଦିଆଯିବାକୁ ସେ ଦାବି କରିଥିଲେ। ତାଙ୍କ ଅଧିକାର ଉଲ୍ଲଂଘନ


ସମୀର ୱାଙ୍ଖଡେ

ହେବାର ଆଶଙ୍କା ରହିଥିବାରୁ କୋର୍ଟ ତାଙ୍କୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଏହାବାଦ୍ ୱାଙ୍ଖଡେ ଜଣେ ଦଳିତ ହୋଇଥିବାରୁ ଏନ୍‌ସିବି ଅଧିକାରୀ ଭାବେ ବୟାନ ରେକର୍ଡ କରିବା ପାଇଁ ତାଙ୍କୁ ଟାର୍ଗେଟ କରାଯାଉଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ଚାକିରି ପାଇଁ ଧର୍ମ ଲୁଚାଇଥିଲେ ସମୀର

### ୱାଙ୍ଖଡେ ପରିବାର ମୁସଲମାନ

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେ ଦିନକୁ ଦିନ ବିବାଦୀୟ ହେବାରେ ଲାଗିଛନ୍ତି। ତାଙ୍କ ପରିବାର ମୁସଲମାନ ଏବଂ ବାପାଙ୍କ ନାମ ଦାଉଦ୍ ଥିଲା ବୋଲି ୱାଙ୍ଖଡେଙ୍କ ପ୍ରଥମ ସ୍ତ୍ରୀଙ୍କ ବାପା ତଥା ଶ୍ୱଶୁର ଡ. ଜାହିଦ୍ କୁରେଶି କହିଛନ୍ତି। ଗଣମାଧ୍ୟମ ଆଗରେ କୁରେଶି ପ୍ରକାଶ କରିଛନ୍ତି, ତାଙ୍କ ଝିଅ ଶବାନା ୱାଙ୍ଖଡେଙ୍କୁ ବିବାହ କରିଥିଲେ। ଇସ୍‌ଲାମ ଧର୍ମ ଯୋଗୁ ୱାଙ୍ଖଡେ ଅଧିକାଂଶ ସମୟରେ ମସଜିଦ୍ ମଧ ଯାଉଥିଲେ। ସେ ନମାଜ ପାଠ କରିବା ସହ ରମଦାନ୍ ରୋଜା ଉପବାସ ରଖୁଥିଲେ। ୱାଙ୍ଖଡେଙ୍କ ମା' ଜାହିଦାଙ୍କ ସହ ଭଲ ସମ୍ପର୍କ ଯୋଗୁ ଝିଅ ଶବାନାର ବିବାହ ତାଙ୍କ ସହ କରାଇବାକୁ କ୍ୟୁରେସୀ ରାଜି ହୋଇଥିଲେ। ଯଦି ୱାଙ୍ଖଡେ ମୁସଲମାନ ହୋଇ ନ ଥାନ୍ତେ ତେବେ ପରିବାର ଲୋକ ଆଦୌ ରାଜି ହୋଇ ନ ଥାନ୍ତେ। ୨୦୦୬ରେ ଉଭୟଙ୍କ ବାହାଘର ହୋଇଥିଲା। ପରେ ଉଭୟଙ୍କ ଛାଡ଼ପତ୍ର ଘଟଣା ଯୋଗୁ ପୂରା ପରିବାରକୁ ଆଘାତ ଦେଇଥିଲା। ହେଲେ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କୁ ଏନ୍‌ସିବି ଗିରଫ ଘଟଣା ପରେ ୱାଙ୍ଖଡେ ଜାଲ୍ ଜନ୍ମଗତ ପ୍ରମାଣପତ୍ର ଦେଇଥିବା ସାମ୍ନାକୁ ଆସିଛି। ଏଥିସହ ସେ ହିନ୍ଦୁ ବୋଲି ଜାଣିବାକୁ ପାଇଥିବା କୁରେଶି କହିଛନ୍ତି। ଅନ୍ୟପକ୍ଷରେ ୱାଙ୍ଖଡେ ମୁସ୍‌ଲିମ ଥିଲେ ଏବଂ ବିବାହ ବେଳେ 'ନିକାହ' ଶବ୍ଦ ଉଚ୍ଚାରଣ କରିଥିଲେ ବୋଲି ବାହାଘର କରାଇଥିବା କାଜି ବୁଧବାର କହିଥିଲେ।

ପୂର୍ବରୁ ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲ୍ଲିକ ଏହି ଅଭିଯୋଗ ଉଠାଇଥିଲେ। ୱାଙ୍ଖଡେ ଜଣେ ମୁସଲମାନ ଭାବେ ଜନ୍ମ ହୋଇଥିଲେ ହେଁ ସେ ଜାତିଗତ ପ୍ରମାଣପତ୍ରରେ ଜାଲିଆତି କରିଛନ୍ତି। ୟୁପିଏସ୍‌ସି ପରୀକ୍ଷାରେ କୋଟାରେ ଚାକିରି ପାଇବା ପାଇଁ ନିଜକୁ ହିନ୍ଦୁ ଧର୍ମ ଅନୁସୂଚିତ ବର୍ଗର ବୋଲି ଦର୍ଶାଇ ପ୍ରମାଣପତ୍ର ଦେଇଥିବା ନୱାବ କହିଛନ୍ତି। ତେବେ ଏହି ଅଭିଯୋଗକୁ ୱାଙ୍ଖଡେ ଖଣ୍ଡନ କରିଆସିଛନ୍ତି। ତାଙ୍କ ବାପା ଦ୍ୟାନଦେବ କଚ୍ରୁଜୀ ୱାଙ୍ଖଡେ ଜଣେ ହିନ୍ଦୁ ଏବଂ ସେ ପୁଣେରେ ରାଜ୍ୟ ଅବକାରୀ ବିଭାଗରେ ଜଣେ ପୋଲିସ ଇନ୍‌ସ୍ପେକ୍ଟର ଥିଲେ। ମା' ସ୍ୱର୍ଗତ ଜାହିଦା ଜଣେ ମୁସଲମାନ ବୋଲି ୱାଙ୍ଖଡେ କହିଥିଲେ। ସେହିପରି ୱାଙ୍ଖଡେଙ୍କ ବାପା ଦ୍ୟାନେଶ୍ୱର ୱାଙ୍ଖଡେ କହିଛନ୍ତି, ସ୍ତ୍ରୀ ଜାହିଦା ତାଙ୍କୁ ଏକ ଡାକ ନାଁ ଦାଉଦ୍ ନାମରେ ଡାକୁଥିଲେ। ସମୀର ୱାଙ୍ଖଡେଙ୍କ ବର୍ତ୍ତମାନ ସ୍ତ୍ରୀ କ୍ରାନ୍ତି ରେଡ୍‌କର କହିଛନ୍ତି, ଜାହିଦାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ସମୀର ଇସ୍‌ଲାମ ପରମ୍ପରା ଅନୁସାରେ ବିବାହ କରିଥିଲେ।

## ବାଣ ନିଷେଧ କୌଣସି ସମ୍ପ୍ରଦାୟ ବିରୋଧରେ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

ବାଣ ଉପରେ ଲାଗିଥିବା ନିଷେଧାଦେଶକୁ କଡ଼ାକଡ଼ି ପାଳନ କରିବାକୁ ଦିୱାଲି ପୂର୍ବରୁ ସୁପ୍ରିମକୋର୍ଟ କହିଛନ୍ତି। ବାଣ ଉପରେ ନିଷେଧାଦେଶ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ କିମ୍ବା ସମ୍ପ୍ରଦାୟ ବିରୋଧରେ ନୁହେଁ। ଖୁସି ମନାଇବା ନାମରେ ନାଗରିକଙ୍କ ଅଧିକାରର ଉଲ୍ଲଂଘନ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଏ.ଏସ୍. ବୋପନ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ବାୟୁ ପ୍ରଦୂଷଣ ବଢୁଥିବାରୁ ବାଣ ଫୁଟାଇବା ଉପରେ କଟକଣା ଲାଗିଛି। ତେବେ ସବୁ ବାଣ ଉପରେ ନିଷେଧାଦେଶ ଲଗାଯାଇନାହିଁ। ତେବେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ବାଣ ଉପରେ କଟକଣା ଜାରି କରାଯାଇଥିବା ନେଇ ଧାରଣା ସୃଷ୍ଟି କରାଯାଉଛି। ଅଦାଲତ ଆମୋଦପ୍ରମୋଦକୁ ବିରୋଧ କରୁନାହାନ୍ତି, ତେବେ ଲୋକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ହେବାକୁ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ପୋଲିସ ସବ୍‌ଇନ୍ସପେକ୍ଟରଙ୍କ ଘରୁ ୧.୧୨ କୋଟି ଜବତ

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

ଏକ ଲାଞ୍ଚ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ପୋଲିସ ସବ୍‌ଇନ୍ସପେକ୍ଟର ଭୋଜରାଜ ସିଂଙ୍କ ଘରେ ସିବିଆଇ ଗୁରୁବାର ଚଢ଼ାଉ କରି ନଗଦ ୧.୧୨ କୋଟି ଟଙ୍କା ଜବତ କରିଛି। ଭୋଜରାଜ ଦିଲ୍ଲୀର ମଇଦାନ ଗର୍‌ହି ଥାନାରେ ପୋଷ୍ଟିଂ ହୋଇଥିଲେ। ବୁଧବାର ସେ ୫୦,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଗିରଫ ହୋଇଥିଲେ। ସିବିଆଇ ତାଙ୍କ କାର ଖାନତଲାସ କରିବାରୁ ୫.୪୭ ଲକ୍ଷ ଟଙ୍କା ମିଳିଥିଲା। ପରେ ଘରେ ଚଢ଼ାଉ କରାଯାଇ ୧.୦୭ କୋଟି ଟଙ୍କା ଜବତ ହୋଇଛି। ଅଭିଯୋଗକାରୀ ଓ ତାଙ୍କ ବନ୍ଧୁଙ୍କ ସପକ୍ଷରେ ଏତଲା କରିବା ସହ ଜାମିନ ଆବେଦନକୁ ବିରୋଧ ନ କରିବା ଲାଗି ସବ୍‌ଇନ୍ସପେକ୍ଟର ପ୍ରଥମେ ୫ ଲକ୍ଷ ଟଙ୍କା ମାଗିଥିଲେ। ଅକ୍ଟୋବର ୨୭ରେ ଅନ୍ୟୂନ ୨ ଲକ୍ଷ ଟଙ୍କା ଦେବା ପାଇଁ ସେ କହିଥିଲେ ବୋଲି ସିବିଆଇ ମୁଖପାତ୍ର ଆର୍.ସି. ଜୋଷୀ କହିଛନ୍ତି। ଅଭିଯୋଗ ପାଇବା ପରେ ସବ୍‌ଇନ୍ସପେକ୍ଟରଙ୍କୁ ଧରିବା ଲାଗି ସିବିଆଇ ଜାଲ ବିଛାଇଥିଲା।

## କିଛି ଜୟ, କିଛି ପରାଜୟ

### ଆର୍ଯ୍ୟନଙ୍କୁ ଜାମିନ ନେଇ ରୋହତଗୀଙ୍କ ପ୍ରତିକ୍ରିୟା

ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କୁ ଗୁରୁବାର ବମ୍ବେ ହାଇକୋର୍ଟ ଜାମିନ ଦେବା ପରେ ତାଙ୍କ ପାଇଁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଖୁସି ବ୍ୟକ୍ତ କରିଛନ୍ତି। ହାଇକୋର୍ଟ ବାହାରେ ଭାରତର ପୂର୍ବତନ ଆଟର୍ନି ଜେନେରାଲ ରୋହତଗୀ ଗଣମାଧ୍ୟମକୁ କହିଛନ୍ତି, ଶୁକ୍ରବାର କୋର୍ଟଙ୍କ ବିସ୍ତୃତ ରାୟ ଆସିବ। ଆର୍ଯ୍ୟନ ଖାନ୍, ଅର୍ବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚା ଶୁକ୍ରବାର କିମ୍ବା ଶନିବାର ଜେଲରୁ ମୁକୁଳିବେ ବୋଲି ଆଶା। ମୋ ପାଇଁ ଏହା ଏକ ନିୟମିତ ମାମଲା-ଟୁ ୱିନ୍ ସମ୍, ଟୁଇ ଲସ୍ ସମ୍। ଅର୍ଥାତ୍ ସବୁବେଳେ ସଫଳତା ମିଳି ନ ଥାଏ ଏବଂ ଯାହା ବି ପରିଣାମ ଆସୁ ତାକୁ ଗ୍ରହଣ କରିବାକୁ ପଡ଼େ।

ପ୍ରକାଶ ଯେ, ଷ୍ଟାର୍ କିଡ୍ ଆର୍ଯ୍ୟନଙ୍କ ପାଇଁ ମାମଲା ଲଢୁଥିବା ସତୀଶ


ମୁକୁଲ ରୋହତଗୀ


ଆର୍ଯ୍ୟନ ଖାନ

ମନସିନ୍ଦେଙ୍କ ଭଳି କେତେଜଣ ନାମୀ ଓକିଲଙ୍କ ସହ ମଙ୍ଗଳବାର ରୋହତଗୀ ସାମିଲ ହୋଇଥିଲେ। ଆର୍ଯ୍ୟନ କୌଣସି ପ୍ରକାର ଡ୍ରଗ୍ସ ସେବନ କରି ନ ଥିଲେ। ତାଙ୍କଠାରୁ ଡ୍ରଗ୍ସ ଜବତ ହୋଇ ନ ଥିଲା ବୋଲି ରୋହତଗି ହାଇକୋର୍ଟରେ ଯୁକ୍ତି ବାଢ଼ିଥିଲେ। ପୁଅକୁ ମୁକୁଳାଇବା ପାଇଁ ଶାହରୁଖ ପ୍ରତିଷ୍ଠିତ ଲ' ଫାର୍ମ କରଞ୍ଜାୱାଲା ଆଣ୍ଡ କମ୍ପାନୀର ସହାୟତା ନେଇଥିଲେ। ବରିଷ୍ଠ ଆଇନଜୀବୀ ରୁବି ସିଂ ଆହୁଜା, ସନ୍ଦୀପ କପୁର, ଆନନ୍ଦିନୀ ଫର୍ନାଣ୍ଡିଜ, ରୁସ୍ତମ୍ ମୁଲ୍ଲାଙ୍କ ଭଳି ଓକିଲଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁ ଆର୍ଯ୍ୟନଙ୍କୁ ଜାମିନ ମିଳିପାରିଥିବା କୁହାଯାଉଛି।

## 'ମୁଖ୍ୟମନ୍ତ୍ରୀ ନ୍ୟାୟ ଦିଅନ୍ତୁ'

ଏନ୍‌ସିବି ଅଧିକାରୀ ସମୀର ୱାଙ୍ଖଡେଙ୍କ ବିରୋଧରେ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ତାଙ୍କ ସ୍ତ୍ରୀ କ୍ରାନ୍ତି ରେଡ୍‌କର ୱାଙ୍ଖଡେ ଗୁରୁବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ତାଙ୍କ ବ୍ୟକ୍ତିଗତ ଏବଂ ପାରିବାରିକ ଜୀବନ ଉପରେ ଆକ୍ରମଣ ଉପରେ ପଦକ୍ଷେପ ନେବା ସହ ନ୍ୟାୟ ପ୍ରଦାନ ପାଇଁ କ୍ରାନ୍ତି ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସେ ଉଦ୍ଧବଙ୍କୁ ଏକ ଚିଠି ଲେଖିଥିବାବେଳେ ଟୁଇଟରରେ ଏହାର କପି ଶେୟାର କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟ୍ୟାଗ୍ କରିଛନ୍ତି। ଅନାବଶ୍ୟକ ଭାବେ ତାଙ୍କୁ ବିବାଦ ମଧ୍ୟକୁ ଟଣାଯାଉଛି। ତେଣୁ ଜଣେ ମରାଠୀ ହିସାବରେ ଉଦ୍ଧବଙ୍କ ପକ୍ଷରୁ ସେ ନ୍ୟାୟ ଆଶା କରୁଥିବା ଉଲ୍ଲେଖ କରିଛନ୍ତି। ଯଦି ଉଦ୍ଧବଙ୍କ ବାପା ବାଲାସାହେବ ଠାକ୍‌ରେ ଜୀବିତ ଥା'ନ୍ତେ ତେବେ ଜଣେ


କ୍ରାନ୍ତି ରେଡ୍‌କର ୱାଙ୍ଖଡେ

ମହିଳାଙ୍କ ମର୍ଯ୍ୟାଦା ଉପରେ ଏଭଳି ଆକ୍ରମଣକୁ ସହ୍ୟ କରି ନ ଥାନ୍ତେ। ସମୀର ଜଣେ ହିନ୍ଦୁ ଭାବେ ଜନ୍ମ ନେଇଛନ୍ତି ଏବଂ ସେ କେବେ ବି ତାଙ୍କ ଧର୍ମ ବଦଳାଇ ନାହାନ୍ତି ବୋଲି ବୁଧବାର କ୍ରାନ୍ତି କହିଥିଲେ। ଏଥିସହ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ ନିମ୍ନସ୍ତରର ରାଜନୀତି କରି ୱାଙ୍ଖଡେଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣୁଥିବା ସେ ପ୍ରକାଶ କରିଛନ୍ତି।


ବେଙ୍ଗାଲୁରୁରେ କନ୍ନଡ ଭାଷାର ପ୍ରଚାର ପାଇଁ ଗୁରୁବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ନାଗରିକମାନେ ଅଂଶଗ୍ରହଣ କରିଛନ୍ତି। କନ୍ନଡ ରାଜ୍ୟୋତ୍ସବ ପାଳନ ଅବସରରେ କର୍ନାଟକ ସରକାର ଆୟୋଜନ କରିଥିବା ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ୫ ଲକ୍ଷ ଲୋକ ସାମିଲ ହୋଇ ୩ଟି ସଙ୍ଗୀତ ଗାନ କରିଥିଲେ।

## ନୂଆ ଭୂସୀମା ଆଇନ ସୀମା ସନ୍ଧିକୁ ପ୍ରଭାବିତ କରିବନି: ଚାଇନା

**ବେଜିଂ, ୨୮।୧୦(ପି.ଟି.)**

ଚାଇନା ଆଣିଥିବା ନୂଆ ଭୂସୀମା ଆଇନ ପ୍ରଚଳିତ ସୀମା ସନ୍ଧି କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ। ତେଣୁ ସୀମାନ୍ତ ଦେଶଗୁଡ଼ିକ ଏକ ସାଧାରଣ ଆଇନକୁ ନେଇ ଅଯଥା କଳ୍ପନାଜଳ୍ପନାରୁ ଦୂରେଇ ରହିବା ପାଇଁ ଗୁରୁବାର ବେଜିଂ ପକ୍ଷରୁ କୁହାଯାଇଛି। ଭୂଭାଗ ସୀମା ସୁରକ୍ଷା ପାଇଁ ଗତ ୨୩ ତାରିଖରେ ଚାଇନାର ଜାତୀୟ ବ୍ୟବସ୍ଥାପିକା ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ନୂଆ ଆଇନ ଆଣିଥିଲା। ପୂର୍ବ ଲଦାଖ ଅଞ୍ଚଳକୁ ନେଇ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବାବେଳେ ନୂଆ ଆଇନକୁ ନେଇ ନୂଆଦିଲ୍ଲୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ବୁଧବାର ଭାରତ ବେଜିଂର ନୂଆ ଆଇନକୁ ସମାଲୋଚନା କରିବା ସହ ଏହା ଆଧାରରେ ସୀମାନ୍ତ ସ୍ଥିତିରେ ପରିବର୍ତ୍ତନ କରିବା ଲାଗି କୌଣସି ଏକପାଖିଆ ପଦକ୍ଷେପ ନିଆଯାଇପାରିବ ନାହିଁ ବୋଲି କହିଥିଲା।

## ଇସିଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

### ଦଳୀୟ ନିର୍ବାଚନ ପାଇଁ ଆଦର୍ଶ ବିଧି

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

ରାଜନୈତିକ ଦଳଗୁଡ଼ିକର ସମ୍ବିଧାନ ଅନୁଯାୟୀ ସାଂଗଠନିକ ନିର୍ବାଚନ ପାଇଁ ଆଦର୍ଶ ବିଧି ପ୍ରଣୟନ ନିମନ୍ତେ ହୋଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ଗୁରୁବାର ନିର୍ବାଚନ କମିଶନ (ଇସି)ଙ୍କଠାରୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ଜ୍ୟୋତି ସିଂ ପିଟିଶନର ଶୁଣାଣି କରି ଇସିକୁ ନୋଟିସ ଜାରି କରିବା ସହ ତୁରନ୍ତ ଜବାବ ଦାଖଲ କରିବାକୁ କହିଛନ୍ତି। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୩କୁ ଧାର୍ଯ୍ୟ ହୋଇଛି। ପୂର୍ବରୁ ହାଇକୋର୍ଟ ଆବେଦନକାରୀ ଆଇନଜୀବୀ ସି. ରାଜଶେଖରନ୍‌ଙ୍କୁ ଇସିଙ୍କ ନିକଟରେ ଆବେଦନ କରିବାକୁ ପରାମର୍ଶ ଦେଇ ପିଟିଶନ ଖାରଜ କରିଦେଇଥିଲେ। ତେବେ ଇସି ଦେଇଥିବା ଉତ୍ତରରେ ସନ୍ତୁଷ୍ଟ ନହୋଇ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଞ୍ଜୟ ନିରୁପମଙ୍କୁ କ୍ଷମା ମାଗିଲେ ପୂର୍ବତନ ସିଏଜି

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

କଂଗ୍ରେସ ନେତା ସଞ୍ଜୟ ନିରୁପମଙ୍କ ବିରୋଧରେ ଭୁଲ୍ ମନ୍ତବ୍ୟ ଦେଇଥିବାରୁ ପୂର୍ବତନ ସିଏଜି ବିନୋଦ ରାୟ ଏଥିପାଇଁ ନିଃସର୍ତ୍ତ କ୍ଷମା ମାଗିଛନ୍ତି।


ବିନୋଦ ରାୟ

୨ଜି ସ୍ପେକ୍ଟ୍ରମ ଆବଣ୍ଟନ ଦୁର୍ନୀତି ସମ୍ପର୍କିତ ସିଏଜି ରିପୋର୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନାମ ନ ରଖିବା ପାଇଁ ଚାପ ପକାଇଥିବା କେତେଜଣ ଏମ୍‌ପିଙ୍କ ମଧ୍ୟରେ ସଞ୍ଜୟ ଥିଲେ ବୋଲି ବିନୋଦ ୨୦୧୪ରେ ତାଙ୍କ ଲିଖିତ ଏକ ପୁସ୍ତକରେ ଅଭିଯୋଗ କରିବା ସହ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବାବେଳେ କହିଥିଲେ। ଏଥିପାଇଁ ସଞ୍ଜୟ ପୂର୍ବତନ ସିଏଜିଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ବିନୋଦଙ୍କ କ୍ଷମା ପ୍ରାର୍ଥନାକୁ ସଞ୍ଜୟ ଗ୍ରହଣ କରିଥିବା କହିବା ପରେ ପଟିଆଲା ହାଉସ୍‌ର ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟ ଉକ୍ତ ମାମଲାକୁ ରଫାଦଫା କରିଦେଇଛନ୍ତି।

## ନଭେମ୍ବର ୩୦ ଯାଏ ବଢ଼ିଲା କଣ୍ଟେନମେଣ୍ଟ କଟକଣା

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

କେତେକ ରାଜ୍ୟର ନିର୍ଦ୍ଦିଷ୍ଟ ଅଞ୍ଚଳରେ କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ବଢୁଥିବାରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସେଥିପାଇଁ କେନ୍ଦ୍ର ସରକାର କୋଭିଡ୍ କଣ୍ଟେନମେଣ୍ଟ କଟକଣାକୁ ନଭେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ସଂକ୍ରମଣ ରୋକିବା ଲାଗି ବର୍ତ୍ତମାନର କଟକଣା ନଭେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ ବୋଲି କହିଛନ୍ତି। ଦେଶରେ ମୋଟାମୋଟି ଭାବେ ସଂକ୍ରମଣ ହ୍ରାସ ପାଇ ଚାଲିଥିବାବେଳେ ଅଳ୍ପ କେତେକ ରାଜ୍ୟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ବୃଦ୍ଧି ପାଉଥିବାରୁ ଏହା ଚିନ୍ତାର କାରଣ ହୋଇଛି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ନିୟମିତ ଭାବେ ପଜିଟିଭିଟି ହାର, ହସ୍ପିଟାଲ ଏବଂ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀ ସଂଖ୍ୟା ଅନୁଧ୍ୟାନ କରିବା ଲାଗି ସ୍ୱରାଷ୍ଟ୍ର ସଚିବ ପରାମର୍ଶ ଦେଇଥିଲେ। ସମସ୍ତ ହିତାଧିକାରୀ ଯେପରି କୋଭିଡ୍ ଟିକା ନେଇପାରିବେ ଏବଂ ଯେଉଁମାନେ ପ୍ରଥମ ଡୋଜ୍ ନେଇଥିଲେ, ସେମାନଙ୍କୁ ଦ୍ୱିତୀୟ ଡୋଜ୍ ପ୍ରଦାନରେ ପ୍ରାଥମିକତା ଦେବା ଲାଗି ଭାଲ୍ଲା କହିଥିଲେ।

ଗତ ୨୪ ଘଣ୍ଟାରେ ୧୬,୧୫୬ ସଂକ୍ରମିତଙ୍କୁ ମିଶାଇ ଦେଶରେ ମୋଟ ସଂକ୍ରମଣ ସଂଖ୍ୟା ୩,୪୨,୩୧,୮୦୯ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୧,୬୦,୯୮୯ ରହିଛି, ଯାହାକି ଗତ ୨୪୩ ଦିନରେ ସର୍ବନିମ୍ନ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ବୁଧବାର ୭୩୩ ଜଣଙ୍କ ମୃତ୍ୟୁକୁ ମିଶାଇ ମହାମାରୀ ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୫୬,୩୮୬ରେ ପହଞ୍ଚିଛି।

## 'ପାକିସ୍ତାନ ବିଜୟରେ ଉତ୍ସବ ପାଳିବା ଦେଶଦ୍ରୋହ'

### ଆଗ୍ରାରୁ ୩ କଶ୍ମୀର ଛାତ୍ର ଗିରଫ

**ଆଗ୍ରା, ୨୮।୧୦:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚରେ ଭାରତ ବିରୋଧରେ ପାକିସ୍ତାନର ବିଜୟରେ ଉତ୍ସବ ମନାଇଥିବା ଜମ୍ମୁ-କଶ୍ମୀରର ୩ ଛାତ୍ରଙ୍କୁ ଉତ୍ତରପ୍ରଦେଶର ଆଗ୍ରାରୁ ଗିରଫ କରାଯାଇଛି। ଯେଉଁମାନେ ପାକିସ୍ତାନର ବିଜୟରେ ଉତ୍ସବ ପାଳିବେ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟୁଇଟ୍ କରି କହିଛନ୍ତି। ଗିରଫ ହୋଇଥିବା ୩ ଜଣ ରାଜା ବଳୱନ୍ତ ସିଂ କଲେଜର ଇଞ୍ଜିନିୟରିଂ ଛାତ୍ର। ସେମାନେ ଧର୍ମ ଆଧାରରେ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା ସହ ସାଇବର ଆତଙ୍କବାଦରେ ସମ୍ପୃକ୍ତ ଥିବା ନେଇ ମାମଲା ରୁଜୁ ହୋଇଛି। କଲେଜ କର୍ତ୍ତୃପକ୍ଷ ଉକ୍ତ ୩ ଛାତ୍ରଙ୍କୁ ସୋମବାର ନିଲମ୍ବନ କରିଥିଲେ।

## ସରକାରଙ୍କୁ ମିଳିଥିବା କ୍ଷମତା ଜନମଙ୍ଗଳ ପାଇଁ ଉଦ୍ଦିଷ୍ଟ

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

କେବଳ ଜନସାଧାରଣଙ୍କ ମଙ୍ଗଳ ନିମନ୍ତେ ବ୍ୟବହାର କରିବାକୁ ସରକାରଙ୍କୁ କ୍ଷମତା ମିଳିଛି ଏବଂ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଲାଗି ଏହା ରାଷ୍ଟ୍ର ଉପରେ ଦାୟିତ୍ୱ ନ୍ୟସ୍ତ କରିଥିବା ସୁପ୍ରିମକୋର୍ଟ କହିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ୨୦୧୫ ଅଗଷ୍ଟର ଏକ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ଏକ ପିଟିଶନର ଶୁଣାଣିବେଳେ ସୁପ୍ରିମକୋର୍ଟ ଉପରୋକ୍ତ ମତ ଦେଇଛନ୍ତି। ଗୁରୁଗ୍ରାମ-ମାନେସାର ଅର୍ବାନ କମ୍ପ୍ଲେକ୍ସ ଚୂଡ଼ାନ୍ତ ଉନ୍ନୟନ ଯୋଜନାରେ ସାମୂହିକ ଗୃହ



ନିର୍ମାଣ ନିମନ୍ତେ ଲାଇସେନ୍ସ ପ୍ରଦାନ ପାଇଁ ହରିୟାଣା ସରକାର ଗ୍ରହଣ କରିଥିବା 'ପ୍ରଥମେ ଆସ ପ୍ରଥମେ ପାଅ' (ଏଫ୍‌ସିଏଫ୍‌ଏସ୍) ନୀତି ଠିକ୍ ନୁହେଁ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ କହିବା ସହ ଲାଇସେନ୍ସକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ୨୦୧୦ ଅକ୍ଟୋବରରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ଏବଂ ୨୦୧୧ ମେ'ରେ ପ୍ରକାଶିତ ଚୂଡ଼ାନ୍ତ ଉନ୍ନୟନ ଯୋଜନାର ଅନୁଧ୍ୟାନ କରିଥିଲେ ହେଁ ଏଫ୍‌ସିଏଫ୍‌ଏସ୍ ଆଧାରରେ ଲାଇସେନ୍ସ ଦିଆଯିବା ସମ୍ପର୍କରେ ଉଲ୍ଲେଖ ନ ଥିବା ଜାଣିବାକୁ ପାଇଥିଲେ। ରାଜ୍ୟ ସରକାରଙ୍କ ଏଫ୍‌ସିଏଫ୍‌ଏସ୍ ନୀତି ତ୍ରୁଟିପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ ୨୭ ପୃଷ୍ଠାର ରାୟରେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୬୦,୨୬,୦୭୭ | ୪୯,୯୨,୩୪୯ | ୨୨,୨୯,୩୨,୭୯୦ |
| ଭାରତ | ୩,୪୨,୪୨,୧୮୫ | ୪,୫୭,୧୬୫ | ୩,୩୬,୧୫,୧୮୨ |
| ଓଡ଼ିଶା | ୧୦,୪୦,୨୩୦ | [୮]୩୨୨(+୫୩) | ୧୦,୨୭,୬୫୪ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୩ ଦିନ ଭୋଟ ଗଣନା

## ପଞ୍ଚାୟତ ନିର୍ବାଚନ

### ବାଲଟରେ ହେବ ମତଦାନ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

୨୦୨୨ ଫେବୃୟାରୀରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟଗ୍ରହଣ ଇଭିଏମ୍ ବଦଳରେ ବାଲଟ ପେପରରେ ହେବ। ଏଥିସହିତ ଭୋଟଗଣତି କ୍ରମାଗତ ୩ ଦିନ ଧରି ଚାଲିବ। ପ୍ରଥମ ଥର ପାଇଁ ବ୍ଲକସ୍ତରରେ ଭୋଟଗଣତି ହେବାକୁ ଥିବାରୁ ନଭେମ୍ବର ୧୫ତାରିଖ ସୁଦ୍ଧା ଭୋଟ ଗଣତି କେନ୍ଦ୍ରଗୁଡ଼ିକର ତାଲିକା ପଠାଇବାକୁ ଜିଲାପାଳମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ପଞ୍ଚାୟତ ନିର୍ବାଚନ ପରିଚାଳନା ଓ ପ୍ରସ୍ତୁତି ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି କରାଯାଇଛି। ଏଥିରେ ନିର୍ବାଚନ ପାଇଁ ଭୋଟଗଣତି କେନ୍ଦ୍ରଠୁ ଆରମ୍ଭ କରି ଷ୍ଟ୍ରଙ୍ଗରୁମ(ବାଲଟ ବାକ୍ସ ରହିବା ସ୍ଥାନ), ଭୋଟ ଗଣତି ସ୍ଥାନ, ସମୟ , ଗଣନା ପାଇଁ ନିର୍ବାଚନ ଅଧିକାରୀ ନିଯୁକ୍ତି, ଗଣନା ପାଇଁ କର୍ମଚାରୀଙ୍କୁ ନିଯୁକ୍ତି, କର୍ମଚାରୀଙ୍କୁ ପ୍ରଶିକ୍ଷଣ, ପ୍ରାର୍ଥୀଙ୍କ ଏଜେଣ୍ଟ ନିଯୁକ୍ତି, ଗଣତି ଆରମ୍ଭ, ଗଣନା ସମୟରେ ସୁରକ୍ଷା ବ୍ୟବସ୍ଥା, ଗଣନା କେନ୍ଦ୍ରକୁ ଅନୁମତି, ବାଲଟ ବାକ୍ସ ପରିବହନ, ଭୋଟ ଗଣତି, ଗଣତି ଟେବୁଲ, ପୁନଃଗଣତି, ବାଲଟ ପେପରକୁ ସିଲ୍ ଆଦି ସମ୍ପର୍କରେ ଗାଇଡଲାଇନ୍ ଜାରି କରାଯାଇଛି।

୨୦୧୭ ଭଳି ଆଗାମୀ ନିର୍ବାଚନରେ ବାଲଟ ପେପରରେ ଭୋଟରମାନେ ନିଜର ମତାଧିକାର ସାବ୍ୟସ୍ତ କରିବେ। ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ବାଲଟ ପେପର ଉଦ୍ଦିଷ୍ଟ ରହିବ। ପ୍ରଥମଥର ପାଇଁ ବ୍ଲକରେ ଭୋଟଗଣତି ହେଉଥିବାରୁ ସୁରକ୍ଷା ଓ ଭୋଟଗଣତି କେନ୍ଦ୍ର ଚୟନ କାର୍ଯ୍ୟକୁ କଡ଼ାକଡ଼ି କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଗାଇଡଲାଇନରେ କମିଶନ ଦର୍ଶାଇଛନ୍ତି ଯେ, ଜିଲା ପରିଷଦ ଜୋନ ୱାରି ଗଣନା ବ୍ଲକରେ କରାଯିବ। ଗୋଟିଏ ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ସମସ୍ତ ପଞ୍ଚାୟତର ଗଣନା କ୍ରମାନ୍ୱୟନରେ ହେବ। ପ୍ରଥମ ଦିନ ବ୍ଲକର ପ୍ରଥମ ଜିଲା ପରିଷଦ ଜୋନର ଗଣନା ହେବ। ଦ୍ୱିତୀୟ ଦିନ ଦ୍ୱିତୀୟ ଜିଲା ପରିଷଦ ଓ ତୃତୀୟ ଦିନରେ ୩ ଓ ୪ନମ୍ବର ଜୋନ ଗଣନା ହେବ। ଗୋଟିଏ ଜୋନରେ ଥିବା ସମସ୍ତ ପଞ୍ଚାୟତର ଭୋଟ୍ ଗଣନା ପାଇଁ ଗୋଟିଏ ଲେଖାଏଁ ଟେବୁଲ ରହିବ। କେଉଁ ଟେବୁଲରେ କେଉଁ କର୍ମଚାରୀ ବସି ଗଣନା କରିବେ ତାହା ଲଟେରୀ ମାଧ୍ୟମରେ ନିର୍ବାଚନ ଅଧିକାରୀ ନିର୍ଦ୍ଧାରଣ କରିବେ। ଗୋଟିଏ ଟେବୁଲରେ ଗଣନା ନିମନ୍ତେ ଜଣେ ସୁପରଭାଇଜର, ୨ ଜଣ ଗଣନା କର୍ମଚାରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିୟୋଜିତ ରହିବେ।

ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଗଣନା ହେଉଥିବା ଟେବୁଲ ନିକଟରେ ଭଲ ଭାବେ ଦେଖାଯାଉଥିବା ବେଞ୍ଚ ନିକଟରେ ବସିବେ। ଯଦି କୌଣସି କାରଣରୁ ଧାର୍ଯ୍ୟ ସମୟ ମଧ୍ୟରେ ଭୋଟଗଣତି ନ ସରିବ ତେବେ ତାହା ପରବର୍ତ୍ତୀ ଦିନ ସକାଳ ୮ଟା ପର୍ଯ୍ୟନ୍ତ ଜାରି ରହିପାରିବ। ଯେଉଁଦିନ ଯେଉଁ ଜୋନର ଭୋଟଗଣତି ସରିବ ସେହି ଦିନ ତା'ର ଘୋଷଣା କରାଯିବ। ଭୋଟ ଗଣତିବେଳେ ପ୍ରଥମେ ୱାର୍ଡମେମ୍ବରଙ୍କ ଭୋଟର ଗଣତି ହେବ। ଏହା ପରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ପାଇଥିବା ଭୋଟର ଗଣନା କରାଯିବ। କେବଳ ସେତିକି ନୁହେଁ କେଉଁ ପଞ୍ଚାୟତ ଅବା ବୁଥକୁ କେତେ ପରିମାଣର ବାଲଟ ପେପର ଯିବ ତାହା ଚୂଡ଼ାନ୍ତ କରିବା ନିମନ୍ତେ ଏକ ଫର୍ମୂଲା ମଧ୍ୟ ନିର୍ବାଚନ କମିଶନ ସମସ୍ତ ଜିଲାପାଳଙ୍କୁ ଦେଇଛନ୍ତି।

# ମୁଣ୍ଡଳୀ ବ୍ରିଜ୍‌ରୁ ଡେଇଁ ଯୁବକ ନିଖୋଜ

**ବାରଙ୍ଗ,୨୮।୧୦(ଡି.ଏନ୍.ଏ.)**

କିଛିଦିନର ବ୍ୟବଧାନ ପରେ କଟକସ୍ଥିତ ମୁଣ୍ଡଳୀ ବ୍ରିଜ୍‌ରେ ପୁଣି ଏକ ଅଘଟଣ ଦେଖିବାକୁ ମିଳିଛି। ଜଣେ ଯୁବକ ଗୁରୁବାର ଏକ ସ୍କୁଟିରେ ଆସି ମୁଣ୍ଡଳୀ ବ୍ରିଜ ଉପରେ ରହି ହଠାତ୍ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟଲୋକଙ୍କଠାରୁ ଖବରପାଇ ଘଟଣାସ୍ଥଳରେ ଓଡ୍ରାଫ୍ ଓ ବାରଙ୍ଗ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କ କୌଣସି ପତ୍ତା ପାଇପାରି ନ ଥିଲେ। ପରେ ବାରଙ୍ଗ ଥାନା ଓ ଗୋଡ଼ିସାହି ଫାଣ୍ଡି ପୋଲିସ ମଧ୍ୟ ଆସି ଘଟଣାର ତଦନ୍ତ ଚଳାଇ ଯୁବକଙ୍କ ପରିଚୟ ପାଇବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ନିଖୋଜ ଯୁବକ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଚନ୍ଦ୍ରମଣି ତ୍ରିପାଠୀ(୩୫)।




ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଓଡି୦୭-ପି-୧୨୮୬ନଂ ସ୍କୁଟି ଯୋଗେ ଚନ୍ଦ୍ରମଣି ଗୋଡ଼ିସାହି ଫାଣ୍ଡି ଅଧୀନ ମୁଣ୍ଡଳୀ ବ୍ରିଜ୍ ଉପରକୁ ଆସିଥିଲେ। ବ୍ରିଜ ଉପରେ ଗାଡି ରଖି କିଛି ମସୟ ବୁଲାବୁଲି କରିବାପରେ ସ୍କୁଟି ଉପରେ ହେଲମେଟ୍ ଓ ମୋବାଇଲକୁ ରଖି ବ୍ରିଜ୍‌ର ବାଡ଼ା ଉପରେ ଛିଡା ହୋଇ ଅଚାନକ ମହାନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ମାଛ ମାରୁଥିବା ମତ୍ସ୍ୟଜୀବୀଙ୍କ ସହ ବ୍ରିଜ ଉପରେ ଥିବା ସ୍ଥାନୀୟ ଲୋକମାନେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ, ଦମକଳ ଏବଂ ଓଡ୍ରାଫ ଟିମ୍ ଆସି ଖୋଜିବା ଆରମ୍ଭ କରିଥିଲେ ମଧ୍ୟ ଯୁବକଙ୍କ ସନ୍ଧାନ ପାଇ ନ ଥିଲେ। ତେବେ ସନ୍ଧ୍ୟା ହୋଇଯିବାରୁ ଯୁବକଙ୍କୁ ଖୋଜିବା ପ୍ରକ୍ରିୟା ବନ୍ଦ ରହିଥିଲା। ଅନ୍ୟପଟେ ସ୍କୁଟି ଉପରେ ଥିବା ମୋବାଇଲକୁ ଆସୁଥିବା କଲ୍‌କୁ ରିସିଭ କରି ପୋଲିସ ନିଖୋଜ ଯୁବକଙ୍କ ପରିଚୟ ପାଇ ପରିବାର ବର୍ଗଙ୍କୁ ସୂଚନା ଦେଇଥିଲା। ତେବେ ପୋଲିସ ପାଇଥିବା ସୂଚନା ଆଧାରରେ, ଚନ୍ଦ୍ରମଣି ପରିବାର ସହ ଭୁବନେଶ୍ୱର ନୟାପଲ୍ଲୀରେ ଭଡ଼ାରେ ରହିବା ସହ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ହେଲେ ଅପରାହ୍ନରେ କୌଣସି କାର୍ଯ୍ୟରେ ଯାଇ ଫେରୁଥିବା କଥା ପରିବାର ଲୋକଙ୍କୁ କହିଥିଲେ। କିନ୍ତୁ କାମ କରୁଥିବା ଘରୋଇ କମ୍ପାନୀର ଚାପ ଯୋଗୁ ଏପରି କରିଥିବାର ତାଙ୍କ ପରିବାର ଲୋକେ କହିଛନ୍ତି ବୋଲି ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଜାଣିବାକୁ ପାଇଛି।

# ପୂର୍ବତଟ ରେଳପଥର ୭ ଯୋଡ଼ା ପୂଜା ସ୍ପେଶାଲ

**ଭୁବନେଶ୍ୱର,୨୮।୧୦**

କୋଭିଡ୍ ସଂକ୍ରମଣ ଯୋଗୁ ବନ୍ଦ ରହିଥିବା ରେଳଯାତ୍ରା ଏବଂ ଯାତ୍ରୀସେବା ବର୍ତ୍ତମାନ ଧୀରେ ଧୀରେ ସୁଧୁରିବା ଉପରେ ରହିଛି। ଯାତ୍ରୀମାନେ ନିଜ ପରିବାର ସହ ପାର୍ବଣ ପାଳନ କରିବା ପାଇଁ ନିଜ ଜନ୍ମସ୍ଥାନକୁ ଯାଉଥିବା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଯାତ୍ରୀଙ୍କ ସୁବିଧା ପାଇଁ ପାର୍ବଣ ଋତୁରେ ଭାରତୀୟ ରେଳ ପକ୍ଷରୁ ଅନେକ କିଛି ସୁବିଧା ଓ ବ୍ୟବସ୍ଥା ଯାତ୍ରୀମାନଙ୍କୁ ସୁନିଶ୍ଚିତ କରି ଆବଶ୍ୟକ ସେବା ଯୋଗାଇ ଦେଇଛି। ରେଳ ଯାତ୍ରୀମାନଙ୍କ ସୁବିଧା ଏବଂ ପାର୍ବଣରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂରକରିବା ପାଇଁ ଭାରତୀୟ ରେଳ ଚଳିତ ବର୍ଷ ଦୁର୍ଗାପୂଜାଠାରୁ ଛଟ୍‌ପୂଜା ପର୍ଯ୍ୟନ୍ତ ୧୧୦ ସ୍ୱତନ୍ତ୍ର ଟ୍ରେନ୍ ଜରିଆରେ ୬୬୮ ଟ୍ରିପ୍ ଯାତ୍ରୀ ସେବା ଯୋଗାଇଛି। ଏହା ବ୍ୟତୀତ ନିୟମିତ ଟ୍ରେନ୍‌ଗୁଡିକରେ ବଗି ସଂଖ୍ୟା ବୃଦ୍ଧି ଏବଂ ବର୍ଥ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ପ୍ରୟାସ କରିଆସିଛି। ସେହିଭଳି ରେଳ ସେକ୍ଟରରେ ଦେଶର ପ୍ରମୁଖ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ର ସୁବିଧା ମଧ୍ୟ କରାଯାଇଛି। ବର୍ତ୍ତମାନ ସମୟରେ ୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମାରୁ ଏବଂ ଏହା ମଧ୍ୟ ଦେଇ ଚଳାଚଳ କରୁଛି। ଏହି ଟ୍ରେନ୍‌ଗୁଡିକ ହେଉଛି ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା, ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା, ପୁରୀ-ପାଟଣା-ପୁରୀ, ହାଓଡା-ପୁରୀ-ହାଓଡା, ଟାଟା-କାଚେଗୁଡା-ଟାଟା ଏବଂ ଚେନ୍ନାଇ ସେଣ୍ଟ୍ରାଲ-ସାନ୍ତ୍ରାଗଛି-ଚେନ୍ନାଇ ସେଣ୍ଟ୍ରାଲ ସ୍ପେଶାଲ ଟ୍ରେନ ଆଦି ଚଳାଚଳ କରୁଛି। ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ ଦେଶର ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକୁ ସଂଯୋଗ କରୁଥିବା ଅନେକ ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରୁଛି। ସଂରକ୍ଷିତ କୋଚ୍‌ରେ ଯାତ୍ରୀଙ୍କ କ୍ରମାଗତ ଭାବେ ପ୍ରବେଶ ପାଇଁ ଆର୍‌ପିଏଫ୍ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଟର୍ମିନାସ ଷ୍ଟେଶନରେ ଧାଡି ଗଠନ କରାଯାଇ ଭିଡ଼ ନିୟନ୍ତ୍ରଣ ସହ ଆବଶ୍ୟକ ପଦକ୍ଷେପକୁ ମଧ୍ୟ ନିଶ୍ଚିତ କରିଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଷ୍ଟେଶନରେ ଅତିରିକ୍ତ ଆର୍‌ପିଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ଟ୍ରେନଗୁଡିକର ଗମନାଗମନାକୁ ନିଶ୍ଚିତ କରିବାକୁ ପ୍ରମୁଖ ଷ୍ଟେଶନରେ ଜରୁରିକାଳୀନ ଡ୍ୟୁଟିରେ ବରିଷ୍ଠ ଅଧିକାରୀମାନେ ନିୟୋଜିତ ହୋଇଛନ୍ତି। ପ୍ରାଥମିକତା ଉପରେ ଟ୍ରେନ୍ ସେବାରେ ଯେପରି କୌଣସି ପ୍ରକାର ବ୍ୟାଘାତ ନ ଘଟେ ସେଥିପାଇଁ ମଧ୍ୟ କର୍ମଚାରୀମାନଙ୍କୁ ବିଭିନ୍ନ ବିଭାଗରେ ନିୟୋଜିତ କରାଯାଇଛି। ପ୍ଲାଟ୍‌ଫର୍ମ ନମ୍ବର ସହିତ ଟ୍ରେନର ଆଗମନ-ପ୍ରସ୍ଥାନ ବିଷୟରେ ବାରମ୍ବାର ଏବଂ ସମୟାନୁବର୍ତ୍ତୀ ଘୋଷଣା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ସେହିଭଳି ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି ବୁଥ୍‌ଗୁଡିକ ମଧ୍ୟ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ କାର୍ଯ୍ୟକ୍ଷମ କରାଯାଇଛି। ଯେଉଁଠାରେ ଯାତ୍ରୀମାନଙ୍କୁ ଉପଯୁକ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଆର୍‌ପିଏଫ୍ କର୍ମଚାରୀ ଏବଂ ଟିଟିଇମାନେ ନିୟୋଜିତ ହୋଇଛନ୍ତି।



**ଆଜିର ମନ୍ତବ୍ୟ**

"ଏନ୍‌ଏସ୍‌ଓ ଭଳି କମ୍ପାନୀକୁ ନିଜ ପ୍ରଡକ୍ଟ ବେସରକାରୀ ସଂସ୍ଥାଗୁଡ଼ିକୁ ବିକ୍ରି ପାଇଁ ଇସ୍ରାଏଲ ଅନୁମତି ଦେଇ ନ ଥାଏ। ପେଗାସସ୍ ସ୍ପାଏୱେର ବିବାଦ ଭାରତର ଆଭ୍ୟନ୍ତରୀଣ ବ୍ୟାପାର।"

– ନାଓର ଗିଲୋନ, ଭାରତରେ ଅବସ୍ଥାପିତ ଇସ୍ରାଏଲ ରାଷ୍ଟ୍ରଦୂତ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ବିଭୁ
ପରିବାରବର୍ଗ


ପିହୁ
ପରିବାରବର୍ଗ


ନୀଲମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୀମା ଟପିଲା ପ୍ରଦୂଷଣ ଯନ୍ତ୍ରଣା

## ଖାଦ୍ୟ ସାମଗ୍ରୀରେ ପାଉଁଶର ଆସ୍ତରଣ

## ସ୍ଥାୟୀ ସମାଧାନ ଦାବି କଲେ ବିସ୍ଥାପିତ କଲୋନୀବାସୀ

ସମ୍ବଲପୁର,୨୮।୧୦(ବ୍ୟୁରୋ)

ଘର ଭିତରେ ଓ ବାହାରେ ଯୁଆଡ଼େ ଦେଖିଲେ ପାଉଁଶର ଆସ୍ତରଣ। ଏପରି କି ଖାଦ୍ୟ ସାମଗ୍ରୀ, ଆସବାବପତ୍ର, ଗଛପତ୍ର, ରାସ୍ତାଘାଟ, ପୋଖରୀ ଏଥିରୁ ବାଦ୍ ପଡ଼ି ନାହିଁ। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୋଲି ଅଞ୍ଚଳରେ। ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପାୱାର ପ୍ଲାଣ୍ଟରୁ ପାଉଁଶ ଉଡ଼ି ବିସ୍ଥାପିତ ଆର୍.ଆର୍. କଲୋନୀବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଫଳରେ ବୁଧବାର ରାତିରୁ ଗୁରୁବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଥିଲା। ପରେ କମ୍ପାନୀ ଅଧିକାରୀ ବିସ୍ଥାପିତଙ୍କ ସହ ଆଲୋଚନା କରି ବୁଝାମଣା କରିବାକୁ ଚେଷ୍ଟା କରିଥିଲେ। ହେଲେ ବିସ୍ଥାପିତମାନେ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିଲେ। ଦାବି ପୂରଣ ନ ହେଲେ ସେମାନେ ସବୁଦିନ ପାଇଁ କମ୍ପାନୀ ଫାଟକରେ ତାଲା ପକାଇଦେବେ ବୋଲି ଗୁରୁବାର ବିସ୍ଥାପିତ କଲୋନୀ ନାଗବାବା ମନ୍ଦିରରେ ସାଧାରଣ ସଭାରେ ଚେତବନୀ ଦେଇଛନ୍ତି। ଠେଲକୋଲିର ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ରାଉତ କହିଛନ୍ତି, ପ୍ରତିଦିନ ଧୂଳି, ବାଲି ଓ ପାଉଁଶ ଗୁଣ୍ଡ ଯୋଗୁ ଜୀବନ ଦୁର୍ବିସହ ହୋଇପଡୁଛି। ବୁଧବାର କମ୍ପାନୀ ପ୍ଲାଣ୍ଟରୁ ହଠାତ୍ ପାଉଶଁ ଗୁଣ୍ଡ ଉଡ଼ି ସବୁଆଡ଼େ ଜମିଯାଇଥିଲା। ଏଥିଯୋଗୁ ରାତ୍ର ଭୋଜନ ପାଇଁ ରଖାଯାଇଥିବା ରନ୍ଧା ଖାଦ୍ୟ ଫିଙ୍ଗିବାକୁ ପଡ଼ିଥିଲା। ପରେ ଶତାଧିକ ମହିଳାପୁରୁଷ ଯାଇ କମ୍ପାନୀ ମୁଖ୍ୟ ଗେଟ୍ ବନ୍ଦକରି ଧାରଣା ଦେଇଥିଲେ। କମ୍ପାନୀ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ନେଇ ପ୍ରତିଶ୍ରୁତି ଦିଆଯିବା ପରେ ରାତ୍ର ସାଢେ ୧୧ଟାରେ ଲୋକମାନେ ଘରକୁ ଆସିଥିଲେ। ଗୁରୁବାର ସକାଳେ କଲୋନୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଥିଲା। ବିସ୍ଥାପିତଙ୍କୁ ଜମି ପଟ୍ଟା ଦିଆଯାଉ ନ ଥିବାରୁ ଆବାସ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଜମି ହରାଇଥିବା ପରିବାରକୁ ସ୍ଥାୟୀ ନିଯୁକ୍ତି ମିଳୁନାହିଁ। ଚାକିରି ସମୟରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉ ନାହିଁ ବୋଲି ଅଭିଯୋଗ ଆଣିଥିଲେ। ସଭା ପରେ କମ୍ପାନୀ ପକ୍ଷରୁ ଅଗ୍ନିଶମ ଗାଡି ଦ୍ୱାରା ପ୍ରତ୍ୟେକ ଘର, ରାସ୍ତା, ଗଛଗୁଡିକୁ ପାଣି ସିଞ୍ଚନ କରି ପାଉଁଶଗୁଣ୍ଡ ଧୁଆଯାଇଥିଲା। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ପ୍ରଶାସନିକ ମୁଖ୍ୟ ଡି. କେ. ସିହ୍ନା କହିଛନ୍ତି, ୪ଦିନ ପାୱାର ପ୍ଲାଣ୍ଟ ବନ୍ଦ ରହି ପୁଣି କାର୍ଯ୍ୟକ୍ଷମ ହେବା ପରେ ଧୂଳିଗୁଣ୍ଡ ବାହାରିଥିଲା। କମ୍ପାନୀ ପକ୍ଷରୁ ଗ୍ରାମରେ ସଭା କରି ଅଭିଯୋଗ ଉପରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ସମସ୍ୟାଗୁଡିକ ସମାଧାନ କରାଯିବ ବୋଲି ସେ କହିଥିଲେ।

# ସବୁ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାକୁ ଚେଷ୍ଟା ଚାଲିଛି

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍ ସିରିଜ୍' ଉଠାଣ ଗୁରୁବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକେ ସଞ୍ଚୟ କରିବା ଆବଶ୍ୟକ ବୋଲି କହିଥିଲେ। ଏଥି ସହିତ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଯେପରି ପହଞ୍ଚିପାରିବ ସେଥିପାଇଁ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ଏବଂ ସ୍ୱଳ୍ପ ସଞ୍ଚୟ ପ୍ରତିନିଧିମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରପତି ପ୍ରତାପ କୁମାର ପାତ୍ର, ପ୍ରଫେସର ହୃଷୀକେଶ ମହାନ୍ତି ଓ ଅବସରପ୍ରାପ୍ତ ଓଡ଼ିଶା ଅର୍ଥସେବା ଅଧିକାରୀ ସିଦ୍ଧାର୍ଥ କାନୁନ୍‌ଗୋଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉଠାଣରେ ୨୪୨୮ ଜଣ ବିଜେତାଙ୍କୁ ୭ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅର୍ଥ ବିଭାଗ ଉପଶାସନ ସଚିବ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖୁବ୍‌ଶୀଘ୍ର ଏହି ଉଠାଣର ଫଳାଫଳ ସଂକ୍ରାନ୍ତୀୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଅର୍ଥ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ନଭେମ୍ବର ୬ରେ ବିଜେଡିରେ ଯୋଗଦେବେ ପ୍ରଦୀପ ମାଝି

ଭୁବନେଶ୍ୱର (ବ୍ୟୁରୋ)/ ନବରଙ୍ଗପୁର(ବି.ପ୍ର.), ୨୮।୧୦

ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଆସନ୍ତା ନଭେମ୍ବର ୬ ତାରିଖରେ ବିଜେଡିରେ ଆନୁଷ୍ଠାନିକଭାବେ ଯୋଗଦେବେ। ଏହି ମିଶ୍ରଣ ପର୍ବ ନିଜ ନିର୍ବାଚନ ମଣ୍ଡଳୀ ନବରଙ୍ଗପୁରରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେବେ। ଏଥିସହିତ ବିଜେଡିର ସ୍ଥାନୀୟ ବିଧାୟକ, ଏମ୍‌ପି ଓ ଦଳୀୟ ନେତାଙ୍କ ଉପସ୍ଥିତିରେ ପ୍ରଦୀପ ନିଜର ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦେବେ ବୋଲି କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଦୀପ ଅକ୍ଟୋବର ୨୨ରେ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଗତ କିଛି ବର୍ଷ ହେବ ରାଜ୍ୟରେ କଂଗ୍ରେସର ସ୍ଥିତି ସେତେଟା ଭଲ ନାହିଁ। ନିଜର ଭବିଷ୍ୟତ ପାଇଁ ପ୍ରଦୀପ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଉଥିବା ନେଇ ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାରୁ...

### ଆର୍ଯ୍ୟନ ଖାନ୍‌ଙ୍କୁ...

ତେବେ ଗିରଫଦାରିର ୨୫ ଦିନ ପରେ ସାମ୍ବ୍ରେଙ୍କ ଜଣିକିଆ ଖଣ୍ଡପୀଠ ଜାମିନ ଆବେଦନକାରୀଙ୍କ ପିଟିଶନର ବିଚାର ଶେଷକରି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ସାମ୍ବ୍ରେ କହିଛନ୍ତି, ଅଭିଯୁକ୍ତ ଆର୍ଯ୍ୟନ ଏବଂ ଅନ୍ୟ ୨ ସହଅଭିଯୁକ୍ତଙ୍କ ଆବେଦନକୁ ଅନୁମତି ମିଳିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରାୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବ। ଆର୍ଯ୍ୟନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀମାନେ କ୍ୟାଶ୍ ବେଲ୍ ଦାଖଲ ପାଇଁ ଖଣ୍ଡପୀଠଙ୍କ ଅନୁମତି ଲୋଡ଼ିଥିଲେ, ଯାହାକୁ ଜଷ୍ଟିସ୍ ସାମ୍ବ୍ରେ ମନା କରିବା ସହ ମୁଚାଲିକା ଦେବାକୁ କହିଥିଲେ। ଜାମିନ ଶୁକ୍ରବାର ଦିଆଯାଇଥାଆନ୍ତା, କିନ୍ତୁ ଆଜି ଦିଆଯାଉଛି ବୋଲି ବିଚାରପତି କହିଥିଲେ। ସେଣ୍ଟ୍ରାଲ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ଥିବା ଆର୍ଯ୍ୟନ ଖାନ୍‌ଙ୍କ ଲିଗାଲ ଟିମ୍ ଶୁକ୍ରବାର ପର୍ଯ୍ୟନ୍ତ ତାଙ୍କ ମୁକ୍ତି ପାଇଁ ଔପଚାରିକତା ପୂରଣ ସକାଶେ ଉଦ୍ୟମ କରିବେ ନାହିଁ। ଇତିମଧ୍ୟରେ ହାଇକୋର୍ଟଙ୍କ ଜାମିନ ଅନୁମତିକୁ ନେଇ ବଲିଉଡ୍‌ରେ ଖୁସିର ଲହର ଖେଳିଯାଇଛି। ରାହୁଲ ଡୋଲକିଆ, ସୁଧୀର ମିଶ୍ର, ଆର୍. ମାଧବନଙ୍କ ଭଳି ଅନେକ ସିନେ ବ୍ୟକ୍ତିତ୍ୱ ଅଦାଲତଙ୍କ ରାୟକୁ ସ୍ୱାଗତ କରି ଉତ୍ସବ ମନାଇଛନ୍ତି। ଟୁଇଟରରେ ମଧ୍ୟ ବହୁ ୟୁଜର୍ସ ଖୁସି ବ୍ୟକ୍ତ କରିଛନ୍ତି।

### ଏନ୍‌ସିବି ସହଯୋଗୀ...

ଏହି ମାମଲାର ରଫାଦଫା କରି ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ଟଙ୍କା ଦାବି କରିଛନ୍ତି। ସେଥିରୁ ୱାଙ୍ଖଡ଼େଙ୍କୁ ୮ କୋଟି ଟଙ୍କା ଦିଆଯିବ ବୋଲି ଫୋନ୍‌ରେ ଗୋସାଭି କହିଥିବା ସୈଲ ପ୍ରଘଟ କରିଥିଲେ। ତେବେ ରାନ୍‌ସମ (ମୁକ୍ତି ଅର୍ଥ) ଦାବି ଅଭିଯୋଗକୁ ଗୋସାଭି ସୋମବାର ଖଣ୍ଡନ କରିବା ସହ ସେ ଲକ୍ଷ୍ନୌ ପୋଲିସ ନିକଟରେ ଆତ୍ମସମର୍ପଣ କରିବେ ବୋଲି କହିଥିଲେ। ଗୁରୁବାର ପୋଲିସ କମିଶନର ଅମିତାଭ ଗୁପ୍ତା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୩ ବର୍ଷ ପୂର୍ବରୁ ହୋଇଥିବା ଏକ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ଗୋସାଭିଙ୍କ ବିରୋଧରେ ୨୦୧୯ରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ରାନ୍‌ସମ ବିବାଦ ସାମ୍ନାକୁ ଆସିବା ପରେ ଗୋସାଭି ହଠାତ୍ ଫେରାର ହୋଇଯାଇଥିଲେ। ଏପରି କି ସେ ଆତ୍ମସମର୍ପଣ କରିବେ ବୋଲି ମଧ୍ୟ କହୁଥିଲେ। କିନ୍ତୁ ଗୋସାଭି ଧରା ଦେଇ ନ ଥିଲେ। ସେ ଷ୍ଟପ୍ କ୍ରାଇମ୍ ଅର୍ଗାନାଇଜେଶନ ନାମକ ଏକ ଏନ୍‌ଜିଓରେ କାମ କରନ୍ତି ଏବଂ ତାଙ୍କ ନାମ ସଚିନ ପାଟିଲ କହି ହୋଟେଲଗୁଡ଼ିକରେ ରହୁଥିଲେ। ଏପରି କି ସେ ଏକ ଡିଟେକ୍ଟିଭ୍ ଏଜେନ୍ସି ଚଳାଉଥିବା ମଧ୍ୟ ଅନେକ ସମୟରେ ପରିଚୟ ଦେଉଥିଲେ। ପୁଣେର କତରାଜ ଅଞ୍ଚଳରେ ଥିବା ଏକ ଲଜ୍‌ରୁ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଛି।

ପ୍ରକାଶ ଯେ, ଏନ୍‌ସିବି ପକ୍ଷରୁ ଚଢ଼ାଉ ବେଳେ ଅଧିକାରୀମାନଙ୍କ ସହ କ୍ରୁଜ୍ ଜାହାଜକୁ ଗୋସାଭି ଯାଇଥିଲେ। ଆର୍ଯ୍ୟନଙ୍କ ଗିରଫଦାରି ପରେ ତାଙ୍କ ସହ ଗୋସାଭି ସେଲ୍ଫି ନେଇଥିଲେ, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏପରି କି ସେ ଏନ୍‌ସିବି ଅଫିସକୁ ମଧ୍ୟ ଯାଇଥିଲେ। ପ୍ରାୟ ୨୦ ଜଣଙ୍କୁ ଗିରଫ କରିଥିବା ଏନ୍‌ସିବି ଗୋସାଭିଙ୍କୁ ଏହି ମାମଲାର 'ସ୍ୱାଧୀନ ସାକ୍ଷୀ' ଆଖ୍ୟା ଦେଇଥିଲା। ଗୋସାଭିଙ୍କୁ ଗିରଫ କରିବା ପୂର୍ବରୁ ପୁଣେ ପୋଲିସ ତାଙ୍କ ସହଯୋଗୀ ଶେରବାନୋ କୁରୋଶୀଙ୍କୁ ଉକ୍ତ ଠକେଇ ମାମଲାରେ ଧରିଥିଲା। ୨୦୧୮ରେ ଚିନ୍ମୟ ଦେଶମୁଖ ନାମକ ଜଣେ ବ୍ୟକ୍ତି ଫାରସଖାନା ଥାନାରେ ଏତଲା ଦେଇଥିଲେ। ଚିନ୍ମୟଙ୍କ ଅଭିଯୋଗ ହେଲା, ମାଲେସିଆର ହୋଟେଲ ଶିଳ୍ପରେ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଗୋସାଭି ତାଙ୍କଠାରୁ ୩.୦୯ ଲକ୍ଷ ଟଙ୍କା ଠକି ନେଇଥିଲେ। ଶେରବାନୋଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଉକ୍ତ ଅର୍ଥ ପଠାଯାଇଥିଲା। ତେବେ ସଦ୍ୟ ରାନ୍‌ସମ ବିବାଦ ସାମ୍ନାକୁ ଆସିବା ପରେ ଗୋସାଭି ବିଦେଶକୁ ଫେରାର ହେବା ଆଶଙ୍କା କରି ପୋଲିସ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଥିଲା।

### ପେଟ୍ରୋଲ ୩୫...

ପେଟ୍ରୋଲ ୧୦୬.୧୮ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ରାଜ୍ୟରେ ସର୍ବାଧିକ ତୈଳ ଦର ମାଲକାନଗିରିରେ ପେଟ୍ରୋଲ ୧୧୪.୮୩ ଟଙ୍କା ଥିବାବେଳେ ଡିଜେଲ ୧୧୧.୨୫ ଟଙ୍କାରେ କାରବାର ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୩୫ ପଇସା ବୃଦ୍ଧି ଘଟିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୭.୦୨ ଟଙ୍କା ଏବଂ ପେଟ୍ରୋଲ ୧୦୮.୨୯ ଟଙ୍କାରେ ପହଞ୍ଚିଛି। ଗତ ୬ ସପ୍ତାହ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୭.୧୦ ଟଙ୍କା ଏବଂ ଡିଜେଲ ୮.୪୦ ଟଙ୍କା ବଢ଼ିଥିବା ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

### ୯୦ ଦିନରେ ଟ୍ରାଏଲ...

ବାପା ସୁଚନ୍ଦ୍ରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। କଂଗ୍ରେସର ଆନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଏହି ଟିମ୍ ଆସିଛି। ତୁଳସୀଙ୍କୁ ଦିଲ୍ଲୀ ନେଲେ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ଦଳୀୟ ମୁଖ୍ୟ ଆଶ୍ୱାସନା ଦେଇଥିବା ସୂଚନା ଦିଆଯାଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ସୁର୍ଜେୱାଲା କହିଲେ, ମମିତା ମେହେର ହତ୍ୟାକାଣ୍ଡ ନିର୍ଭୟା କାଣ୍ଡକୁ ମନେ ପକାଇଦେଇଛି। ଜଗନ୍ନାଥଙ୍କ ଭୂମି ଓଡ଼ିଶାକୁ ବିଜେଡି ଅପରାଧ ପ୍ରଦେଶରେ ପରିଣତ କରିଦେଇଛି। ଏଭଳି ସ୍ପର୍ଶକାତର ଘଟଣାକୁ ଅତ୍ୟନ୍ତ ହାଲୁକା ଭାବରେ ନିଆଯାଉଥିବାବେଳେ ପୀଡ଼ିତାଙ୍କ ପରିବାର ନ୍ୟାୟ ପାଇଁ ଗୁହାରି କରୁଛନ୍ତି। ଏହି ଘଟଣାରେ ହତ୍ୟା ଅଭିଯୁକ୍ତଙ୍କ ସହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି, ଅନୁଷ୍ଠାନରେ ଛାତ୍ରୀଙ୍କୁ ଯୌନଶୋଷଣ ଏବଂ ଏଭଳି କାର୍ଯ୍ୟରେ ଶାସକ ବିଜେଡିର ଏକାଧିକ ନେତାମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଉଠିଛି। ତଥାପି ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ ହୋଇନାହିଁ କି ତାଙ୍କୁ ବହିଷ୍କାର କରାଯାଇନାହିଁ। ପୀଡ଼ିତା ପରିବାର ସହ କାନ୍ଧରେ କାନ୍ଧ ମିଶାଇ କଂଗ୍ରେସ ନ୍ୟାୟର ଲଢ଼େଇ ଲଢ଼ିବ ବୋଲି ସୁର୍ଜେୱାଲା କହିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବ ବୋଲି ନରସିଂହ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ହୋଇ ମମିତାଙ୍କୁ ନ୍ୟାୟ ଦାବି କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଜାଣି ଯେ କଥା କହେ**
**ତା' ମୁଣ୍ଡରେ ଟାକର,**
**ନ ଜାଣି ଯେ ସାକ୍ଷୀ ହୁଏ**
**ତା' ମୁଣ୍ଡରେ ଟାକର।**

କୌଣସି ବିଷୟରେ କିଛି ମତାମତ ଦେବା ପୂର୍ବରୁ ତା'ର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ହୋଇଥାଏ। କାରଣ ନ ବୁଝି ନ ସୁଝି କଥା କହିଲେ ପଛରେ ଅପଦସ୍ଥ ହେବାର ଭୟ ରହିଥାଏ। ସେହିପରି ସାକ୍ଷୀ ଦେବା ପୂର୍ବରୁ ପୂରା ଘଟଣା ବିଷୟରେ ଜାଣି ରଖିବା ଜରୁରୀ ହୋଇଥାଏ। ତା' ନ ହେଲେ ବିପଦରେ ପଡିବା ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନଡ଼ିଆ ଲଗେଇ ବଙ୍ଗଳା ଯା,**
**ଗୁଆ ଲଗେଇ ଘରେ ବସି ଥା।**

ନଡିଆ ଗଛ ଲଗେଇବା ପାଇଁ ବିଶେଷ ଯତ୍ନ କରିବା ଦରକାର ପଡି ନ ଥାଏ। ମାତ୍ର ଗୁଆ ଗଛର ବହୁ ଯତ୍ନ ନେବାକୁ ପଡେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**

ଦ୍ୱିଜା ନକ୍ଷତ୍ରର ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଆଗାମୀ ଆଶା ପୂର୍ଣ୍ଣ ହେବ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିପାରିବେ।

**ବୃଷ**

ରୋହିଣୀ ନକ୍ଷତ୍ରର ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପଡ଼ୋଶୀ ସାହାଯ୍ୟ କରିବେ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ହେତୁ ମନ ହାଲୁକା ହୋଇପାରେ। ପିଲାଙ୍କ ପଢ଼ା ସମସ୍ୟା, ସଭାସମିତିରେ ବିତର୍କଜନିତ ଅସ୍ଥିରତାର ସୂଚନା ରହିଛି।

**ମିଥୁନ**

ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘ ଦିନର ଆଶା ଓ ଅଭିଳାଷକୁ ସାକାର କରିବ। ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଆଜି ଅନୁକୂଳ। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**

ଏକ ନୂତନ ପରିବେଶରେ ଭିନ୍ନ ସ୍ୱାଦର ଅନୁଭୂତି ଲାଭ କରିବେ। ବନ୍ଧୁଙ୍କ ସାହାଯ୍ୟରୁ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରାଜନିତ ମନ ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**ସିଂହ**

ପାରିବାରିକ ସମସ୍ୟା ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ହାତ ଖାଲି ରହିବା କାରଣରୁ ମନର ସରସତା ଚାଲିଯିବ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ହେବେ। କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଧୁରା କାମକୁ ସମ୍ପନ୍ନ ଲାଗି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**

ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଦୂରଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଟୁ କଥା କହିପାରନ୍ତି।

**ତୁଳା**

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାର ଯୋଜନା କରିବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଷ୍ପତ୍ତି ବଦଳିଯାଇପାରେ।

**ବିଛା**

ସାଧାରଣ କଥାରେ ମନରେ ବିରକ୍ତି ଜାଗ୍ରତ ହେବା ସହ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ନିର୍ମାଣ, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**

ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ। ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ।

**ମକର**

ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ଏହା ସଙ୍ଗକୁ ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସୂଚନା ରହିଛି। ଅବହେଳା ଯୋଗୁ କେତେକ କାମରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ**

ଶୁକ୍ରଙ୍କ ଶୁଭ ପ୍ରଭାବରୁ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଉପରିସ୍ଥଙ୍କ କୃପାଦୃଷ୍ଟିରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ। ସାଧାରଣ କଥାରୁ ପାରିବାରିକ ଅଶାନ୍ତି ସୃଷ୍ଟି ସୂଚନା ରହିଛି।

**ମୀନ**

କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆର୍ଥିକ ସ୍ୱଚ୍ଛଳତା ସଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

# ବାଇକ୍ ଧକ୍କାରେ ପୂଜକ ମୃତ

**ପାଣିକୋଇଲି,୨୮।୧୦(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ଧକ୍କାରେ ଜଣେ ମନ୍ଦିର ପୂଜକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଣିକୋଇଲି ଶର୍ମା ଟାଙ୍କିସ୍ଥିତ ରାମ ମନ୍ଦିରର ପୂଜକ ଅଲେଖ ଦାସ (୫୪)। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଠାକୁରଙ୍କ ନୀତି ସାରି କଦଳୀ ପତ୍ର ପାଇଁ ସେ ରାସ୍ତା ପାରିହେବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ନାଲି ରଙ୍ଗର ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଅଲେଖ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ ଘଟିଥିଲା।


# classifieds

**Everyday 0674-2580101, 2549302**










**SALE**

**Four Bedroom new construction Triplex sale near Gandamunda Chhak, Pokhariput, BBSR. Cost @1.25crore, only buyer contact. Mob: 9938867397.** D-22057

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

Private plot sale Patrapada near DN Regalia Mall & Infocity-II, Bhubaneswar 999/- sqft., 9437335686, 7008487006. D-22040

**ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168.** D-71727

6BHK duplex finishing Hanspal ( Bank finance available), plot Atala- 9090970137 D-70960

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710




Residential/ educational/ institution at Sailashreevihar, DAV main road. 9437988244. D-22091

Kalinga Nagar Sum Hospital back 25X25 for Pharma/ Micro Office business. 9338089477. D-22090

2BHK House tolet at IRC Village, Bhubaneswar only family. 6370863428. D-71323

750sqft. furnished house, suitable for branch Office at District Centre, Chandrasekharpur- 7008520089, 8637263323. D-22098

A duplex bungalow with 3 Bedroom, Drawing room, Dining Hall with Modular Kitchen, Puja Room and Garage with 24hour Water Supply and security at Shri Jagannath Villa, Radhakrushna Nagar, Garage Chhaka, Lewis Road, BBSR. Contact No.- 9437138889. D-67638

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Ashirvaad Saloon and SPA get good massage for your health tha best therapy. 7077181074. D-71808

Take one hour any therapy just @800 only. Call- 9078484455. D-71430

Refreshing your mind and body with the best therapy. 7873794731. D-71191

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open full body massage ladies and gents. 8327740003. D-71805

Refresh with relaxing massage by experienced Male/Female therapist. 7008773793. D-71428

**AFFIDAVIT**

I Nirmal Kumar Behera, JC No-850236M Nb Sub(TA), S/o. Shri Mulia Behera, aged about 47 years, residing at Vill-Nagiapasi, PO- Beltikiri, Teh./ Dist.- Dhenkanal, State- Odisha. In my Army records my son name was wrongly entered as NITESH KUMAR BEHERA instead of his correct name NITISH BEHERA. Nirmal Kumar Behera (Father). D-70366

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଭୟାରଣ୍ୟରୁ ମାଈହାତୀର ମୃତଦେହ ଜବତ



ନାକଟିଦେଉଳ,୨୮।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବନଖଣ୍ଡ ଖଳାଶୁଣୀ ଅଭୟାରଣ୍ୟର କିସିଣ୍ଡା ରେଞ୍ଜ ଅନ୍ତର୍ଗତ କୁଲାଡ଼େରା ଜଙ୍ଗଲରୁ ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ନାକଟିଦେଉଳ ପ୍ରାଣୀଧନ ଚିକିତ୍ସକ ଡା. ଦେବାଶିଷ ପଣ୍ଡା ମୃତ ହାତୀର ବ୍ୟବଚ୍ଛେଦ କରିବା ପରେ ବିଭାଗ ପକ୍ଷରୁ ସେଠାରେ ଜେସିବି ସାହାଯ୍ୟରେ ଗାତ ଖୋଳି ପୋତି ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଗତ କିଛିଦିନ ହେଲା ଏକ ମାଈହାତୀ ଖଳାଶୁଣୀ ଅଭୟାରଣ୍ୟ ଅଞ୍ଚଳରେ ଅସୁସ୍ଥ ହୋଇ ଘୂରିବୁଲୁଥିଲା। କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ଅସୁସ୍ଥ ହାତୀର ଚିକିତ୍ସା ବ୍ୟବସ୍ଥା କରାଯିବା ସହ ଗତିବିଧି ଉପରେ ନଜର ରଖାଯାଇଥିଲା। ତେବେ ବୁଧବାର ସନ୍ଧ୍ୟାରେ ହାତୀଟିର ମୃତ୍ୟୁ ଘଟିଥିଲା। ଖବର ପାଇ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଠାବ କରିଥିଲେ। ଗୁରୁବାର ସକାଳୁ ବାମରା ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ, କିସିଣ୍ଡା ରେଞ୍ଜ ଅଧିକାରୀ ରବିନ କିସ୍କୁ, ଫରେଷ୍ଟର ଅନୁରାଧା ଖର୍ସେଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଫୁସ୍‌ଫୁସ ସଂକ୍ରମିତ ରୋଗ ଯୋଗୁ ଏହି ମାଈହାତୀଟିର ମୃତ୍ୟୁ ଘଟିଥିବା ଏବଂ ତା'ର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ରେଞ୍ଜ ଅଧିକାରୀ କିସ୍କୁ କହିଛନ୍ତି।

# ୨୨ ବର୍ଷରେ ମହାବାତ୍ୟା ସ୍ମୃତି ଏବେ ବି ଅଭୁଲା

ଏରସମା,୨୮।୧୦(ସ୍ୱ.ପ୍ର.)

ମହାବାତ୍ୟାର ଲୋମଟାଙ୍କୁରା ଘଟଣାବଳୀକୁ ଏବେବି ଲୋକେ ଭୁଲି ପାରିନାହାନ୍ତି। ୨୨ ବର୍ଷ ତଳେ ଅର୍ଥାତ୍ ୧୯୯୯, ଅକ୍ଟୋବର ୨୯ରେ ତାଣ୍ଡବ ରଚିଥିଲା ମହାବାତ୍ୟା। ଏବେବି ସେଦିନର ବିଭୀଷିକାପୂର୍ଣ୍ଣ କଥା ମନେପଡିଲେ ଛାତି ଥରିଉଠେ ବୋଲି ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକିର ପୂର୍ବତନ ସରପଞ୍ଚ ଶଙ୍କର ଚରଣ ସେଠୀ, ନଗରୀ କଲୋନୀର ନିବାସ ଫନ୍ଦକାର, ସୁବ୍ରତ ସାମନ୍ତ ଓ ଦହିବର ଗ୍ରାମର ଦେବଦତ୍ତ ଦାସ ଓ ଅର୍ଜୁନ ଜେନା କହିଛନ୍ତି। ସେଦିନ ମେଘ ସାଙ୍ଗକୁ ପବନ ଧ୍ୱଂସଲୀଳା ରଚିଥିଲା। ସମୁଦ୍ରରୁ ୩୦ ଫୁଟ ଉଚ୍ଚର ଲୁଣା ଜୁଆର ଉଠି ଏରସମାର ଭୌଗୋଳିକ ସ୍ଥିତିକୁ ଛାରଖାର କରି ଚାଲିଗଲା। ଏହାର ପ୍ରଭାବରେ ଅନେକ ଘରଦ୍ୱାର, ଗଛ ଭାଙ୍ଗିବା ସହ ଶତାଧିକ ମଣିଷ, ଜୀବଜନ୍ତୁଙ୍କ ଜୀବନ ଯାଇଥିଲା। ୨୨ ବର୍ଷ ତଳେ ବିନାଶ ଭିତରୁ



ସୂତ୍ରପାତ ହୋଇଛି ବିକାଶର ପର୍ବ। ତଥାପି ଏରସମାବାସୀଙ୍କ ମନରେ ସେଦିନର ଦୃଶ୍ୟ ଅଲିଭା ସ୍ମୃତି ହୋଇ ରହିଯାଇଛି।

## ଅସୁରକ୍ଷିତ ହୋଇପଡିଛି ବାତ୍ୟା ଆଶ୍ରୟସ୍ଥଳ

ପ୍ରକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଏହି ବ୍ଲକରେ ପ୍ରତିଷ୍ଠା କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳ ମରାମତି ଅଭାବରୁ ଅସୁରକ୍ଷିତ ହୋଇପଡିଲାଣି। ନିର୍ମାଣ କରାଯାଇଥିବା ୯୨ଟି ଆଶ୍ରୟସ୍ଥଳ ମଧ୍ୟରୁ ପୋର୍ଟ ଟ୍ରଷ୍ଟ ପକ୍ଷରୁ ୧୨ଟି ଓ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ୨୯ଟି ବହୁମୁଖୀ ଆଶ୍ରୟସ୍ଥଳ ମରାମତି ଅଭାବରୁ ଅସୁରକ୍ଷିତ ହୋଇପଡିଛି।

## ପରିବାରର ୨୪ ଜଣଙ୍କୁ ହରାଇଥିଲେ ଯମୁନା



ସମୁଦ୍ରଠାରୁ ୧୦ କିମି ଦୂରରେ ଅବସ୍ଥିତ ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ ନଗରୀ ଗାଁ। ଗାଁରେ ରହୁଥିବା ୬୬ ପରିବାରର ୨୭୬ ଜଣ ସଦସ୍ୟ ମହାବାତ୍ୟାରେ ପ୍ରାଣ ହରାଇ ଥିଲେ। ଅନେକ ନିଜ ପରିବାରର ସମସ୍ତ ସଦସ୍ୟଙ୍କୁ ହରାଇଥିଲେ। ଏହି ଗ୍ରାମର ଯମୁନା ଫନ୍ଦାକାର ନିଜ ପରିବାରର ୨୪ ଜଣଙ୍କୁ ହରାଇ ଥିଲେ। ପବନରେ ତାଙ୍କ ଚାଳ ଛପର ଉଡିଯାଇଥିଲା। ସମୁଦ୍ରରୁ ଜୁଆର ଉଠି ଆସିବାରୁ ସେମାନେ ଆଉ ଘରେ ରହିପାରିଲେ ନାହିଁ। ଜୀବନ ବିକଳରେ ଘର ଚାଳ ଉପରକୁ ଚଢ଼ି ଯାଇଥିଲେ। ମାତ୍ର ଝଡର ବେଗ ଭୟଙ୍କର ରୂପ ଧାରଣ କଲା। ଏତିକି ବେଳେ ଲୁଣା ଜୁଆର ପତନ ବୃଦ୍ଧି ପାଇବାରୁ କଚା କାନ୍ଥ ପଡିଗଲା। ଚାଳ ଭାସିଗଲା। ତା' ସହ ପରିବାରର ସଦସ୍ୟମାନେ କିଏ କୁଆଡେ ଭାସି ଗଲେ ତା'ର କିଛି ହିସାବ ରହିଲା ନାହିଁ। ଯମୁନା ନିଜର ଦେଢବର୍ଷର ପୁଅକୁ କୋଳରେ ଜାବୁଡି ଧରି ଲୁଣା ପାଣିରେ ଭାସି ଭାସି ୪ କିମି ଦୂର କୋଚିଲା ଗାଁରେ ଉପୁଡି ପଡିଥିବା ଏକ ବରଗଛରେ ଲାଗି ଥିଲେ। ସେଠାରେ କେତୋଟି ମୃତଦେହ ଓ ବିଷଧର ସର୍ପ ମେଳରେ ୨ ଦିନ ଥିଲେ। ଦେହରେ ଲୁଗା ନ ଥିବା ବେଳେ ଗଛ ପତ୍ର ଖାଇ ଜୀବନ ବଞ୍ଚାଇ ଥିଲେ। ଦେଢବର୍ଷର ପୁଅ ପାଣି ପବନରେ କୁଆଡେ ଖସିଗଲା, ସେକଥା ମନେ ପଡିଲେ ସେ କୋହ ସମ୍ଭରଣ କରିପାରନ୍ତି ନାହିଁ। ସ୍ୱାମୀ ସୁଶାନ୍ତ, ଶ୍ୱଶୁର ଅତୁଲ, ଦେଢଶୁର କାଳୀପଦ, ଦିଅର ଓ ଯାଆମାନଙ୍କ ସହ ୨୪ ଜଣଙ୍କୁ ହରାଇଛନ୍ତି। ଏବେ ଦେଢଶୁରଙ୍କ ପୁଅ ଭଗୀରଥଙ୍କ ପାଖରେ ଅବଶିଷ୍ଟ ଜୀବନ କାଟୁଥିବା କହିଛନ୍ତି ଯମୁନା।

# ସଙ୍କଟ ନୁହେଁ, ଦେଶରେ ନିଅଣ୍ଟିଆ ସ୍ଥିତି



ହିଙ୍ଗୁଳା ଏରିଆରେ ୱାଟର ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ।

ତାଳଚେର, (ନି.ପ୍ର.)/ ପାରାଦୀପ, ୨୮।୧୦(ସ୍ୱ.ପ୍ର.)

ଦେଶରେ କୋଇଲାର ସଙ୍କଟ ନୁହେଁ, କେବଳ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପ୍ରକାଶ କରିଛନ୍ତି। ଗୁରୁବାର ଦିନିକିଆ ତାଳଚେର ଗସ୍ତରେ ଆସି ଯୋଶୀ ରେଲୱେର ବିଭିନ୍ନ ସାଇଡିଂ ପରିଦର୍ଶନ କରିବା ସହ ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ ଓ ପ୍ରେରଣର ସମୀକ୍ଷା କରିଥିଲେ। ହିଙ୍ଗୁଳା ଏରିଆରୁ ଦୈନିକ ୨୨/୨୩ ରେକ୍ କୋଇଲା ପ୍ରେରଣରେ ଥିବା ସମସ୍ୟାର ସମାଧାନ କରିଥିଲେ। ନିଅଣ୍ଟିଆ କୋଇଲା ସ୍ଥିତି ପାଇଁ ଦେଶର କୌଣସି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ବନ୍ଦ ହୋଇନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ ଦାନ୍‌ଭେ, କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ, ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନା, ନିର୍ଦ୍ଦେଶକ ବୈଷୟିକ ଓ.ପି. ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ହିଙ୍ଗୁଳା ଏରିଆରେ ଏକ ୱାଟର ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## କୋଇଲା ମନ୍ତ୍ରୀଙ୍କ ପାରାଦୀପ ଓ ତାଳଚେରେ ଗସ୍ତ

ତାଳଚେର ଗସ୍ତ ପୂର୍ବରୁ ଦୁଇ କେନ୍ଦ୍ରମନ୍ତ୍ରୀ ପାରାଦୀପ ବନ୍ଦରରେ ପହଞ୍ଚି କୋଇଲା ଆମଦାନୀ, ରପ୍ତାନି ଓ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ହ୍ୟାଣ୍ଡଲିଂ ବ୍ୟବସ୍ଥା ବୁଲି ଦେଖାଇଥିଲେ। ପାରାଦୀପ ବନ୍ଦର ବାର୍ଷିକ ୨୫ ମିଲିୟନ ମେଟ୍ରିକ ଟନ୍ କୋଇଲା ହ୍ୟାଣ୍ଡଲିଂ କରୁଥିବା ବେଳେ ଯାନ୍ତ୍ରିକୀକରଣ ବ୍ୟବସ୍ଥାକୁ ମନ୍ତ୍ରୀ ଯୋଶୀ ପ୍ରଶଂସା କରିଥିଲେ। ପରେ ବନ୍ଦର ପ୍ରଶାସନିକ ଭବନରେ ବିଭାଗୀୟ ଅଧିକାରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ।

# ମିସ୍ ଫ୍ୟାଶନିଷ୍ଟ କ୍ରାଉନ ପିନ୍ଧିଲେ କ୍ରିଷ୍ଟା

ଚାନ୍ଦବାଲି,୨୮।୧୦(ଡି.ଏନ.ଏ.)

ମହାରାଷ୍ଟ୍ର ପୁଣେରେ ଅନୁଷ୍ଠିତ ମିସ୍ ଫ୍ୟାଶନିଷ୍ଟ-୨୦୨୧ରେ ବିଜୟୀ ହୋଇ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ପାଞ୍ଚପଡ଼ା ଗ୍ରାମର ଝିଅ କ୍ରିଷ୍ଟା ସାହୁ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ସେ ବିଜୟୀ କ୍ରାଉନ ପିନ୍ଧିଛନ୍ତି। ନିକଟରେ ପୁଣେର ସିଲଫିନା ମିଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ବଛା ବଛା ୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଗ୍ରାଣ୍ଡ ଫିନାଲେରେ କ୍ରିଷ୍ଟା ମିସ୍ କାଟାଗୋରି ବିଜେତା ହୋଇଛନ୍ତି। ଅବସରପ୍ରାପ୍ତ ଆର୍ମି ସୁବେଦାର ମେଜର ଗଙ୍ଗାଧର ସାହୁ ଏବଂ ଅମିତା ସାହୁଙ୍କ ଝିଅ କ୍ରିଷ୍ଟା। ଚାନ୍ଦବାଲିର ପ୍ରତିଷ୍ଠିତ ବ୍ୟବସାୟୀ ତଥା ସାମାଜିକ କର୍ମୀ ହରିହର ସାହୁଙ୍କ



ଅତିଥିଙ୍କଠାରୁ ମିସ୍ ଫ୍ୟାଶନିଷ୍ଟ କ୍ରାଉନ ପିନ୍ଧୁଛନ୍ତି କ୍ରିଷ୍ଟା ସାହୁ।

ନାତୁଣୀ। ଛୋଟ ବେଳୁ ଚାନ୍ଦବାଲିରେ ନିଜ ଅଜା ଏବଂ ଆଈଙ୍କ ପାଖରେ ବଢ଼ିଥିବା ବେଳେ ସ୍କୁଲ ସମୟରୁ ସେ ପାଠପଢ଼ା ସହ ନାଚ ଗୀତ, ମଡେଲିଂ ଆଉ ଆଙ୍କରିଂ କରି ବହୁ ସ୍ଥାନରେ ପୁରସ୍କୃତ ହୋଇଥିଲେ। ସେ ଜଣେ ସଫ୍ଟୱେର ଇଞ୍ଜିନିୟର। ୨୦୨୦ରେ କୋଭିଡ୍ ଲକ୍‌ଡାଉନ ସମୟରେ ଓଡ଼ିଶାରେ ସାର୍ଥକ ରଜ କୁଇନ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ଆଉ ଏବେ ପୁଣେରେ ମିସ୍ ଫ୍ୟାଶନିଷ୍ଟ ବିଜୟୀ ହେବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କ ଆଈ ଅଜାଙ୍କ ଆଶୀର୍ବାଦ ଏବଂ ଭଉଣୀ କାଜଲ ରାଣୀ ସାହୁଙ୍କ ସହଯୋଗ ପାଇଁ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି।

# ପ୍ରସବଦ୍ୱାର ପରିବର୍ତ୍ତେ ମଳଦ୍ୱାର ସିଲେଇ ଅଭିଯୋଗ

ପାଟଣା,୨୮।୧୦(ସ୍ୱ.ପ୍ର.)

ଡାକ୍ତରଖାନାରେ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଜଣେ ପ୍ରସୂତିଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଖସାପିଟା ସାହିର ଜଣେ ଗର୍ଭବତୀ ମହିଳାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଗତ ୧୯ ତାରିଖରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୦ରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୨୦ତାରିଖ ସକାଳେ ତାଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନ ସ୍ୱାଭାବିକ ପ୍ରସବ ହୋଇଥିଲା। କନ୍ୟା ସନ୍ତାନ ଜନ୍ମ ହେବା ପରେ ୪୮ଘଣ୍ଟା ପରେ ଡାକ୍ତର ପ୍ରସୂତିଙ୍କୁ ଡିସ୍‌ଚାର୍ଜ କରିବାରୁ ସେ ଘରକୁ ଫେରିଆସିଥିଲେ। ତେବେ ପରେ ତାଙ୍କର ଝାଡ଼ା ନ ହେବାରୁ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଆଶାକର୍ମୀଙ୍କ ସହାୟତାରେ ଗତ ସୋମବାର ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବାରୁ ପ୍ରସବ ଦ୍ୱାର ପରିବର୍ତ୍ତେ ତାଙ୍କ ମଳଦ୍ୱାରକୁ ସିଲେଇ କରାଯାଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ସିଡିଏମ୍‌ଓ ଅଶୋକ କୁମାର ଦାଶଙ୍କୁ ପଚାରିବାରୁ କହିଛନ୍ତି, ମହିଳା ଜଣଙ୍କ ବହୁ ବିଳମ୍ବରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଏବେ ସେ ସୁସ୍ଥ ଅଛନ୍ତି।

# ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଏଡିଜି



ଚିତ୍ରକୋଣ୍ଡାର ହନ୍ତାଳଗୁଡ଼ା, ଜାନବାଇ ବିଏସ୍‌ଏଫ୍ କ୍ୟାମ୍ପରେ ଏଡିଜି ସ୍ଥିତି ସମୀକ୍ଷା କରୁଛନ୍ତି।

ମାଲକାନଗିରି,୨୮।୧୦(ଡି.ଏନ୍.ଏ.)

ବିଏସ୍‌ଏଫ୍ ଏଡିଜି ପି.ଭି. ରାମଶାସ୍ତ୍ରୀ ଗୁରୁବାର ମାଲକାନଗିରି ଜିଲା ଗସ୍ତକରି ଜିଲାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେ ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡ଼ା ଏବଂ ଜାନବାଇ ବିଏସ୍‌ଏଫ୍ କ୍ୟାମ୍ପ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ମାଓବାଦୀ ଦମନ ନେଇ ସେ ଆଲୋଚନାକରି ରଣନୀତି ପ୍ରସ୍ତୁତ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଏଡିଜି ମାଲକାନଗିରି ଜିଲା ସଦର ମହକୁମାର ଏମ୍‌ଭି-୩ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପକୁ ଗସ୍ତକରି ମାଲକାନଗିରି ଏସ୍‌ପି ପ୍ରହଲାଦ ସହାଇ ମିନାଙ୍କ ସମେତ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଗସ୍ତରେ ବିଏସ୍‌ଏଫ୍ ଏଡିଜି ରାମଶାସ୍ତ୍ରୀ, ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଦାକୋଟି, ଡିଆଇଜି(ଓପିଏସ୍) ଧୀରେନ୍ଦ୍ର କୁମାର, ଡିଆଇଜି(ଜି) ବିପୁଳ ବୀର ଗୋସାଇଁ, କୋରାପୁଟ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ, ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ, ନବମ ବାଟାଲିୟନ କମାଣ୍ଡାଣ୍ଟ ଆର୍.ଏସ୍. ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ।

# ନନ୍ଦନକାନନକୁ ଆସିବ ଜନ୍ତୁ ଅଲଟ୍ରାସାଉଣ୍ଡ ମେଶିନ

ବାରଙ୍ଗ,୨୮।୧୦(ଡି.ଏନ୍.ଏ.)

ନନ୍ଦନକାନନରେ ଜୀବଜନ୍ତୁଙ୍କ ଜନ୍ମଗତ ସମସ୍ୟାର ସମାଧାନ ହେବ। ଗର୍ଭଧାରଣ କରିଛି କି ନାହିଁ, କେତେ ପିଲା ରହିଛନ୍ତି, ଜନ୍ମର ସମୟସୀମା ଏସବୁର ଏଣିକି ଠିକ ବିବରଣୀ ମିଳିପାରିବ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରଥମଥର ପାଇଁ ନନ୍ଦନକାନନକୁ ଆସିବ ଜନ୍ତୁ ଅଲଟ୍ରାସାଉଣ୍ଡ ମେଶିନ। ନନ୍ଦନକାନନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ହେଲ୍‌ଥ କମିଟି ଅନୁମୋଦନ କରିଛି। ଏଥିପାଇଁ କେବଳ ପ୍ରିନ୍ସପାଲ ଚିଫ୍ କନଜରଭେଟର ଅଫ୍ ଫରେଷ୍ଟସ୍(ପିସିସିଏଫ୍)ଙ୍କ ଅନୁମୋଦନ ବାକି ରହିଛି। ସମୁଦାୟ ୪୫ ଲକ୍ଷ ଟଙ୍କାର ବ୍ୟୟବରାଦରେ ନନ୍ଦନକାନନକୁ ଜନ୍ତୁ ଅଲଟ୍ରାସାଉଣ୍ଡ ମେଶିନ ଆସିବ।

## ପଶୁଙ୍କ ଗର୍ଭଧାରଣ, ଛୁଆ ଜନ୍ମ ସମ୍ପର୍କରେ ଜାଣିହେବ

ଏହାଦ୍ୱାରା ଶାବକ ଜନ୍ମ ହେବାର ପ୍ରକୃତ ବିବରଣୀ ଜଣାପଡିବ। ଏହି ମେଶିନ ମଧ୍ୟରେ ରହିଛି ୨୦ଲକ୍ଷ ଟଙ୍କା ମୂଲ୍ୟର ପ୍ରୋଟେବୁଲ ଏକ୍ସରେ ମେଶିନ, ୫ଲକ୍ଷ ଟଙ୍କା ମୂଲ୍ୟର ଅଲଟ୍ରାସାଉଣ୍ଡ ଗ୍ରାଫିକ୍ସ ମେଶିନ, ୧୦ଲକ୍ଷ ଟଙ୍କା ବ୍ୟୟବରାଦରେ ଗ୍ୟାସୀୟସ୍ ଆନାସ୍ଥାସିଆ ମେଶିନ ଓ ୧୦ଲକ୍ଷଟଙ୍କା ବ୍ୟୟରେ ଅନ୍ୟାନ୍ୟ ଆନୁଷଙ୍ଗିକ ମେଶିନ ଆସିବ। ଏଥିପାଇଁ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଛି। ଏହି ମେଶିନଆସିଲେବିଶେଷକରିବାଘ,ସିଂହ,ଜଙ୍ଗଲିକୁକୁରଆଦିପଶୁଙ୍କର ପ୍ରେଗେନ୍ସି ବିଷୟରେ ଠିକ ତଥ୍ୟ ଜଣାପଡ଼ିବ। ସେମାନଙ୍କ ପେଟରେ କେତେ ପିଲା ଅଛନ୍ତି, ଗର୍ଭଧାରଣ କରିଛନ୍ତି କି ନାହିଁ, ସେମାନଙ୍କ ଆକାର ଓ ଜନ୍ମ କରିବାର ଠିକ ତାରିଖ ଜଣାପଡିଯିବ। ଏଥିପାଇଁ ନନ୍ଦନକାନନରେ ଏକ ଅପରେଶନ ଥିଏଟର ଗଢାଯିବା ସହ ନୂଆକରି ଏକ ଭେଟେରିନାରି ଗୃହ ନିର୍ମାଣ କରାଯିବାର ଯୋଜନା ହେଉଛି। ଏହି ପଦ୍ଧତିକୁ ପ୍ରଥମେ ଗୁଜରାଟ ଚିଡ଼ିଆଖାନା ବ୍ୟବହାର କରିଥିବାବେଳେ ନନ୍ଦନକାନନରେ ଏହାକୁ ପ୍ରଥମଥର ପାଇଁ ବ୍ୟବହାର କରିବା ନିମନ୍ତେ ନିଷ୍ପତ୍ତି ନେବା ସହ ଏହି ମେଶିନ ମାର୍ଚ୍ଚ ସୁଦ୍ଧା ନନ୍ଦନକାନନକୁ ଆସିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

# ଭୁବନେଶ୍ୱରରେ ଆଜି ପହଞ୍ଚିବ ବିଜୟ ମଶାଲ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

## ୧୯୭୧ ଯୁଦ୍ଧ ବିଜୟର ୫୦ ବର୍ଷ ପୂର୍ତ୍ତି ପାଳନ

- ନଭେମ୍ବର ୫ରେ ପୁରୀ ସମୁଦ୍ରକୂଳରେ ବାଲୁକା କଳା ପ୍ରଦର୍ଶନୀ ସ୍ଥଳରେ ପହଞ୍ଚିବ ବିଜୟ ମଶାଲ
- ୬ରେ ବାଲେଶ୍ୱର ଯାତ୍ରା

୧୯୭୧ରେ ସଂଗଠିତ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟ ଲାଭର ୫୦ବର୍ଷ ପୂର୍ତ୍ତିପାଳନ ଉପଲକ୍ଷେ ଓଡ଼ିଶାରେ ଅମର ଯବାନ ଜ୍ୟୋତିର ସ୍ୱର୍ଣ୍ଣିମ ବିଜୟ ମଶାଲ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବ । ଏହି ବିଜୟ ମଶାଲ ତଥା ୧୯୭୧ ଯୁଦ୍ଧର ବୀର ଯବାନମାନଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ଷ୍ଟେଶନ ହେଡ୍‌କ୍ୱାର୍ଟର୍ସ ତରଫରୁ ଓଡ଼ିଶା ସରକାରଙ୍କ ସହଯୋଗରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆଇଏନ୍‌ଏସ୍ ଚିଲିକାଠାରେ ଥିବା ଏହି ବିଜୟ ମଶାଲ ମଧ୍ୟାହ୍ନ ୧୨ଟା ୩୦ରୁ ୧ଟା ୩୦ ମଧ୍ୟରେ ତମାଣ୍ଡୋଠାରେ ପହଞ୍ଚିବ। ଅପରାହ୍ନ୧ଟା ୩୦ ମିନିଟରୁ ଅପରାହ୍ନ ୩ଟା ମଧ୍ୟରେ ଭୁବନେଶ୍ୱର ୧୨୦ ବାଟାଲିୟନରେ ପହଞ୍ଚିବ । ଅକ୍ଟୋବର ୩୦ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଏହା ଭୁବନେଶ୍ୱର ଏବଂ ୪ ତାରିଖରେ କଟକରେ ରହୁଥିବା ୧୯୭୧ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ବୀର ଯବାନମାନଙ୍କ ଗୃହକୁ ବିଭିନ୍ନ ସମୟରେ ଯାତ୍ରା କରିବ । ଅକ୍ଟୋବର ୩୦ ତାରିଖ ଅପରାହ୍ନରେ ରାଜଭବନରେ ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ କରାଯିବା ସହ ବୀର ଯବାନମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ୩୧ ତାରିଖରେ ଜୟଦେବ ବିହାରସ୍ଥିତ ଆର୍‌ବିଏଲ୍ ବ୍ୟାଙ୍କଠାରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରାରେ ବିଜୟ ମଶାଲ ଖଣ୍ଡଗିରି, ପଳାସପଲ୍ଲୀ, ନବୀନ ନିବାସ, ଫରେଷ୍ଟ ପାର୍କ, ଶିଶୁ ଭବନ, ମାଉସୀମା ମନ୍ଦିର ଛକ ଦେଇ ହୋଟେଲ ଗ୍ରାଣ୍ଡ ଆସିବ । ଏହିଦିନ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୋଭିଡ୍ କଟକଣା ଅନୁପାଳନ ଦୃଷ୍ଟିରୁ ସେଠାରେ ସୀମିତ ସଂଖ୍ୟକ ଅତିଥି ଓ ଯୁଦ୍ଧ ବୀର ଯବାନମାନେ ଉପସ୍ଥିତ ରହିବେ । ନଭେମ୍ବର ୧ ତାରିଖ ସକାଳେ ବିଜୟ ମଶାଲ ସୈନିକ ସ୍କୁଲ ଯାତ୍ରା କରିବା ସହିତ ସେଠାରେ ସ୍କୁଲ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସେହିଦିନ ପୂର୍ବାହ୍ନରେ ବିଏସ୍‌ଏଫ୍ ଏବଂ ୨ ତାରିଖ ସକାଳେ ବିଜୟ ମଶାଲ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ୩ ତାରିଖରେ ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮ ଏବଂ ଏନ୍‌ସିସି କ୍ୟାମ୍ପ, ଆଦିବାସୀ ପଡ଼ିଆ,ୟୁନିଟ୍-୧ରେ ପହଞ୍ଚିବ । ୫ ତାରିଖ ସକାଳେ ବିଜୟ ମଶାଲ ପୁରୀ ସମୁଦ୍ରକୂଳଠାରେ ଆୟୋଜିତ ବାଲୁକା କଳା ପ୍ରଦର୍ଶନୀ ସ୍ଥଳରେ ପହଞ୍ଚିବ । ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବା ପରେ ବିଜୟ ମଶାଲ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାତ୍ରା କରିବ । ୬ ତାରିଖ ସକାଳେ ଏହା ବାଲେଶ୍ୱର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ୧୨୦ ବାଟାଲିୟନ ଷ୍ଟେଶନ ହେଡ୍‌କ୍ୱାର୍ଟର୍ସ, ଭୁବନେଶ୍ୱର ତରଫରୁ ସୂଚନା ଦିଆଯାଇଛି।

NAYAGARH AUTONOMOUS COLLEGE, NAYAGARH
Ph. 06753 252234 (O), Website: www.ngrautocol.ac.in, e mail: ngrautcol@yahoo.co.in
NOTICE
Faculty required on contractual basis for M.Com. course. Minimum Qualification: 56% marks in M.Com with NET/M.Phil./ Ph.D.
Send C.V. and other details through post within 10 days to the undersigned superscripting on the envelope 'BIODATA'.
(SRI S K PRADHAN)
Principal

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI – 22 OF 2021-22
Ph.- (06752) 251276, Fax - (06752) 251276 E-mail – eerwss_puri@nic.in
No.O-863:- The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Shifting of Pipe line from Delang Station Bazar Road to Indipur Chhaka for Widening of Delang-Brahmagiri Road in Different PWSs under Delang Block |
|---|---|---|---|
| 1. | No. of works | : | 01 (ONE) |
| 2. | Estimated Cost | : | Rs 74.76 lakhs (app.) |
| 3. | Time for completion | : | 3 ( Three ) Months |
| 4. | Cost of bidding document | : | Rs.10000/- |
| 5. | Class of Contractors eligible | : | B & A |
| 6. | Availability of bids on-line | : | From 11.00 hour of 01.11.2021 to 17.00 hours of 15.11.2021 |
| 7. | Last date and time for seeking clarification | : | 17.00 hours of 09.11.2021 |
| 8. | Date & time of opening of technical bids | : | On dt. 16.11.2021 at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.Subsequent corrigendum if any shall appear in the website.
Sd./- Executive Engineer, RWS&S Division, Puri
OIPR-25017/11/0014/2122

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। – ଶ୍ରୀମା



# ଜଳବାୟୁ କୂଟନୀତି



ଜନ୍ କ୍ୟାମ୍ପେନର୍

ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମ୍ମୁଖରେ ଏକ ବିରାଟ ଆହ୍ୱାନ ଭାବେ ଉଭାହୋଇଛି। ଦେଶଗୁଡ଼ିକ ପାଇଁ ଏହା ଅନ୍ତିମ ପରୀକ୍ଷା। ବିଶ୍ୱରେ ପ୍ରଭାବ ଜାହିର କରିବାକୁ ଦେଶଗୁଡ଼ିକ ପ୍ରତିଯୋଗିତା କରିବେ ନା ସମ୍ମିଳିତ ଭାବେ ବିଶ୍ୱକୁ ସୁରକ୍ଷା କରିବାକୁ ସକ୍ଷମ ହେବେ, ତାହା ଉକ୍ତ ପରୀକ୍ଷାରୁ ସ୍ପଷ୍ଟ ହେବ। ଯଦି ଆମେରିକା ଏବଂ ଚାଇନା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏକାଠି କାର୍ଯ୍ୟ ନ କରନ୍ତି, ତେବେ ସେମାନେ ଅନ୍ୟ କୌଣସି କ୍ଷେତ୍ରରେ ଏକାଠି କାର୍ଯ୍ୟ କରିପାରିବେ ନାହିଁ। ଏହି ଦୁଇ ମହାଶକ୍ତି ବିଶ୍ୱରେ ୪୦%ରୁ ଊର୍ଦ୍ଧ୍ୱ କାର୍ବନ ଡାଇଅକ୍ସାଇଡ ନିର୍ଗମନ କରୁଛନ୍ତି। ଏଥିପାଇଁ ଅନେକେ ବିବ୍ରତ ହୋଇପଡ଼ିଛନ୍ତି ଓ କହୁଛନ୍ତି, କାର୍ବନ ନିର୍ଗମନ ହ୍ରାସ କରିବାକୁ ହେଲେ ଚାଇନା ଓ ଆମେରିକାର ସହଯୋଗ ନିହାତି ଆବଶ୍ୟକ। ଏହା ନ ହେଲେ ଆମମାନେ ସମସ୍ତେ ମରଣ ମୁଖକୁ ଠେଲି ହୋଇଯିବା। ଏପରି କି ଜଳବାୟୁ ପରିବର୍ତ୍ତନର ପ୍ରଳୟକାରୀ ପ୍ରଭାବକୁ ରୋକିବା ଲାଗି ଉଭୟ ଦେଶ ତ୍ୱରିତ ପଦକ୍ଷେପ ନେବା ଉଚିତ ବୋଲି ଏମାନେ ଭଲ ଭାବେ ଜାଣନ୍ତି। ତେବେ ଉଭୟ ଦେଶ ମଧ୍ୟରେ ଚାଲିଥିବା ପାରମ୍ପରିକ କୂଟନୀତି ଏ କ୍ଷେତ୍ରରେ କିଛି କାମ କରିବ ନାହିଁ ବୋଲି ନିକଟରେ ପ୍ରମାଣିତ ହୋଇଛି।

ବାଇଡେନ୍‌ଙ୍କ ସମୟରେ ୨୦୨୧ ମାର୍ଚ୍ଚରେ ଆମେରିକା ଓ ଚାଇନା ମଧ୍ୟରେ ପ୍ରଥମ ବୈଠକ ଆଲାସ୍କାରେ ଅନୁଷ୍ଠିତ ହୋଇଥିଲା। ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଚାଇନାର ମାନବ ଅଧିକାର ସମ୍ପର୍କରେ ଅଧିକ ଚର୍ଚ୍ଚା କରିବା ଯୋଗୁ ଚାଇନାର ବରିଷ୍ଠ ବୈଦେଶିକ ବ୍ୟାପାର ଅଧିକାରୀ ୟାଙ୍ଗ ଜିଚି ତାଙ୍କ ବିରୋଧରେ କଡ଼ା ମନ୍ତବ୍ୟ ଦେଇଥିଲେ। ଏପ୍ରିଲରେ ବାଇଡେନ୍‌ଙ୍କ ଜଳବାୟୁ ପ୍ରତିନିଧି ତଥା ପୂର୍ବତନ ପରରାଷ୍ଟ୍ର ସଚିବ ଜନ୍ କେରୀ ଚାଇନା ଯାଇଥିଲେ। ସେଠାରେ ସେ ଚାଇନା ଜଳବାୟୁ ପ୍ରତିନିଧି ଜି ଝେନ୍‌ହୁଆଙ୍କୁ ସାକ୍ଷାତ କରିଥିଲେ। ସେବେଠାରୁ ଏମାନେ ଅନେକ ଥର ଆଲୋଚନା କରିଥିଲେ ମଧ୍ୟ ଏବେ ସୁଦ୍ଧା କିଛି ହାସଲ କରିଥିବା କାହିଁ ଜଣାପଡୁନି। ଏହା ମଧ୍ୟ ସ୍ପଷ୍ଟ ଯେ, ପାରମ୍ପରିକ ତଥା ପୁରୁଣା କୂଟନୀତି ମାଧ୍ୟମରେ ଜଣେ ଅନ୍ୟକୁ ବୁଝାଇ ସେମାନଙ୍କ କାର୍ଯ୍ୟରେ ଉନ୍ନତି ଆଣିବାର ସମ୍ଭାବନା ବହୁତ କମ୍। ଦେଖିବାକୁ ଗଲେ ଆମେରିକାର ରଣନୀତିରେ ତିନୋଟି ମୌଳିକ ସମସ୍ୟା ରହିଛି। ପ୍ରଥମତଃ ବିଶ୍ୱ ସମୁଦାୟ ଆମେରିକାରେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବାର ସମ୍ଭାବନାକୁ ନେଇ ଦେଶଗୁଡ଼ିକର ରଣନୀତିକ ଅବଗଣନା ପ୍ରଭାବିତ ହୋଇଛି। ଦ୍ୱିତୀୟରେ, ଅନ୍ୟ ସହଯୋଗକୁ ଅଲଗା ରଖାଯାଇପାରିବ ନାହିଁ। ଏହା ଯୋଗୁ ଦୁଇ ଦେଶ ମଧ୍ୟରେ ତୀବ୍ର ଅସହମତ ପ୍ରକାଶ ପାଇଛି। ତୃତୀୟ ସମସ୍ୟା ସବୁଠୁ ଜଟିଳ। ଏପରିକି ଆଫଗାନିସ୍ତାନ ବିପର୍ଯ୍ୟୟ ପୂର୍ବରୁ ଆମେରିକାର କ୍ଷମତା ଯେମିତି କାମ କରୁଥିଲା ସେମିତି ନ ରହିବାକୁ ଚାଇନା ଓ ଅନ୍ୟ ଦେଶଗୁଡ଼ିକୁ ଆମେରିକା ଦେଉଥିବା ଉପଦେଶର ପ୍ରଭାବ ସେପରି ରହିଲା ନାହିଁ।

ଆସନ୍ତା ମାସରେ ଗ୍ଲାସଗୋରେ ଆୟୋଜିତ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କୋପ୍୨୬)ରେ ଉଭୟରାୟ କୂଟନୀତି ଉପରେ ସମସ୍ତଙ୍କୁ ଧ୍ୟାନ ଦେବାକୁ ପଡ଼ିବ। ସତ କଥା ହେଉଛି ଉଲ୍ଲେଖନୀୟ ପରିବର୍ତ୍ତନର ମୂଳ ରହସ୍ୟ ରହିଛି। ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱ ନେଉଥିବା ପଦକ୍ଷେପର ବିଫଳତା ବା ସଫଳତା ଜାତୀୟ ସ୍ୱାର୍ଥ ଆଧାରରେ ହେବ। ତେବେ ପ୍ରଶ୍ନ ହେଉଛି, ଆଗାମୀ ଶତାବ୍ଦୀରେ କେଉଁ ଦେଶ, କେଉଁ ପଦ୍ଧତି ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରି ସବୁଜ ପରିବେଶ ପାଇଁ ଯୋଗ୍ୟ ନାଗରିକ ସୃଷ୍ଟି କରିପାରିବ। ସବୁଜ ପ୍ରଯୁକ୍ତିରୁ କେଉଁ ଦେଶ ପ୍ରଥମେ ଆର୍ଥିକ ଲାଭ ପାଇବା ଲାଗି ସବୁଜ ପ୍ରଯୁକ୍ତିକୁ ଉପଯୋଗ କରିବ। ସବୁଜ ପ୍ରଯୁକ୍ତି ଦୌଡ ପାଇଁ ପ୍ରାଚୀନ୍ତରୁ ସବୁ ଧରଣର ଶକ୍ତି ପ୍ରତିଯୋଗିତା ଲାଗିବ। ନିଜ ଲାଗି ଶକ୍ତି ସଂରକ୍ଷଣ କରିବା ଏକ ମୁଖ୍ୟ ବିଷୟ ହେବା ଏସବୁରୁ ଦେଖିଲେ ପ୍ରଶ୍ନ ଉଠେ, ଜଳବାୟୁ ପରିବର୍ତ୍ତନ ଉପରେ ନିଷ୍କ୍ରିୟତା ସେମାନଙ୍କୁ ବିପଦରେ ପକାଇବ ବୋଲି କେବେ ଲୋକମାନେ ବୁଝିବେ।

ଏବେ ସୁଦ୍ଧା ଜଳବାୟୁ ଉପରେ ଚାଇନାର ପ୍ରତିକ୍ରିୟା ଭିନ୍ନ ରହି ଆସିଛି। ସେପ୍ଟେମ୍ବର ୨୦୨୦ରେ ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗ ଜାତିସଂଘରେ କହିଥିଲେ ଯେ, ତାଙ୍କ ଦେଶ ୨୦୩୦ ସୁଦ୍ଧା ନିର୍ଗମନର ଶୀର୍ଷରେ ପହଞ୍ଚିବ ଏବଂ ୨୦୬୦ ସୁଦ୍ଧା କାର୍ବନ ନ୍ୟୁଟ୍ରାଲ ସ୍ଥିତିରେ ରହିବ। ଏହି ତଥ୍ୟ ରଖିବା ସହ ନେଟ୍ ଜିରୋ ନିର୍ଗମନ ପାଇଁ ନିର୍ଦ୍ଧାରିତ ସମୟ ଉପରେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କିନ୍ତୁ ତା' ପରଠାରୁ ଚାଇନା ଘୋଷଣାର ପ୍ରଭାବ କମ୍ ରହିବା ଲକ୍ଷ୍ୟ କରାଯାଉଛି।

ଚଳିତ ବର୍ଷ ଜାତିସଂଘରେ ଶି' ବିଶ୍ୱରେ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ସମର୍ଥନ ବନ୍ଦ କରିବା ଲାଗି ପ୍ରତିଜ୍ଞା କରିଥିଲେ। ଦକ୍ଷିଣ କୋରିଆ ଏବଂ ଜାପାନ ସମାନ ପ୍ରକାର ପ୍ରତିଜ୍ଞା କରିବା ପରେ ବାହାର ଦେଶକୁ ତାପଜ କ୍ଷେତ୍ରକୁ ଅର୍ଥ ଯୋଗାଣ ବନ୍ଦ କରିବାକୁ ଚାପରେ ପଡ଼ିଯାଇଥିଲା ଚାଇନା। ତେବେ ଅର୍ଥିକ ସାହାଯ୍ୟ ଗ୍ରହଣ କରୁଥିବା ଦେଶଗୁଡ଼ିକ ନୂଆ ତାପଜ ବିଦ୍ୟୁତ କେନ୍ଦ୍ର ଆରମ୍ଭ କରିବାରେ ସତର୍କ ହୋଇଯାଇଥିବାରୁ ଏଭଳି ଘୋଷଣା କରିବା ସହଜ ମନେହୁଏ।

ବିଶ୍ୱର ୧୦ଟି ୱିଣ୍ଡ୍ ଟର୍ବାଇନ ଉତ୍ପାଦକଙ୍କ ମଧ୍ୟରେ ଚାଇନାର ୭ଟି ରହିଛି। ଚାଇନାର ଅର୍ଥବ୍ୟବସ୍ଥା ଏତେ ବିଶାଳଯେ, ବିଶ୍ୱରେ ସବୁଦେଶ ଏକାଠି ଯେତିକି ଅକ୍ଷୟ ଭିତ୍ତିଭୂମି ସୃଷ୍ଟି କରିପାରିବେ ଚାଇନା ତା'ଠାରୁ ଅଧିକ କରିପାରିବ। ସୋଲାର, ୱିଣ୍ଡ୍ ଏବଂ ଅନ୍ୟ ସଂସାଧନଗୁଡ଼ିକର ମୂଲ୍ୟ କମ୍ କରି ଚାଇନା ଏହା ହାସଲ କରିପାରିବ। ହେଲେ ତାହା କରୁନାହିଁ। ଏବେ ଚାଇନା ବିଶ୍ୱରେ ଉତ୍ପାଦିତ ମୋଟ ତାପଜ ବିଦ୍ୟୁତ୍‌ର ୫୩% ଉତ୍ପାଦନ କରୁଥିଲେ ବି ତା'କ୍ଷମତା ମଧ୍ୟ ବୃଦ୍ଧି କରିବାରେ ଲାଗିଛି। ତେବେ ଚାଇନା ତା' ଜଳବାୟୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆସନ୍ତା ୧୦ ବର୍ଷ ମଧ୍ୟରେ ୫୦୦ରୁ ଅଧିକ ପ୍ଲାଣ୍ଟ୍ ବନ୍ଦ କରିବା ଉଚିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ହେଲେ ଏହା ହୋଇପାରିନାହିଁ। କୋଭିଡ୍ ମହାମାରୀ ପରେ ଚାଇନା ଆର୍ଥିକ ସଂସ୍କାର ଆଣିବା ଲାଗି ଚେଷ୍ଟା ଚଳାଇଛି। ଚାଇନାରେ ଶକ୍ତି ଉତ୍ପାଦନ କମିଥିବାରୁ ୧୦ଟି ପ୍ରମୁଖ ଅଞ୍ଚଳକୁ ଶକ୍ତି ଯୋଗାଇବା ଲାଗି ବାଧ କରାଯାଇଛି। ସେମାନେ ଅଧିକ ତାପଜ ବିଦ୍ୟୁତ୍ ଉତ୍ପାଦନ ଲାଗି ବାଟ ଖୋଜୁଛନ୍ତି ଓ ଏହା ମଧ୍ୟ ବିପଦର ସଙ୍କେତକୁ ସୂଚାଉଛି।

ଚାଇନାରେ ଏହିସବୁ ଜଳବାୟୁ ବିଷୟଗୁଡ଼ିକୁ ନେଇ ସାଂସ୍କୃତିକ ବାକ୍‌ଯୁଦ୍ଧ ବ୍ୟାପକ ହୋଇଛି। ଜାତୀୟତାବାଦୀମାନେ ଜଳବାୟୁ ପରିବର୍ତ୍ତନକୁ ପାଶ୍ଚାତ୍ୟ ପ୍ରରୋଚିତ ଏକ ଛଳନାପୂର୍ଣ୍ଣ ବା ଅବାସ୍ତବ ବିଜ୍ଞାନ କହି ଅସ୍ୱୀକାର କରୁଛନ୍ତି। ଏହା ସେମାନଙ୍କ ଜାତୀୟ ଅଭିବୃଦ୍ଧିକୁ ରୋକିବାର ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ ବାଢୁଛନ୍ତି।

ଜଳବାୟୁ କ୍ଷେତ୍ରରେ ଚାଇନା ଏଭଳି ରାଜନୈତିକ ଶକ୍ତି ଦେଖାଉଥିବାବେଳେ ଜଳବାୟୁ ପରିବର୍ତ୍ତନ ମଧ୍ୟ ତା'ରୂପ ଦେଖାଇଛି। ଚଳିତ ଗ୍ରୀଷ୍ମରେ ହିନାନ୍‌ରେ ଗୋଟିଏ ବର୍ଷରେ ଯେତିକି ବର୍ଷା ହୁଏ ତିନି ଦିନରେ ସେତିକି ହେଲା ଏବଂ ୩୦୦ ଲୋକଙ୍କ ଜୀବନ ନେଲା। ସ୍ଥାନୀୟ ପ୍ରଶାସନ ସୋସିଆଲ ମିଡ଼ିଆରେ ଅପ୍ରତ୍ୟାଶିତ ମନ୍ତବ୍ୟ ଦେବାକୁ ବାଧ ହୋଇଥିଲେ କିନ୍ତୁ ଏହାକୁ ଭିତ୍ତିଭୂମିର ଅଭାବ ଏବଂ ପୂର୍ବାନୁମାନରେ ସରକାରଙ୍କ ବିଫଳତା ବୋଲି ଦର୍ଶାଇଥିଲେ ଲୋକେ। ଚାଇନାର ଏହି ଦୁଇ ପକ୍ଷର କଥା ଓ ଅନ୍ତର୍ଜାତୀୟ ସମୁଦାୟର ଯୁକ୍ତିକୁ ଗ୍ରହଣ କରି ଚାଇନାର ନେତାମାନେ ଦାବି କରୁଛନ୍ତି ଯେ, ଅନ୍ୟମାନେ ତାଙ୍କ ଦେଶକୁ ଦୁର୍ବଳ କରିଦେବାକୁ ଷଡଯନ୍ତ୍ର କରୁଛନ୍ତି। ଚାଇନା ସବୁବେଳେ ବିତର୍କରୁ ପଛକୁ ହଟିଯାଉଛି ଓ ଦୀର୍ଘଦିନରୁ ଅତ୍ୟଧିକ କାର୍ବନ ନିର୍ଗମନ କରି ଆସୁଥିବା ଆମେରିକା ଏବଂ ୟୁରୋପର କଟକଣାକୁ ତା'ସହ ବିକାଶଶୀଳ ଦେଶଗୁଡ଼ିକ ମାନିବାକୁ ବାଧ ନୁହେଁ ବୋଲି ଚାଇନା କହୁଛି।

କୋପ୍ ୨୬ ପାଖେଇ ଆସୁଥିବାରୁ ସେଥିରେ ଜଳବାୟୁ ପରିବର୍ତ୍ତନର ଏକ ନୈତିକ ସଙ୍କେତ ପ୍ରକାଶ ପାଇବ। ସତର୍କତାର ସୂଚନା ମିଳିବ। ଏଠି ସବୁଜ ମାନପତ୍ର ପାଇଁ ଦେଶଗୁଡ଼ିକ ମଧ୍ୟରେ ଲଢ଼େଇ ତୀବ୍ର ହେବ। ମନେ ରଖିବାକୁ ହେବ, ଏକ ବ୍ୟାପକ ଶୀତଳଯୁଦ୍ଧ ମଧ୍ୟରେ ଏକ ଛାୟା ଯୁଦ୍ଧ ହେଉଛି। ଚାଇନା ଏବଂ ଆମେରିକାର ପ୍ରତିଯୋଗିତାମୂଳକ ପ୍ରବୃତ୍ତି ପରସ୍ପରର ନୂଆ ପ୍ରଯୁକ୍ତି ଓ ଆଶ୍ଚର୍ଯ୍ୟଜନକ ଘୋଷଣାକୁ ଗ୍ରହଣ କରିବାକୁ ସେମାନଙ୍କୁ ପ୍ରେରିତ କରିବ। ସେମାନଙ୍କ ଯୋଗଦାନ ନାଟକବାଜିଠାରୁ ଅଧିକ ବାସ୍ତବବାଦୀ ହେବ କି ନାହିଁ ତାହା ଦେଖିବାକୁ ହେବ। ଶେଷରେ ସଶଂୟ ଦୂର ହୋଇ ଯଦି ସାମଗ୍ରିକ ସହଯୋଗ ବୃଦ୍ଧି ପାଇବ, ତେବେ ଅନେକ କିଛି ହାସଲ କରାଯାଇପାରିବ। କିନ୍ତୁ ଆଜିର ନୂଆ ବିଶ୍ୱରେ ପୁରୁଣା କୂଟନୀତି ଶେଷ ହୋଇଯାଇଛି।

**କନ୍‌ସଲଟିଂ ଫେଲୋ, ଛାଥାମ ହାଉସ୍, ଲଣ୍ଡନ**

# କଳାପଟାରୁ ଆଭାସୀ ଶିକ୍ଷା ଯାଏ



ଡ. କିଶୋର ମହାନ୍ତି

ଏକଦା ଗ୍ରାମ୍ୟ ଚାଟଶାଳୀ ଥିଲା ଆମ ଶିକ୍ଷା ଗ୍ରହଣର ମନ୍ଦିର। ଆଉ ସେଇଠାରୁ ଆରମ୍ଭ ହେଉଥିଲା ପ୍ରତିଟି ପିଲାର ଖଡ଼ିଛୁଆଁ। ଗୁରୁଜୀମାନେ ଥିଲେ ଚାଟମାନଙ୍କର ମାର୍ଗଦର୍ଶକ ତଥା ତତ୍ତ୍ୱାବଧାରକ। ସେଠାରେ ଶିକ୍ଷକମାନେ ମୁଣ୍ଡା ଖଡ଼ିରେ ବର୍ଣ୍ଣମାଳାତକ ଥୋଇ ଦେଉଥିଲେ କଳାପଟାରେ ଆଉ ସେଇଠୁ ଆରମ୍ଭ ହେଉଥିଲା ଗଣିତ ପାଠ, ମିଶାଣ, ଫେଡ଼ାଣ, ହରଣ, ଗୁଣନର ଚିହ୍ନ ; ଯାହାକି ମାନସ ପଟରେ ଛାପି ହେଇଯାଉଥିଲା। କଳାପଟା ଥିଲା ସେତେବେଳେ ଶିକ୍ଷା ଗ୍ରହଣର ଅନ୍ୟତମ ମାଧ୍ୟମ। ସେଥିରେ ଶୂନ୍ୟଠାରୁ ଆରମ୍ଭ କରି ଶହେ ପର୍ଯ୍ୟନ୍ତ ସଂଖ୍ୟା ଲେଖାଯାଉଥିଲା ପ୍ରତିଦିନ। ପ୍ରତିଦିନ ବିଦ୍ୟାଳୟ ଚାଲୁଥିବା ସମୟରେ ବଗ, . କୁକୁର, ଆମ୍ବ, କାଉ, କୁକୁଡ଼ା ଆଉ କୋଇଲି, ଫୁଲ, ପୂର୍ବ ଦିଗରେ ଉଦିତ ହେଉଥିବା ସୂର୍ଯ୍ୟଙ୍କ ଛବି ଆଙ୍କିଦେଇ ଗୁରୁଜୀ ପରିଚିତ କରାଉଥିଲେ ଆଉ ନିଜେ ଆଙ୍କି ପିଲାଙ୍କୁ ଆଙ୍କିବାକୁ କହୁଥିଲେ କଳାପଟାରେ। କଳାପଟାରେ ଯାହା ଥରେ ଲେଖା ହୋଇଯାଉଥିଲା ତାହା ଜୀବନଯାକ ମନେ ରହିଯାଉଥିଲା। ଏତଦ୍‌ବ୍ୟତୀତ ବର୍ଣ୍ଣବୋଧ ପାଠ ଆମକୁ ଯେତିକି ଭାବରେ ଉପଦେଶମାନ ଦେଉଥିଲା, ସେତିକି ପ୍ରକୃତି ଓ ଜନଜୀବନର ବୈଚିତ୍ର୍ୟମୟ ଚିତ୍ର ସହ ପରିଚିତ କରାଇ ଦେଉଥିଲା। ଈଶ୍ୱରଙ୍କ ସମ୍ବନ୍ଧୀୟ ତାତ୍ତ୍ୱିକ ଜ୍ଞାନ ପିଲାଟି ବେଳୁ ଶିକ୍ଷା ଦେଉଥିଲା। କୁହାଯାଉଥିଲା, ''ବାଳୁତବେଳୁ ଧର୍ମ ଧନ ମୁଁ ସଞ୍ଚିବି''– ଏହାଠାରୁ ବଳି ଆଉ ଜୀବନଧର୍ମୀ ଶିକ୍ଷା କ'ଣ ଥାଇପାରେ। ହେଲେ ଏବେ 'ରାଇମ୍' ଘୋଷି ଆମେ ଆମର ଇଂଲିଶ୍ ବେଶି ଜାଣିବା ପଣିଆର ବାହାବାହା ନେଇଛୁ, କିନ୍ତୁ ଥରେ ବର୍ଣ୍ଣବୋଧରେ ଥିବା ନୈତିକ ଶିକ୍ଷା ପ୍ରତି ଆମେ ଆଖି ପକାଇଛୁ କି ? ଏବେ ବର୍ଣ୍ଣବୋଧର ପୃଷ୍ଠା ଥରୁଟିଏ ଆଡ଼େଇ ଦେଖଉଛୁ କି– ପିଲାଙ୍କ ଆଗରେ ଶିଶୁ ସୁଲଭ ଠାଣିରେ ବହିରୁ ପଦୁଟିଏ ଗାଇ ଶୁଣାଇ ପାରୁଛେ କି ? ସୃଜନଶୀଳର ବିକାଶ ନିମନ୍ତେ 'ବର୍ଣ୍ଣବୋଧ' ଓ କଳାପଟା ଥିଲା ଚାଟଶାଳୀ ପିଲାର ଆଶାବାଡ଼ି। ଆଜି ତା'ର ପରିବର୍ତ୍ତନ ଘଟିଛି। ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ଆଜିର ସମସ୍ୟା ଭିତରେ କରୋନା ମହାମାରୀର ପ୍ରାଦୁର୍ଭାବରେ ଗତ ଦେଢ଼ ବର୍ଷ କାଳ ଜନଜୀବନ ବାଧାପ୍ରାପ୍ତ ହେବା ସହ ଅବସ୍ଥା ଅସମ୍ଭାଳ ହୋଇପଡ଼ିଛି ଓ ସମସ୍ତ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବିଦ୍ୟାଳୟ, କଲେଜ ଓ ୟୁନିଭରସିଟିକୁ ସବୁ ପିଲା ଆସି ନାହାନ୍ତି। ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି। ଏବେ ସବୁ ସ୍ୱାଭାବିକ ହେବ ବୋଲି ଆଶା ସଞ୍ଚାର ହେଉଛି।

ବିଦ୍ୟାଳୟରେ ସୃଜନଶୀଳତା ଓ ବାଗ୍ମିତାର ବିକାଶ ଘଟୁଥିଲା। ଜୀବନ ପାଠର ଆଦ୍ୟ ଭିତ୍ତିଭୂମି ହିଁ ପଡୁଥିଲା ଏହି ବିଦ୍ୟାଳୟରୁ। ସହପାଠୀ ତଥା ସାଙ୍ଗସାଥୀମାନଙ୍କ ସହ ମିଶିବା ଯୋଗେ ସାମାଜିକତା, ବନ୍ଧୁତା ତଥା ଏକତାର ସୂତ୍ରପାତ ହେଉଥିଲା। ପିଲାମାନଙ୍କ ମଧ୍ୟରେ ସଂସ୍କାର ଆଉ ନାଗରିକ ଉତ୍ତମ ଭାବରେ ଏକ ଉତ୍ତରଦାୟିତ୍ୱ ରହିଛି ବୋଲି ଦର୍ଶାଉଥିଲା। ଏ ସବୁ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥା ଅନ୍‌ଲାଇନ୍ ପାଠପଢ଼ାରୁ କେଉଁଠୁ ମିଳିପାରିବ? କିନ୍ତୁ ଅନ୍‌ଲାଇନ୍ ପାଠପଢ଼ାର ଆଉ ଏକ ବିସ୍ତାରିତ ଦିଗ ହେଲା ଯାହାକୁ ଆମେ ଗୁରୁତ୍ୱ ଦେବା ଉଚିତ। ଏବେ ବୈଷୟିକ ଆଧାରିତ ବିଦ୍ୟାଳୟ ବା କଲେଜ ଶିକ୍ଷାର ଅସଲ ଛବି ପ୍ରକାଶ ପାଉଛି। ସବୁଆଡ଼େ ବିଜୁଳି ସହଜରେ ଉପଲବ୍ଧ ନୁହେଁ– ଭିତ୍ତିଭୂମିର ଘୋର ଅଭାବ ଏବଂ ଇଣ୍ଟରନେଟ୍‌ର ସୁବିଧା ଏତେ ସହଜ ନୁହେଁ। ଯାହାଫଳରେ ଶିକ୍ଷାଦାନ ଏତେ ସକ୍ରିୟ ନୁହେଁ କି ଫଳପ୍ରଦ ନୁହେଁ । ଆମ ପିଲା ଏବେ ସୁଦ୍ଧା କମ୍ପ୍ୟୁଟର ସମ୍ବନ୍ଧୀୟ ଜ୍ଞାନ କୌଶଳ ସହ ବିଶେଷ ଜ୍ଞାନ ଆହରଣ କରିନାହାନ୍ତି। ଏମିତିକି ପାହାଡ଼ଘେରା ଡଙ୍ଗର ଏବଂ ଗାଁ ଗହଳିରେ ଇଣ୍ଟରନେଟ୍ ସମ୍ପର୍କ ବି ବ୍ୟାହତ।

ଏହା ସତ୍ୟ ଯେ, ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପରିବାର ନିମ୍ନ ଆୟକାରୀ ବର୍ଗ ଅନ୍ତର୍ଭୁକ୍ତ। ଏମାନଙ୍କ ପାଖରେ ସ୍ମାର୍ଟ ଫୋନ ପାଇବା ପାଇଁ ସୁଯୋଗ ତଥା ସୁବିଧା ତଥା ମୂଲ୍ୟ ଦେଇ କିଣିବାର ଅସୁବିଧା ଉପୁଜେ । ପ୍ରତିମାସରେ ଇଣ୍ଟରନେଟ୍ ପାଇଁ ପଇସା ପକାଇବା ସମ୍ଭବ ନୁହେଁ । ଆଉ ଗୋଟେ ପଟେ ଦାରିଦ୍ର୍ୟ ଓ ଇଣ୍ଟରନେଟ୍ ପ୍ରତି ସଚେତନତା ତଥା ଜ୍ଞାନ ଆହରଣ ଖୁବ୍ କମ୍ ଥାଏ। ଏସବୁକୁ କାର୍ଯ୍ୟକାରୀ କରିବାରେ ଏମାନଙ୍କର ସେମିତି ବୈଷୟିକ ଜ୍ଞାନ ତିଳେମାତ୍ର ନଥାଏ। ଜୀବନଜୀବିକା ପାଇଁ ଏମାନେ ବି ସର୍ବଦା ବ୍ୟସ୍ତ ଥାଆନ୍ତି। ଦୀର୍ଘ ସମୟ ଧରି ସ୍କୁଲ ବନ୍ଦ ହେବା ଫଳରେ ପିଲାମାନଙ୍କ ପାଠ ପ୍ରତି ସ୍ପୃହା ଆସ୍ତେ ଆସ୍ତେ କମିଯାଏ । କିଛି କିଛି ପିଲା ଏହି କାରଣରୁ ବି ସ୍କୁଲ ଛାଡ଼ି ସାରିଲେଣି। ସରକାର ଶିକ୍ଷାରୁ ବଞ୍ଚିତ ହେଉଥିବା ସାଧାରଣ ତଥା ଗରିବ ପିଲାମାନଙ୍କ କଥା ଚିନ୍ତା କରିବା ଉଚିତ । ୨୦୨୦–୨୧ର ଆର୍ଥିକ ସର୍ଭେରେ କୁହାଯାଇଛି ଯେ, ଯଦି ଅନ୍‌ଲାଇନ୍ ଶିକ୍ଷାକୁ ଠିକ୍ ବାଟରେ ଓ ଠିକ୍ ଅର୍ଥରେ ପ୍ରୟୋଗ କରାଯାଏ, ଏଥିରେ ଶୈକ୍ଷିକ ପରିଣାମ ଦୃଷ୍ଟିରୁ ଅସମାନତା ଦୂର ହୋଇପାରେ। କିନ୍ତୁ କେହି ଜଣେ ଅଣ୍ଟା ଭିଡ଼ି ଜୋର ଦେଇ କହିପାରିବେ ନାହିଁ ଯେ, ଭାରତ ପରି ଦେଶରେ ସବୁପିଲାଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦେଇ ଦେଶର ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ଫଳପ୍ରାପ୍ତି ହୋଇପାରେ।

**ମୋ: ୯୪୩୭୭୨୮୪୭୫**

## ଏଇ ଭାରତରେ

ଆସାମର ଆଇଏଏସ୍ ଅଧିକାରୀ ଲକ୍ଷ୍ମୀପ୍ରିୟା ଏମ.ଏସ୍ ପ୍ଲାଷ୍ଟିକ ବୋତଲରେ ପାଇଖାନା ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ୫୦୦ ଏବଂ ୧ ଲିଟର ବିଶିଷ୍ଟ ୮,୦୦୦ରୁ ଅଧିକ ଅଦରକାରୀ ପ୍ଲାଷ୍ଟିକ ବୋତଲରେ ଏହି ପାଇଖାନ ନିର୍ମାଣ କରାଯାଇଛି। ବେଙ୍ଗାଇଗାଓଁ ଜିଲାର ଡେପୁଟି କମିଶନର ତଥା ୨୦୧୪ ବ୍ୟାଚ୍ ଆଇଏଏସ ଅଧିକାରୀ ଲକ୍ଷ୍ମୀପ୍ରିୟା ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ (ପିଏଚ୍‌ଇଡି)ର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ସହଯୋଗରେ ଏହା ନିର୍ମାଣ କରିଛନ୍ତି। ୧୭ ଫୁଟ ଲମ୍ବା ଓ ୯ ଫୁଟ ଚଉଡ଼ାରେ ନିର୍ମିତ ପାଇଖାନାର କାନ୍ଥ ଏବଂ ସିଲିଂ ପ୍ଲାଷ୍ଟିକ ବୋତଲରେ ଗଢ଼ାହୋଇଛି। ପାଇଖାନାକୁ ଦୁଇଭାଗରେ ବିଭକ୍ତ କରାଯାଇ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ବାଲି, ସିମେଣ୍ଟ, ପୁଟି ଏବଂ ମୋର୍ଟାର ଭର୍ତ୍ତି ବୋତଲଗୁଡ଼ିକ ଟାଣହେବା ପରେ ଇଟାର ବିକଳ୍ପ ଭାବେ ବ୍ୟବହାର କରାଯାଇଛି। ୧୦ଫୁଟରେ ୮ଫୁଟର ଏକ ପାଇଖାନା ନିର୍ମାଣ କରିବା ପାଇଁ ୪ ହଜାର ପ୍ଲାଷ୍ଟିକ ବୋତଲ ଆବଶ୍ୟକ ଓ ଏମିତି ଏକ ପାଇଖାନା କରିବା ପାଇଁ ଦେଢ଼ରୁ ଦୁଇ ମାସ ସମୟ ଲାଗିବ ବୋଲି କହିଛନ୍ତି ଲକ୍ଷ୍ମୀପ୍ରିୟା।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଅକ୍ଟୋବର ୧୯୯୬**

- ସିନ୍ଧ୍ ପ୍ରଦେଶର ଏକ ଗ୍ରାମରେ ୧୦ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପାକିସ୍ତାନର ବରିଷ୍ଠ ସେନା ଅଫିସର ମେଜର ଅର୍ସାଦ ଜାମିଲଙ୍କୁ ଫାଶୀ ଦିଆଯାଇଛି।
- କାଶ୍ମୀର ଉପତ୍ୟକାରେ ଉଗ୍ରପନ୍ଥୀମାନେ ଜଣେ ପୋଲିସ ସବ୍ ଇନ୍ସପେକ୍ଟର ଏବଂ ଜଣେ ମହିଳାଙ୍କ ସମେତ ୧୧ ଜଣ ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ହିନ୍ଦୁସ୍ଥାନ ଟାଇମ୍ସର ଏକ୍‌ଜିକ୍ୟୁଟିଭ ତଥା ସଂପାଦନା ନିର୍ଦ୍ଦେଶିକା ଶୋଭନା ଭରତିଆ ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 3 | | |
| | | | | | 3 | | | 7 |
| | 8 | | 6 | | | 4 | | |
| | | 7 | 8 | | 1 | | | 9 |
| | | | 7 | | | | | |
| 5 | | 4 | | | | | | |
| | 6 | | | | | | 1 | |
| | | | 9 | | | 2 | 4 | |
| 2 | 7 | | | | 8 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 8 | 5 | 6 | 3 | 1 | 9 | 2 |
| 2 | 9 | 3 | 1 | 8 | 4 | 5 | 6 | 7 |
| 1 | 6 | 5 | 7 | 9 | 2 | 4 | 3 | 8 |
| 7 | 1 | 4 | 8 | 3 | 9 | 2 | 5 | 6 |
| 6 | 5 | 9 | 2 | 1 | 7 | 8 | 4 | 3 |
| 8 | 3 | 2 | 6 | 4 | 5 | 7 | 1 | 9 |
| 3 | 2 | 7 | 9 | 5 | 1 | 6 | 8 | 4 |
| 9 | 8 | 1 | 4 | 7 | 6 | 3 | 2 | 5 |
| 5 | 4 | 6 | 3 | 2 | 8 | 9 | 7 | 1 |

ଗତକାଲିର ଉତ୍ତର

# ବିପର୍ଯ୍ୟୟ ପରିଚାଳନା ଓ ଆମ ସୁରକ୍ଷା



ଶୁଭନାରାୟଣ ଶତପଥୀ

୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶା ଅନେକ ବିପର୍ଯ୍ୟୟକୁ ସାମ୍ନା କରିଆସୁଛି। ୧୯୯୯ ମହାବାତ୍ୟାଠାରୁ ବର୍ତ୍ତମାନର ମହାମାରୀ ପର୍ଯ୍ୟନ୍ତ ଏକାଧିକ ବିପର୍ଯ୍ୟୟ ଓଡ଼ିଶାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ସତ କିନ୍ତୁ ଏହାର ସୁପରିଚାଳନା ଓ ଅଭିଜ୍ଞତା ଅନ୍ୟକୁ ବାଣ୍ଟିଛି ଓଡ଼ିଶା। ଏବେ ବି ସେହି ୧୯୯୯ ମହାବାତ୍ୟାର ବିଭୀଷିକା କଥା ମନେପଡ଼ିଲା ବେଳକୁ ଲୋମ ଟାଙ୍କୁରି ଉଠୁଛି। ମହାବାତ୍ୟାପରଠାରୁ ଫାଇଲିନ, ହୁଡ୍‌ହୁଡ୍, ତିତ୍‌ଲି, ଫନୀ ଭଳି ଭୟଙ୍କର ଘୂର୍ଣ୍ଣିଝଡ଼ର ମୁକାବିଲା ଓ ସଫଳ ପରିଚାଳନା କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି ଆମ ରାଜ୍ୟ। ମହାବାତ୍ୟା ସମୟରେ ଓ ବର୍ତ୍ତମାନର ମହାମାରୀ ସମୟରେ ବି ଓଡ଼ିଶାର ପ୍ରାକୃତିକ ଦୁର୍ବିପାକ ଓ ମହାମାରୀ ପରିଚାଳନା ବ୍ୟବସ୍ଥା ଓ ଶୈଳୀ ବେଶ୍ ଉନ୍ନତମାନର ; ଯାହା ବାରମ୍ବାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁଖ୍ୟାତି ସାଉଁଟିଛି। ଲୋକମାନଙ୍କର ଧନଜୀବନର ସୁରକ୍ଷା କରିବା ଓ ଶୂନ୍ୟ ମୃତାହତକୁ ଲକ୍ଷ୍ୟରଖି କାର୍ଯ୍ୟକରିବାର ନିପୂଣତା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଏକ ଧୁରୀଣ ଓ ଦକ୍ଷ ରାଜ୍ୟ ରୂପେ ଗଢ଼ିତୋଳିଛି। ତେବେ ସାରା ବିଶ୍ୱରେ ଯେ କେବଳ ଓଡ଼ିଶା ଏହି ବିପର୍ଯ୍ୟୟଗୁଡ଼ିକର ସାମ୍ନା କରୁଛି ତାହା ନୁହେଁ ବରଂ ପ୍ରତ୍ୟେକ ଦେଶ, ରାଜ୍ୟ ସେମାନଙ୍କର ଭୌଗୋଳିକ ସ୍ଥିତି, ବଦଳୁଥିବା ପାଣିପାଗ ପ୍ରଭାବରେ ଭିନ୍ନ ଭିନ୍ନ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ। ୨୦୧୯ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଘଟିଥିବା ବନାଗ୍ନି, ଯାହାଦ୍ୱାରା ୧୮ ମିଲିୟନ ହେକ୍ଟର ଜଙ୍ଗଲ ଭସ୍ମୀଭୂତ ହୋଇଥିଲା। ଫଳରେ ୧୯୦୦୦ ଗୃହ ପ୍ରଭାବିତ ହେବା ସହ ୪୦୦ଜଣ ମୃତ୍ୟୁମୁଖରେ ପଡ଼ିଥିଲେ। ଜାନୁୟାରୀ ୨୦୨୦ରେ ଇଣ୍ଡୋନେସିଆରେ ଘଟିଥିବା ଫ୍ଲାଶ ଫ୍ଲଡରେ ପ୍ରଭାବିତ ହୋଇଥିଲେ ୪ଲକ୍ଷ ଲୋକ। ୨୦୧୯ରୁ ଆରମ୍ଭ ହୋଇଥିବା କୋଭିଡ୍ ମହାମାରୀ ଦ୍ୱାରା ଏବେ ବି ବିଶ୍ୱବାସୀ ଆତଙ୍କିତ। ଏହି ମହାମାରୀରେ ଅଦ୍ୟାବଧି ୪୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। ୨୦୨୦ ଫିଲିପାଇନ୍‌ସ ଆଗ୍ନେୟ ଉଦ୍‌ଗିରଣ ଓ ଚାଇନା, ଭାରତ, ଇରାନ, ରୁଷିଆ, ତୁର୍କୀରେ ସଂଗଠିତ ଭୂମିକମ୍ପ ଇତ୍ୟାଦି ବର୍ଣ୍ଣନା କରେ ବିପର୍ଯ୍ୟୟ ଯେମିତି ଆମ ସହଚର। ଏହାର ତାଲିକା ଦିନକୁଦିନ ଏତେ ଲମ୍ବା ହେବାରେ ଲାଗିଛି ଯେ ବର୍ଣ୍ଣନା କରିବା ଅସମ୍ଭବ। ତଥାପି ଲାଗୁଛି ଆମେ ଆମର ଆତ୍ମୀୟମାନଙ୍କର କୁଢ଼କୁଢ଼ ଶବ ଉପରେ ବସି ପୁଣି ଏକ ବିପର୍ଯ୍ୟୟକୁ ଅପେକ୍ଷା କରୁଛୁ। ପ୍ରାକୃତିକ ସଂରଚନା ଯେତିକି କ୍ଷୟ ହେଉଛି, ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ସେତିକି ମାଡ଼ିଆସୁଛି। ଅତ୍ୟଧିକ ବାୟୁ ପ୍ରଦୂଷଣ, ବିଶ୍ୱତାପନ, ଗ୍ଲାସିୟର ତରଳିବା, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ବନ୍ୟା, ବାତ୍ୟା, ମରୁଡ଼ି, ଅଂଶୁଘାତ ଭଳି ବିପଜ୍ଜନକ ପ୍ରାକୃତିକ ବିପର୍ଯ୍ୟୟ ସଂଗଠିତ ହେଉଛି।

ବର୍ତ୍ତମାନ ବଜ୍ରପାତ ବା ଲାଇଟ୍‌ନିଂ ପ୍ରମୁଖ ବିପର୍ଯ୍ୟୟ ରୂପେ ଉଭା ହେଲାଣି। ପ୍ରତିବର୍ଷ ହଜାର ହଜାର ବଜ୍ରପାତ ମାରିଥାଏ। ଏହା ବିଗତ ୨୦ ବର୍ଷ ଭିତରେ ଅନେକ ମାତ୍ରାରେ ବୃଦ୍ଧି ପାଇଥିବା ଜଣାଯାଏ। ଭାରତରେ ପ୍ରତିବର୍ଷ ୨୦୦୦ରୁ ୨୫୦୦ ଜଣଙ୍କର ଏହି ବଜ୍ରପାତ ଯୋଗୁ ମୃତ୍ୟୁ ଘଟୁଛି। ଏଣୁ ବଜ୍ରପାତରୁ ରକ୍ଷା ପାଇବା ନିମନ୍ତେ ସତର୍କତା ଶିକ୍ଷା, ଗୃହରେ ବଜ୍ରପାତ ଆରେଷ୍ଟର ଲଗାଇବା, ବଜ୍ରପାତକୁ ବିଦ୍ୟୁତ୍ ଉପଯୋଗୀ କରିବା, ଆର୍ଥିଂକୁ ସୁଦୃଢ଼ କରିବା, ଆଦି ପଦକ୍ଷେପ ଗ୍ରହଣକରି ଜୀବନ ରକ୍ଷା କରାଯାଇପାରିବ। ଏବେ ପ୍ରତ୍ୟେକ ଅନୁଷ୍ଠାନରେ ଏସବୁର ସୁବନ୍ଦୋବସ୍ତ ହେବା ଜରୁରୀ।

ଆକଳନରୁ ଜଣାଯାଏ ସାରା ବିଶ୍ୱରେ ମୋଟ ବିପର୍ଯ୍ୟୟ ମଧ୍ୟରୁ ୫୦ ଶତକଡ଼ା ପ୍ରାକୃତିକ ବିପର୍ଯ୍ୟୟ ସଂଗଠିତ ହେଉଥିବାବେଳେ ଯଥାକ୍ରମେ ୪୫ ଶତକଡ଼ା ଓ ୭୪ ଶତକଡ଼ା ମୋଟ ମୃତ୍ୟୁ ଓ ମୋଟ ଅର୍ଥନୈତିକ କ୍ଷତି ଏହିସବୁ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହୋଇଥାଏ। ବୈଷୟିକ ଜ୍ଞାନକୌଶଳର ଉପଯୋଗକରି ପୂର୍ବସୂଚନା ଓ ସତର୍କତା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉଥିବାରୁ ଅନେକ ଧନଜୀବନକୁ ସୁରକ୍ଷିତ ରଖାଯାଇପାରୁଛି।

ତେବେ ଲୋକମାନଙ୍କର ସ୍ଥାନାନ୍ତରଣ ଓ ଥଇଥାନ ପାଇଁ ଅଧିକ ଆନ୍ତର୍ଜାତିକ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଜାତିସଂଘ ସ୍ୱତନ୍ତ୍ର ପ୍ରତିନିଧି ମାମି ମିଜୋରୀ। ଏ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରି ବିପର୍ଯ୍ୟୟର ବିପଦଗୁଡ଼ିକୁ ହ୍ରାସ କରିବା ସହ ପରିବର୍ତ୍ତନଶୀଳ ପାଣିପାଗକୁ ଦୃଷ୍ଟିରେ ରଖି ସମନ୍ୱିତ ଜାତୀୟ, ସ୍ଥାନୀୟ ବିପର୍ଯ୍ୟୟ ବିପଦ ହ୍ରାସ କୌଶଳ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଯାହା କେବଳ ବିପର୍ଯ୍ୟୟକୁ ହ୍ରାସ କରିବ ତାହା ନୁହେଁ ବରଂ ଗରିବୀ ହଟାଇବା ସହ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହେବ।

ଆମ ଦେଶରେ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ କାର୍ଯ୍ୟକାରୀ ହେଉଛି। ଜାତୀୟ ଓ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠିତ ହୋଇଛି। ଏହି ସଂସ୍ଥା ବିପର୍ଯ୍ୟୟ ଆକଳନ ସଚେତନତା, ନୀତି ଓ ଯୋଜନା ପ୍ରଣୟନ, ସହାୟତା ଓ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି। ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ମୁକାବିଲା, ବିପର୍ଯ୍ୟୟ ସମୟରେ ଓ ପରେ ଥଇଥାନ, ପୁନଃ ସଂସ୍ଥାପନ ମାଧ୍ୟମରେ ଏହି ପରିଚାଳନାଗତ କାର୍ଯ୍ୟ କରାଯାଇଥାଏ। ବିପର୍ଯ୍ୟୟ ପରେ ପୁନର୍ଗଠନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଲୋକମାନଙ୍କୁ ପୁଣି ସେହି ସାଧାରଣ ଜୀବନଶୈଳୀ ଉପଲବ୍ଧ କରାଇଦିଆଯାଏ । ତେବେ ବାତ୍ୟା, ବନ୍ୟାରୁ ରକ୍ଷା ପାଇବା ନିମନ୍ତେ ଆଶ୍ରୟସ୍ଥଳୀ ନିର୍ମାଣ ଓ ପରିଚାଳନା, ସ୍ୱେଚ୍ଛାସେବୀ ସୃଷ୍ଟି, ବ୍ୟକ୍ତିଗତ ଓ ଗୋଷ୍ଠୀର ଦୁର୍ବଳ ସ୍ଥିତି ସମୀକ୍ଷା, ସୁରକ୍ଷା ଯୋଜନା, ପୂର୍ବସୂଚନା ପ୍ରସାରଣ, ଉଦ୍ଧାର ବ୍ୟବସ୍ଥା ଏବଂ ଗୋଷ୍ଠୀ ସହଭାଗିତାରେ ସ୍ଥାନୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଓ କୌଶଳ ମାଧ୍ୟମରେ ଧନଜୀବନକୁ ଅଧିକ ସୁରକ୍ଷା ଦିଆଯାଇପାରିବ। ତା'ଛଡା ହେନ୍ତାଳ ବନ ସୃଷ୍ଟି ଓ ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ନିର୍ମାଣ, ବାଉଁଶ ଓ ତାଳ ଗଛ ଭଳି ବାତ୍ୟା ପ୍ରତିରୋଧୀ ବୃକ୍ଷରୋପଣ, ବର୍ଷାଜଳ ଅମଳ, ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା ଆଦି ଉପାୟ ସବୁ ବାତ୍ୟା, ବନ୍ୟା ଭଳି ବିପର୍ଯ୍ୟୟଠାରୁ ଆମକୁ ସୁରକ୍ଷା ପ୍ରଦାନ କରିବ। ବିଭିନ୍ନ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ବାରମ୍ବାର ମକଡ୍ରିଲ, ନିରନ୍ତର ଅଭ୍ୟାସ ଏବଂ ପ୍ରସ୍ତୁତି ହିଁ ଜୀବନ ବଞ୍ଚାଇବାର ମୁଖ୍ୟ ଆୟୁଧ ରୂପେ କାର୍ଯ୍ୟ କରିଥାଏ। ଏହାର ସମୃଦ୍ଧୀକରଣର ଆବଶ୍ୟକତା ରହିଛି। ଗୋଷ୍ଠୀ ସ୍ତରରେ ଏ ବିଷୟରେ ଅଧିକ ସଚେତନତା, ବିପର୍ଯ୍ୟୟ ଯୋଦ୍ଧା ସୃଷ୍ଟି, ସଦା ପ୍ରସ୍ତୁତ ଆଶ୍ରୟସ୍ଥଳୀ, ଗ୍ରାମପଞ୍ଚାୟତ ବିକାଶ ଯୋଜନା ସହ ବିପର୍ଯ୍ୟୟ ପରିଚାଳନା ଯୋଜନାର ସଂଯୋଜନା ଓ ସ୍ଥାନୀୟ ସହଭାଗିତା, ବିପର୍ଯ୍ୟୟ ସହନଶୀଳ ଜୀବିକା, ଦକ୍ଷ ବିପର୍ଯ୍ୟୟ ନିରୋଧୀ ଗ୍ରାମ କିମ୍ବା ଅଞ୍ଚଳ ଗଠନ କରାଯାଇ ଆକ୍ସନପ୍ଲାନ ଅନୁସାରେ କାର୍ଯ୍ୟକଲେ ବିପର୍ଯ୍ୟୟ ପରିଚାଳନା ସହଜ ହେବା ସହ ପ୍ରାକୃତିକ ବିଭବ ସୁରକ୍ଷିତ ରହିପାରିବ। ଏକ୍ଷେତ୍ରରେ ଆହୁରି ସଶକ୍ତ ହେବାର ଆବଶ୍ୟକତା ମନେହୁଏ। ପ୍ରକୃତି ହିଁ ଆମକୁ ବିପର୍ଯ୍ୟୟରୁ ସୁରକ୍ଷା ଦେବ। ବିକାଶ ଲକ୍ଷ୍ୟ ପୂରଣ ବେଳେ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ବନ୍ଦ କଲେ ବିପର୍ଯ୍ୟୟର ମାତ୍ରା ନିଶ୍ଚୟ ହ୍ରାସ ପାଇବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଜନନୀ ଯନ୍ତ୍ରଣା

ମହାଶୟ,

ସରକାର 'ଜନନୀ ସୁରକ୍ଷା' ଯୋଜନା କରି ମହିଳାମାନେ କିପରି ସୁରକ୍ଷିତ ପ୍ରସବ କରିପାରିବେ, ସେମାନଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଦୁଃଖର କଥା ପ୍ରତ୍ୟହ ଖବରକାଗଜ ଏବଂ ଟେଲିଭିଜନରେ ମହିଳାମାନେ କିପରି ପ୍ରସବକାଳୀନ ଦୁଃଖଦୁର୍ଦ୍ଦଶା ଭୋଗୁଛନ୍ତି ତାହା ପ୍ରାୟ ସମସ୍ତେ ଦେଖୁଛନ୍ତି। ଭୁବନେଶ୍ୱର ନାକନିଶ ତଳେଥିବା ଜଟଣୀ ସହରର 'ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର'ର ଅବସ୍ଥା ନ କହିଲେ ଭଲ। ମହିଳାମାନଙ୍କ ୩/୫ ମାସ ସମୟର 'ଅଲଟ୍ରା ସାଉଣ୍ଡ' କରିବା ପାଇଁ ନା ଯନ୍ତ୍ର ଅଛି ନା କର୍ମଚାରୀ ଅଛନ୍ତି। ଡାକ୍ତରମାନେ ପ୍ରାଇଭେଟରେ କରିବା ପାଇଁ ପରାମର୍ଶ ଦେଉଛନ୍ତି, ଯାହା କି ଗରିବ ମହିଳାମାନଙ୍କ ପାଇଁ ବ୍ୟୟସାପେକ୍ଷ। ଗରିବ ମହିଳାମାନେ ଅଲଟ୍ରା ସାଉଣ୍ଡ କରିବା ପାଇଁ ଧାରକରଜ କରିବାକୁ ପଡୁଛି। ଓଡ଼ିଶାର ଏକନମ୍ବର ଜିଲା ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ହେଉନାହିଁ। ଯଦି ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାର ଅବସ୍ଥା ଏପରି, ତେବେ କୋରାପୁଟ, କଳାହାଣ୍ଡି ଭଳି ଉପାନ୍ତ ଅଞ୍ଚଳ କଥା ନ କହିବା ଭଲ। ସରକାରଙ୍କୁ ଅନୁରୋଧ ଜଟଣୀ ଭଳି କ୍ରମବର୍ଦ୍ଧିଷ୍ଣୁ ସହରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତୁରନ୍ତ ଅଲଟ୍ରାସାଉଣ୍ଡ ମେସିନ ଯୋଗାଇଦେଲେ ଅନେକ ମହିଳା ଉପକୃତ ହୋଇପାରିବେ।

**–ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ହଜିଛି ଯେ ଦେଶ କେତେ କାଳୁ ନୋହେ କଳି
ସରିଛି ଶକତି ପଡିଛି ବିବେକ ଟଳି।
ଆଜି ସେ ଭାରତ ପୁଣି ଟେକେ ମଥା
କଙ୍କାଳ ରାଶି କହିଉଠେ କଥା
ଆଗ୍ନେୟ ଗିରି ସମ ତା'ର ବ୍ୟଥା ବିଶ୍ୱେ ଉଠଇ ଜଳି
ହଜିଛି ସେ ଦେଶ ଘେରି କେତେ ପ୍ରାଣ ବଳୀ !
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କୋଇଲା ଅଭାବ: ପିଏମ୍‌ଓକୁ ଏଏଆଇର ଚିଠି

**ନୂଆଦିଲ୍ଲୀ,୨୮।୧୦:** ସାରା ଦେଶରେ ବର୍ତ୍ତମାନ କୋଇଲା ସଙ୍କଟ ଜାରି ରହିଛି। ଦେଶର ଆଲୁମିନିୟମ୍ ଶିଳ୍ପ ମଧ ଏହି ସମସ୍ୟା ଦେଇ ଗତି କରୁଛି। ସମସ୍ୟା ସମାଧାନ ଲାଗି ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠିରେ ନିବେଦନ କରାଯାଇଛି। ଆଲୁମିନିୟମ ଶିଳ୍ପ ସହ ଜଡିତ ୫,୦୦୦ କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ (ଏସ୍‌ଏମ୍‌ଇ) ବର୍ତ୍ତମାନ ସଙ୍କଟରେ ରହିଛି। ଏହା ସହିତ ଜଡିତ ୧ ନିୟୁତ ଲୋକଙ୍କ ଜୀବିକାକୁ ବଞ୍ଚାଇବା ଲାଗି ପିଏମ୍‌ଓର ପ୍ରିନ୍ସିପାଲ ସେକ୍ରେଟେରିରୁ ନିବେଦନ କରାଯାଇଛି। କୋଇଲା ଯୋଗାଣକୁ ତ୍ୱରାନ୍ୱିତ କରିବା, ରେକ୍ ବ୍ୟବସ୍ଥା ଏବଂ ନିଜସ୍ୱ ପାୱାର ପ୍ଲାଣ୍ଟଗୁଡ଼ିକୁ ଚଳାଇ ରଖିବା ଲାଗି କୋଇଲାର ନିରନ୍ତର ଯୋଗାଣ ଉପରେ ଏଏଆଇ ଗୁରୁତ୍ୱାରୋପ କରିଛି। ପୂର୍ବରୁ ଆଲୁମିନିୟମ ଶିଳ୍ପକୁ ୫୦% କୋଇଲା ଯୋଗାଣ ହେଉଥିଲା। ଏହା ବର୍ତ୍ତମାନ ୧୦% କମିଛି। କମ୍ପାନୀଗୁଡିକ ନିକଟରେ ପ୍ରାୟ ୩ ଦିନର କୋଇଲା ଗଛିତ ହୋଇ ରହିଛି। ଷ୍ଟକ ସରି ଆସୁଥିବାରୁ ଏହା ଦ୍ୱାରା କମ୍ପାନୀଗୁଡିକର କାର୍ଯ୍ୟ ଠପ୍ ହୋଇଯିବା ଆଶଙ୍କା ଉପୁଜିଛି। ଶିଳ୍ପର ସମସ୍ୟାକୁ ବିଚାର କରି ତ୍ୱରିତ ଭିତ୍ତିରେ ଏହାର ସମାଧାନ କରାଯାଉ ବୋଲି ନିବେଦନ କରାଯାଇଛି।

### ଭାରତୀୟଙ୍କୁ ୨୬ ହଜାର କୋଟିର ବିଦେଶୀ ବିନିମୟ ଶୁଳ୍କ

**ନୂଆଦିଲ୍ଲୀ,୨୮।୧୦:** ବର୍ଷ ୨୦୨୦ରେ ବିଦେଶକୁ ଅର୍ଥ ପଠାଇବା ଲାଗି ଭାରତୀୟମାନେ ୨୬ ,୩୦୦ କୋଟି ଟଙ୍କାର ବିଦେଶୀ ବିନିୟମ ଶୁଳ୍କ ପ୍ରଦାନ କରିଛନ୍ତି। ଇଣ୍ଡନ ଶେୟାର ବଜାରରେ ସୁଚୀଭୁକ୍ତ କମ୍ପାନୀ ୱାଇଜ ଟେକ୍ନୋଲୋଜିର ଏକ ରିପୋର୍ଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଏହା ମଧ୍ୟରୁ କେବଳ ମାର୍କ ଅପ୍ ବା ବିନିୟମ ଦରକୁ ପ୍ରକୃତ ନ ଦେଖାଇବା ଲାଗି ୯୭୦୦ କୋଟି ଟଙ୍କାର ଟିକସ ଦିଆଯାଇଛି। ଫଳରେ ୨୦୨୦ରେ ମୋଟ ୨୬,୩୦୦ କୋଟି ଟଙ୍କା ଦେବାକୁ ପଡିଛି। ଏହା ୨୦୧୬ରେ ୧୮୭୦୦ କୋଟି ଟଙ୍କା ରହିଥିଲା।

# ନିବେଶକଙ୍କ କ୍ଷତି ୪.୮୨ ଲକ୍ଷ କୋଟି

## ୧,୧୫୯ ପଏଣ୍ଟ ଖସିଲା ସେନ୍‌ସେକ୍ସ




ମୁମ୍ବାଇ,୨୮।୧୦

ଗୁରୁବାର ଭାରତୀୟ ପୁଞ୍ଜିବଜାରର କାରବାର କ୍ଷତିଗ୍ରସ୍ତ ସ୍ତରରେ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ଗତ ୬ ମାସରେ ପ୍ରଥମ ଥର ଲାଗି ସର୍ବାଧିକ ଦିନିକିଆ ହ୍ରାସ ହୋଇଛି। ସୂଚକାଙ୍କ ୧,୧୫୯ ପଏଣ୍ଟ ଖସିବା ଯୋଗୁ ନିବେଶକମାନେ ୪.୮୨ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବିଶ୍ୱ ବଜାରର ପ୍ରଭାବିତ ସ୍ଥିତି ଏବଂ ଶେୟାର ବିକ୍ରି କରିବା ଯୋଗୁ ବଜାର ଖସିଥିବା ଜଣାପଡ଼ିଛି। ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି ଏବଂ ଶକ୍ତି କ୍ଷେତ୍ର ଶେୟାର ବିଶେଷଭାବେ ପ୍ରଭାବିତ ହୋଇଛି। ଉଭୟ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍‌ରେ ଶେୟାର କାରବାର କ୍ଷତିଗ୍ରସ୍ତ ରହିଛି।

ସେନ୍‌ସେକ୍ସ ୧.୮୯% ନିମ୍ନରେ ରହିବା ଯୋଗୁ ୫୯,୯୮୪.୭୦ ପଏଣ୍ଟରେ ବନ୍ଦ ହୋଇଛି। ଚଳିତ ବର୍ଷ ଏପ୍ରିଲ ୧୨ ପରଠାରୁ ଏହା କାରବାରରେ ସର୍ବାଧିକ ହ୍ରାସ। ଏହିଦିନ ସେନ୍‌ସେକ୍ସ ୧୭୦୮ ପଏଣ୍ଟ ଖସିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୩୫୩.୭୦ ପଏଣ୍ଟ (୧.୯୪%) ନିମ୍ନରେ ରହିବା ଯୋଗୁ ୧୭,୮୫୭.୨୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଆଇଟିସି କମ୍ପାନୀର କାରବାର ସବୁଠାରୁ ପ୍ରଭାବିତ ରହିଛି। ଏହାର ଶେୟାର ୫.୫୪% ଖସିଛି। ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ବ୍ୟାଙ୍କ, ଆଇକ୍ସିସ ବ୍ୟାଙ୍କ, ଟାଇଟାନ, ଏସ୍‌ବିଆଇ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର ପ୍ରାୟ ୪.୩୯% ହ୍ରାସ ହୋଇଛି। ସେନ୍‌ସେକ୍ସର କେବଳ ୬ ଶେୟାର ଉନ୍ନତ ସ୍ତରରେ ରହିଛି।

ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଶେୟାର କାରବାର ୨.୯୪% ବଢ଼ିଛି। ସେହିଭଳି ଏଲ୍ ଆଣ୍ଡ ଟି, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଏସିଆନ ପେଣ୍ଟସ, ମାରୁତି ଏବଂ ବଜାଜ ଫାଇନାନ୍ସ ମଧ ଉନ୍ନତ ସ୍ଥିତିରେ ରହିଛି। ବିଏସ୍‌ଇର ରିୟଲ ଇଷ୍ଟେଟ ବ୍ୟାଙ୍କ, ଶକ୍ତି, ୟୁଟିଲିଟି ଏବଂ ତୈଳ ଏବଂ ବାଷ୍ପ ଶେୟାର ପ୍ରଭାବିତ ରହିଛି। ବିଏସ୍‌ଇର ସ୍ମଲ୍ କ୍ୟାପ୍ ଏବଂ ମିଡ୍ କ୍ୟାପ୍ ୧.୫୬% ନିମ୍ନରେ ରହିଛି। ସାଂଘାଇ, ହଂକଂ, ସିଓଲ ଏବଂ ଟୋକିଓ ଭଳି ଏସିଆର ପ୍ରମୁଖ ଶେୟାର ବଜାରଗୁଡିକ ପ୍ରଭାବିତ ସ୍ଥିତିରେ ରହିଛନ୍ତି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ୧.୧୧% ହ୍ରାସ ଘଟି ବ୍ୟାରେଲ ପିଛା ୮୨.୯୪ ଡଲାର ରହିଛି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧୧ ପଇସା ଉଚ୍ଚରେ ରହି ୯୪.୯୪ ଟଙ୍କା ରହିଛି। ବିଦେଶୀ ସଂସ୍ଥାଗତ ନିବେଶକମାନେ ୧୯୧୩ କୋଟି ଟଙ୍କା ପ୍ରତ୍ୟାହାର କରିଥିବା ଜଣାପଡ଼ିଛି।

# ୧୫୦ ଟଙ୍କା ଛୁଇଁପାରେ ପେଟ୍ରୋଲ

## ବର୍ଦ୍ଧିତ ଟିକସ, ଅଶୋଧିତ ତେଲ ଯୋଗୁ ତେଲ ମହଙ୍ଗା

ନୂଆଦିଲ୍ଲୀ,୨୮।୧୦

ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ତେଲ ଦର ଯେଉଁ ଭଳି ହାରରେ ବଢ଼ିଛି, ନିକଟ ଭବିଷ୍ୟତରେ ଏଥିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରା ଯାଇ ନ ପାରେ ବୋଲି ବଜାର ବିଶେଷଜ୍ଞ କହୁଛନ୍ତି। ଯଦି ତେଲର ଏଭଳି ବୃଦ୍ଧି ଧାରା ଲାଗି ରହେ ତେବେ ଆସନ୍ତା ବର୍ଷ ଗୋଟିଏ ଲିଟର ପେଟ୍ରୋଲ କିଣିବା ଲାଗି ଲୋକଙ୍କୁ ୧୫୦ ଟଙ୍କା ଦେବାକୁ ପଡ଼ିପାରେ। କାରଣ ଅଶୋଧିତ ତେଲ ରେକର୍ଡ ଭାଙ୍ଗି ଚାଲିଛି। ୨୦୦୮ରେ ବ୍ୟାରେଲ ପିଛା ଅଶୋଧିତ ତେଲ ଦର ଯେଉଁ ସ୍ତରରେ ରହିଥିଲା ସେହି ସ୍ତର ଛୁଇଁବାକୁ ଯାଉଛି। ମାତ୍ର ସେତେବେଳେ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଏବେ ଭଳି ଉଚ୍ଚରେ ନ ଥିଲା।



ବର୍ତ୍ତମାନ ଦେଶର କିଛି ପ୍ରାନ୍ତରେ ପେଟ୍ରୋଲ ୧୧୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଡିଜେଲ ଦର ମଧ ୧୦୦ ଟଙ୍କା ପାର କରିଛି। ଚଳିତ ବର୍ଷ ଜୁଲାଇ ମାସରେ ପ୍ରଥମ ଥର ଲାଗି ପେଟ୍ରୋଲ ଦର ୧୦୦ ଟଙ୍କା ସ୍ତର ଟପିଥିଲା। ତେବେ ତେଲ ଦର ଊର୍ଦ୍ଧ୍ୱଗାମୀ ହେବାର ବିଭିନ୍ନ କାରଣ ରହିଛି। ଏହା ମଧ୍ୟରେ ଅନ୍ତର୍ଜାତୀୟ ବଜାରର ଅଶୋଧିତ ତେଲ ଦର ବୃଦ୍ଧି ଏବଂ କେନ୍ଦ୍ର ତଥା ରାଜ୍ୟଗୁଡିକ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଟିକସ ଏଥିଲାଗି ଦାୟୀ। ବର୍ତ୍ତମାନ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୫ ଡଲାର ରହିଛି। ଶୀଘ୍ର ଏହା ୧୧୦ ଡଲାର ଛୁଇଁବ ବୋଲି କୁହାଯାଉଛି। ୨୦୦୮ରେ ବ୍ୟାରେଲ ପିଛା ଅଶୋଧିତ ତେଲ ଦର ୧୪୭ ଡଲାର ରହିଥିଲା। ଅଶୋଧିତ ତେଲ ଦର ହ୍ରାସ କିମ୍ବା ବୃଦ୍ଧି ହେଉ ମାତ୍ର ଦେଶ ମଧ୍ୟରେ ଉତ୍ପାଦ ଟିକସ ଏବଂ ଭ୍ୟାଟ ଯୋଗୁ ତେଲ ଦର ଖସୁ ନ ଥିବା ଜଣାପଡିଛି।

ଗ୍ଲୋବାଲ କ୍ରୋକରେଜ ଫାର୍ମ ଗୋଲ୍ଡ ମ୍ୟାନ ସ୍ୟାଚ୍ କହିଛି, ଆସନ୍ତା ବର୍ଷ ସୁଧା ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୧୦ ଡଲାର ଛୁଇଁପାରେ। ଚଳିତ ବର୍ଷ ଅଶୋଧିତ ତେଲ ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁପାରେ। ଏହା ଯଦି ହୁଏ ତେବେ ତେଲ ଦର ପ୍ରାୟ ୩୦% ବଢ଼ିଯିବ ବୋଲି ଆଶଙ୍କା କରାଯାଇଛି। ବିଶ୍ୱ ସ୍ତରର ଚାହିଦା ଏବଂ ଯୋଗାଣରେ ତାରତମ୍ୟ ଏବେ ମଧ ଲାଗି ରହିଛି। ତେଲ ଚାହିଦା ବର୍ତ୍ତମାନ କରୋନା ପୂର୍ବ ସ୍ତର ଛୁଇଁଛି। ଆସନ୍ତା ବର୍ଷ ତେଲ ଚାହିଦା ଆହୁରି ବଢ଼ିବ ବୋଲି କୁହାଯାଉଛି। ଅଶୋଧିତ ତେଲ ୩୦% ବଢ଼ିଲେ ଭାରତରେ ପେଟ୍ରୋଲ ଦର ଲିଟର ପିଛା ୧୫୦ ଟଙ୍କା ଛୁଇଁପାରେ। ସେହିଭଳି ଗୋଟିଏ ଲିଟର ଡିଜେଲ ଲାଗି ଲୋକଙ୍କୁ ୧୪୦ ଟଙ୍କା ଦେବାକୁ ପଡ଼ିପାରେ।

## ୧ ଲକ୍ଷ କୋଟି ବିନିଯୋଗ କରିବ ଏଏମ୍‌ଏନ୍‌ଏସ୍

ନୂଆଦିଲ୍ଲୀ,୨୮।୧୦

ଆର୍ସେଲର ମିତ୍ତଲ ଆଣ୍ଡ ନିପନ ଷ୍ଟିଲ ଇଣ୍ଡିଆ(ଏଏମ୍‌ଏନ୍‌ଏସ୍) ଭାରତରେ ଏହାର ନିବେଶ ଧାରା ଜାରି ରଖିଛି। କମ୍ପାନୀ ଆଗାମୀ ୧୦ ବର୍ଷରେ ଭାରତରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ରଖିଛି। ଭାରତରେ ଏହାର ପରିଚାଳନାକୁ କମ୍ପାନୀ ସମ୍ପ୍ରସାରଣ କରିବ। ଗୁଜରାଟର ହାଜିରା ସ୍ଥିତ ଏହାର ୟୁନିଟ କ୍ଷମତାକୁ ବାର୍ଷିକ ୧୮ ନିୟୁତ ଟନ୍‌କୁ ବଢ଼ାଯିବାକୁ ଯୋଜନା ରଖାଯାଇଛି। ସେହିଭଳି ଓଡ଼ିଶାର କେନ୍ଦ୍ରାପଡାରେ କମ୍ପାନୀ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ୟୁନିଟ ସ୍ଥାପନ ଲକ୍ଷ୍ୟ ରଖିଛି। ଏଏମ୍‌ଏନ୍‌ଏସ ଇଣ୍ଡିଆ ଏହାର କାର୍ଯ୍ୟଧାରାକୁ ବିସ୍ତୃତୀକରଣ କରିବା ସହ ନବୀକରଣ ଶକ୍ତି ଯଥା- ସୌର ଏବଂ ହାଇବ୍ରିଡ ପାୱାର କ୍ଷେତ୍ରରେ କାର୍ଯ୍ୟ କରିବା ଦିଗରେ ଅଗ୍ରସର ହେଉଛି। ଅନୁମୋଦନ ଲାଭ କରିଥିବା ସ୍ଥାନଗୁଡିକରେ ପ୍ଲାଣ୍ଟ ସ୍ଥାପନା କାମ ଆଗକୁ ବଢ଼ାଯିବ ବୋଲି କମ୍ପାନୀର ସିଇଓ ଦିଲ୍ଲୀପ ଓମେନ କହିଛନ୍ତି। ଓଡ଼ିଶା ଏବଂ ଗୁଜରାଟରେ କମ୍ପାନୀ ୫୦ ହଜାର କୋଟି ଲେଖାଏ ନିବେଶ କରିବ।

# ଆକାଶର ସ୍କଲାରଶିପ ପରୀକ୍ଷା ଘୋଷଣା



ଭୁବନେଶ୍ୱର,୨୮।୧୦

ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସ୍‌ଏଲ୍) ପକ୍ଷରୁ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ (ଏଏନ୍‌ଟିଏଚ୍‌ଇ)ର ଦ୍ୱାଦଶ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସପ୍ତମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ଉଦ୍ଦିଷ୍ଟ। ଏହା ଦ୍ୱାରା ନିଟ୍ ଏବଂ ଆଇଆଇଟି ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରଶିପ ପ୍ରଦାନ କରାଯିବ। ଏହା ଉଭୟ ଅନଲାଇନ୍ ଓ ଅଫଲାଇନରେ ଡିସେମ୍ବର ୧୧-୧୯ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଏକ ଘଣ୍ଟିଆ ପରୀକ୍ଷା, ଅନଲାଇନ୍‌ରେ ସକାଳ ୧୦ଟାରୁ ଅପରାହ୍ନ ୭ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ସେହିଭଳି ଅଫଲାଇନ୍ ପରୀକ୍ଷା ଡିସେମ୍ବର୧୨ ଓ ୧୯ ରେ ଦୁଇଟି ସିଫ୍ଟରେ ସକାଳ ୧୦.୩୦ ରୁ ୧୧.୩୦ ଏବଂ ଅପରାହ୍ନ ୪ରୁ ୫ଟା ମଧ୍ୟରେ ଅନୁଷ୍ଠାନର ୨୧୫ରୁ ଉର୍ଦ୍ଧ୍ୱ ସେଣ୍ଟରରେ ଅନୁଷ୍ଠିତ ହେବ। ଟ୍ୟୁସନ ଫିସ୍‌ରେ ସ୍କଲାରଶିପ ସହିତ, ଟପ୍ ସ୍କୋରଧାରୀଙ୍କୁ କ୍ୟାଶ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ସମସ୍ତ ଗ୍ରେଡ୍‌ର ୫ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ମିଳିବ। ଅତିରିକ୍ତ ଲାଭ ଭାବେ, ଏଏନ୍‌ଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ରୀ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଛାତ୍ରୀଛାତ୍ର ଅନଲାଇନ୍ ଓ ଅଫଲାଇନ ପରୀକ୍ଷା ଆରମ୍ଭ ହେବାର ୩ ଦିନ ଓ ୭ ଦିନ ପୂର୍ବରୁ ଆବେଦନ କରିପାରିବେ। ଅନଲାଇନ କିମ୍ବା ଅଫଲାଇନରେ ୯୯ ଟଙ୍କାର ଫି ଦାଖଲ କରିବାକୁ ହେବ। ଦଶମ- ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ଏଏନ୍‌ଟିଏଚଇ ପରୀକ୍ଷା ଫଳ ଜାନୁୟାରୀ୨ ରେ ଏବଂ ସପ୍ତମ -ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫଳ ଜାନୁୟାରୀ ୪ରେ ପ୍ରକାଶ ପାଇବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଅଜୀମ ପ୍ରେମଜୀଙ୍କ ଦୈନିକ ଦାନ ୨୧ କୋଟି

## ଦାନୀ ତାଲିକାରେ ପ୍ରଥମ ସ୍ଥାନ ବଜାୟ ରଖିଲେ

ନୂଆଦିଲ୍ଲୀ,୨୮।୧୦

ଆର୍ଥିକ ବର୍ଷ ୨୦୨୦-୨୧ରେ ୱିପ୍ରୋ ପ୍ରତିଷ୍ଠାତା ଅଜୀମ ପ୍ରେମଜୀ ଦୈନିକ ହାରାହାରି ୨୧ କୋଟି ଟଙ୍କା ହିସାବରେ ମୋଟ ୯୭୧୩ କୋଟି ଟଙ୍କା ଦାନ କରିଛନ୍ତି। ଭାରତୀୟ ଦାନୀଙ୍କ ତାଲିକାରେ ସେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ମହାମାରୀ ବର୍ଷରେ ମଧ ପ୍ରେମଜୀ ତାଙ୍କ ଦାନ ପ୍ରାୟ ଏକ ଚତୁର୍ଥାଂଶ ବଢ଼ାଇଥିବା ଏଡେଲ ଗିଭ୍ ହୁରୁନ ଇଣ୍ଡିଆ ଫିଲାନଥ୍ରୋପି ତାଲିକା ୨୦୨୧ରୁ ଏହା ଜଣାପଡ଼ିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଏଚ୍‌ସିଏଲ୍‌ର ଶିବ ନାଦାର ରହିଛନ୍ତି। ସେ ୧୨୬୩ କୋଟି ଟଙ୍କା ଦାନ କରିଛନ୍ତି। ଭାରତର ସବୁଠାରୁ ଧନୀବ୍ୟକ୍ତି ମୁକେଶ ଅମ୍ବାନୀ ତୃତୀୟ ସ୍ଥାନରେ ରହିଥିବା ବେଳେ ୫୭୭ କୋଟି, କୁମାର ମଙ୍ଗଳମ ବିର୍ଲା ୩୭୭ କୋଟି ଦାନ କରିଛନ୍ତି। ତାଲିକାର ଅଷ୍ଟମ ସ୍ଥାନରେ ଥିବା ଗୌତମ ଆଦାନୀ ବିପର୍ଯ୍ୟୟ ରିଲିଫ କାର୍ଯ୍ୟ ଲାଗି ୧୩୦ କୋଟି ଟଙ୍କା ଦାନ କରିଛନ୍ତି।



ଇନଫୋସିସ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନୀଙ୍କ ର୍‌ୟାଙ୍କ ଉନ୍ନତି ଆସିବାରୁ ସେ ୫ମ ସ୍ଥାନରେ ରହିଛନ୍ତି। ସେ ୧୮୩ କୋଟି ଟଙ୍କା ଦାନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ କ୍ଷେତ୍ରଗୁଡିକରେ ଏହି ବ୍ୟକ୍ତି ବିଶେଷଙ୍କ ଦାନ ଅର୍ଥ ବ୍ୟବହାର ହେଉଛି।

## ଫୁରସତ୍

# ସଚେତନତା ହିଁ ନିଦାନ

ବ୍ୟସ୍ତବହୁଳ ଜୀବନଶୈଳୀ ଦିନକୁ ଦିନ ବଢ଼ାଇ ଚାଲିଛି ସ୍ୱାସ୍ଥ୍ୟ ସମସ୍ୟା। ଯେଉଁ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଶେଷଜ୍ଞମାନେ ଅଧିକ ବ୍ୟଗ୍ରତା ପ୍ରକାଶ କରୁଛନ୍ତି ସେଥିମଧ୍ୟରୁ ଷ୍ଟ୍ରୋକ୍ ଅନ୍ୟତମ। ଖାଦ୍ୟରେ ଅନିୟମିତତା ସହିତ ଶାରୀରିକ ଶ୍ରମର ଅଭାବ ଯୋଗୁ ରକ୍ତଚାପରେ ସମନ୍ୱୟ ରହିପାରୁନି। ଫଳରେ ଷ୍ଟ୍ରୋକ୍ ଭଳି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି।

ପୃଥିବୀର ବିକଶିତ ଦେଶରେ ଏଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହା ଦ୍ୱାରା ମାନବସମ୍ବଳ ହାନି ହେବା ସହିତ ଆର୍ଥିକ କ୍ଷତିର ପରିମାଣ ବଢ଼ିଚାଲିଛି। ତେଣୁ ଷ୍ଟ୍ରୋକ୍ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୨୯ରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳନ କରାଯାଉଛି। ଷ୍ଟ୍ରୋକ୍‌ର ଗୁରୁତର ସ୍ଥିତି, ଏହି ସମସ୍ୟାର ପ୍ରତିରୋଧ ଏବଂ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।




୨୦୦୬ରେ ୱାର୍ଲ୍ଡ ଷ୍ଟ୍ରୋକ୍ ସଂଗଠନ (ଡବ୍ଲ୍ୟୁଏସ୍‌ଓ) ଦ୍ୱାରା ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର, ପୂର୍ବତନ ମିସ୍ ଇଜିପ୍ଟ ଡାଲିଆ ଏଲ ବେହେରେ ଏବଂ ସାଇକେଲ ଚାଳକ ଆଲବର୍ଟୋ କଣ୍ଟୋଡୋର ୱାର୍ଲ୍ଡ ଷ୍ଟ୍ରୋକ୍ ଅଭିଯାନର ଗୁଡ୍‌ୱିଲ୍ ଆମ୍ବାସଡର ଭାବେ କାର୍ଯ୍ୟ କରୁଛନ୍ତି। ଷ୍ଟ୍ରୋକ୍ ସାରା ବିଶ୍ୱରେ ଏକ ସଙ୍କଟ ସୃଷ୍ଟି ହୋଇଛି। ସମ୍ପ୍ରତି ଏହା ଅକ୍ଷମତାର ଏକ ପ୍ରମୁଖ ଏବଂ ବିଶ୍ୱରେ ମୃତ୍ୟୁର ଦ୍ୱିତୀୟ ମୁଖ୍ୟ କାରଣ ପାଲଟିଛି। ୨୦୧୬ରେ ୧୧୬ ନିୟୁତ ଲୋକଙ୍କର ଏହାଯୋଗୁ ମୃତ୍ୟୁ ଘଟିଥିବା ନେଇ ଏକ ସର୍ବେକ୍ଷଣ ରିପୋର୍ଟରୁ ଜାଣିବାକୁ ମିଳିଛି।

ତେବେ ସଚେତନତା ଦ୍ୱାରା ଷ୍ଟ୍ରୋକ୍‌ର ନିଦାନ କରାଯାଇ ପାରିବ। ପ୍ରତିଦିନ ବ୍ୟାୟାମ, ଖାଦ୍ୟରେ ପନିପରିବାକୁ ସାମିଲ ସହିତ କମ୍ ପରିମାଣର ଲୁଣ ଖାଇଲେ ରକ୍ତଚାପ ସ୍ୱାଭାବିକ ରହିଥାଏ। ଫଳରେ ଷ୍ଟ୍ରୋକ୍ ଭଳି ସମସ୍ୟାରୁ ସହଜରେ ଦୂରେଇ ରହିବା ସମ୍ଭବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।

# ୟୁଟ୍ୟୁବ ଦେଖି ସନ୍ତାନ ପ୍ରସବ

**ଥିରୁଭାନନ୍ତପୁରମ:** ଜଣେ ନାବାଳିକା ଗର୍ଭବତୀ ହେବା ପରେ ୟୁଟ୍ୟୁବ ଭିଡିଓ ଦେଖି ସନ୍ତାନ ଜନ୍ମ କରିବା ଘଟଣା କେରଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମଲ୍ଲାପୁରମ ଜିଲାର ୧୭ ବର୍ଷର ନାବାଳିକା ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ପରେ ସେ ଗର୍ଭବତୀ ହୋଇଥିଲେ। ନାବାଳିକାଙ୍କ ମା' ବାପା ଦୃଷ୍ଟିହୀନ ହୋଇଥିବାରୁ ଏ ବିଷୟରେ ଜାଣିପାରି ନ ଥିଲେ। ଗତ ୨୦ ତାରିଖରେ ସେ ଘରେ ୟୁଟ୍ୟୁବ ଦେଖି ଜଣେ ଶିଶୁଙ୍କୁ ଜନ୍ମ ଦେଇଥିଲେ। ଘରେ ଶିଶୁଟିର କାନ୍ଦ ଶୁଣି ନାବାଳିକାର ମା'-ବାପା ଘଟଣା ବିଷୟରେ ଜାଣିଥିଲେ। ଶିଶୁଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ଏବେ ଏହା ସାମ୍ନାକୁ ଆସିଛି। ନାବାଳିକା ମା' ଓ ଶିଶୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ବଳାତ୍କାର ଅଭିଯୋଗରେ ୨୧ ବର୍ଷୀୟ ଯୁବକଙ୍କୁ ପୋକ୍ସୋ ଆଇନ ଅନୁଯାୟୀ ଗିରଫ କରାଯାଇଛି।

# ଇନ୍‌ଷ୍ଟାରୁ ବାହାଘର ଫଟୋ ହଟାଇଲେ

**ନୂଆଦିଲ୍ଲୀ:** ଅଭିନେତା ନାଗା ଚୈତନ୍ୟଙ୍କଠାରୁ ବିବାହ ବିଚ୍ଛେଦ ପରେ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ବାହାଘର ବେଳର ସମସ୍ତ ଫଟୋ ଡିଲିଟ କରିଦେଇଛନ୍ତି। ନାଗାଙ୍କ ସହ କାଟିଥିବା ଛୁଟିଦିନର ଫଟୋ ମଧ ହଟାଇ ଦେଇଛନ୍ତି। ଅଭିନେତା ରାଣା ଡାଗୁବତୀଙ୍କ ବିବାହରେ ନାଗା-ସାମନ୍ଥା ଯୋଗଦେବାକୁ ଯାଇଥିବାବେଳେ ତାହାର ଫଟୋ ସାମନ୍ଥା ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏବେ ସେ ସବୁକୁ ତାଙ୍କ ଆକାଉଣ୍ଟରୁ କାଟି ଦେଇଛନ୍ତି। ତେବେ ୨୦୧୭ ବେଳର ନାଗାଙ୍କର କିଛି ଫଟୋକୁ ସାମନ୍ଥା ସାଇତି ରଖିଛନ୍ତି। ଚଳିତ ମାସରେ ନାଗା ଚୈତନ୍ୟ ଏବଂ ସାମନ୍ଥା ଛାଡ଼ପତ୍ର ନେବାକୁ ଘୋଷଣା କରିଥିଲେ। ନିକଟରେ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ମହିଳାଙ୍କୁ ଦୃଢ ରହିବାକୁ ଆହ୍ୱାନ ଦେଇଛନ୍ତି। ଭାରତୀୟ ହକି ଖେଳାଳି ରାଣୀ ରାମପାଲଙ୍କ ପୋଷ୍ଟରୁ ଏହି ବାର୍ତ୍ତା ଶେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, 'ଝିଅମାନଙ୍କୁ ଏତେ ଯୋଗ୍ୟ କର ତୁମେ କେବେ ଭାବିବ ନାହିଁ ଯେ ତାଙ୍କୁ କିଏ ବିବାହ କରିବ। ସେମାନଙ୍କ ବିବାହ ପରିବର୍ତ୍ତେ ପାଠପଢାରେ ଟଙ୍କା ଖର୍ଚ୍ଚ କର। ସେମାନଙ୍କୁ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ପ୍ରସ୍ତୁତ କର। ଆବଶ୍ୟକ ପଡିଲେ କିପରି ମାଡ଼ ମରାଯାଏ ତାହା ମଧ ଶିଖାଅ' ବୋଲି ସାମନ୍ଥା ପୋଷ୍ଟରେ କହିଛନ୍ତି। ଏହି ପୋଷ୍ଟ ଭାଇରାଲ ହୋଇଥିବାବେଳେ ସାମନ୍ଥା କାହାକୁ ମାରିବାକୁ ଚାହୁଁଛନ୍ତି ବୋଲି କିଛି ପ୍ରଶଂସକ ପ୍ରଶ୍ନ କରିଛନ୍ତି।



ସାମନ୍ଥା ରୁଥ୍ ପ୍ରଭୁ

ମନେ ପଡ଼ନ୍ତି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସଂଯୁକ୍ତା ମହାପାତ୍ର
ଆବିର୍ଭାବ: ୦୧.୧୦.୧୯୫୪
ତିରୋଧାନ:୨୧.୧୦.୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୨୦୯୫

ତୃତୀୟ ଜନ୍ମଦିନ ଶୁଭେଚ୍ଛା



ନୀଲମ ବନଛୋର
ଗ୍ରାମ: ଲଇଡାଗୁଣା, ଥାନା: କୁଚିଣ୍ଡା
ଆଜି ତୋର ତୃତୀୟ ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ।
ଧ-୨୨୦୯୭

ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



ସାଇ ପ୍ରକାଶ ମହାରଣା (ବିଭୁ)
ଗୁଜିଦରଡ଼ା, ମିରପାଟଣା, ଭଦ୍ରକ
ଆଜି ତୋର ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ସାଇବାବା, ମାଆ ତାରିଣୀ ଓ ମାଆ ଭଦ୍ରକାଳୀଙ୍କ ପାଦ ପଙ୍କଜରେ କୋଟି କୋଟି ପ୍ରଣାମ। ତୋର ସଫଳ ଜୀବନ ପାଇଁ ଶୁଭ କାମନା କରିବା ସହ ତୋର ଚଲାପଥକୁ ମହାପ୍ରଭୁ ସଦାସର୍ବଦା ପୁଷ୍ପ ସୁଖ ସମୃଦ୍ଧି ସହ ଦୀର୍ଘାୟୁ କାମନା କରନ୍ତୁ। ଶୁଭେଚ୍ଛା
ସହ: ବାପା, ମାମା, ଜେଜେମାଆ, ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ମାମୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୦୫୨

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି।
୨% ସୁଧ, ୫୦% ଛାଡ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ।
9432985505, 9471160476
Whatsapp: 8797985140

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
ବାଲେଶ୍ୱର: ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। କଟକ: ୪ ଓ ୧୮ ତାରିଖ, ହୋଟେଲ ରକ୍କି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। ଭୁବନେଶ୍ୱର: ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଡେଷ୍ଟ, ଅଶୋକନଗର। ପୁରୀ: ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। ବାରିପଦା: ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। ରାଉରକେଲା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲୱେଷ୍ଟେସନ ପାଖ। ପାରାଦୀପ: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। କେନ୍ଦୁଝର: ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। ଝାରସୁଗୁଡ଼ା: ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ୍। ଅନୁଗୁଳ: ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। ବ୍ରହ୍ମପୁର: ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। ଭବାନୀପାଟଣା: ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଏବଂ ୨୮ ତାରିଖ, ହୋଟେଲ ଶରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା

ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୨୯/୨୦୨୧ Dhenkanal, Friday, October 29/ 2021

# ପୁରୁଣା ଦଳ ୪ ଖେଳାଳି ରଖିବା ସମ୍ଭାବନା



## ଆଇପିଏଲ୍-୨୦୨୨
### ନୂଆ ଦଳକୁ ୩ ଜଣ ଲେଖାଏ ଖେଳାଳି ଚୟନ ସୁଯୋଗ ମିଳିପାରେ

ନୂଆଦିଲ୍ଲୀ, ୨୮।୧୦

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣରେ ୨ଟି ନୂଆ ଦଳ ସାମିଲ ହେବାକୁ ଯାଉଛନ୍ତି। ଅହମଦାବାଦ ଓ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ଭାବେ ଏହି ଦଳ ୨୦୨୨ ସଂସ୍କରଣରେ ଖେଳିବେ। ଆଗାମୀ ଆଇପିଏଲ୍ ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ରିଟେନ୍‌ଶନ ନିୟମ ଅନୁସାରେ ପୁରୁଣା ଦଳଗୁଡ଼ିକ ୪ ଜଣ ଲେଖାଏ ଖେଳାଳିଙ୍କୁ ନିଜ ପାଖରେ ରଖିବା ସମ୍ଭାବନା ରହିଛି। ଅବଶିଷ୍ଟ ଖେଳାଳିଙ୍କ ମଧ୍ୟରୁ ନୂଆ ୨ଟି ଫ୍ରାଞ୍ଚାଇଜ୍‌କୁ ୩ ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରିବା ସୁଯୋଗ ମିଳିପାରେ। ଏହାପରେ ଖେଳାଳି ନିଲାମ ଅନୁଷ୍ଠିତ ହେବ। ତେବେ ଆଇପିଏଲ୍ ପକ୍ଷରୁ ଖେଳାଳି ରିଟେନ୍‌ଶନ ନିୟମ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ।

ପୂର୍ବରୁ ଆଇପିଏଲ୍ ଖେଳି ଆସୁଥିବା ଚେନ୍ନାଇ ସୁପରକିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦିଲ୍ଲୀ କ୍ୟାପିଟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଅତି ବେଶିରେ ୪ ଜଣ ଲେଖାଏ ଖେଳାଳିଙ୍କୁ ରିଟେନ୍ ରଖି ପାରନ୍ତି। ଆଇପିଏଲ୍-୨୦୨୨ ପାଇଁ ଖେଳାଳି ନିଲାମ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଏଥର ପ୍ରତି ଫ୍ରାଞ୍ଚାଇଜ୍ ଦଳ ନିକଟରେ ୯୦ କୋଟି (ପାଖାପାଖି ୧୨ ମିଲିଅନ ଆମେରିକୀୟ ଡଲାର) ଟଙ୍କା ରହିବା ସମ୍ଭାବନା ରହିଛି। ଯାହାକି ପୂର୍ବ ସଂସ୍କରଣଠାରୁ ୫ କୋଟି ଟଙ୍କା ଅଧିକ। ୨୦୨୧ ସଂସ୍କରଣର ଖେଳାଳି ନିଲାମରେ ପ୍ରତି ଦଳ ପାଇଁ ୮୫ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ଚଳିତ ସପ୍ତାହରେ ଏ ସମ୍ପର୍କରେ ଆଇପିଏଲ୍ ଏବଂ ଫ୍ରାଞ୍ଚାଇଜ୍‌ଙ୍କ ମଧ୍ୟରେ ଆଲୋଚନା ହୋଇପାରେ।

ଫ୍ରାଞ୍ଚାଇଜ୍‌ମାନେ ଖେଳାଳି ରିଟେନ ସମୟରେ ପୂର୍ବରୁ ଥିବା କମ୍ବିନେଶନରେ ପରିବର୍ତ୍ତନ କରିପାରିବେ ନାହିଁ। ସେମାନେ ୩ ଭାରତୀୟ ଓ ଜଣେ ବିଦେଶୀ କିମ୍ବା ୨ ଭାରତୀୟ, ୨ ବିଦେଶୀ ଖେଳାଳିଙ୍କୁ ନେଇ ପାରିବେ। ରିଟେନ ରହିଥିବା ୩ ଭାରତୀୟ ଖେଳାଳି ଅନ୍ତର୍ଜାତୀୟ ସ୍ତରର ହୋଇପାରନ୍ତି, ସମସ୍ତେ ନୂଆ ଖେଳାଳି ହୋଇପାରନ୍ତି କିମ୍ବା ଅନ୍ତର୍ଜାତୀୟ ଓ ନୂଆ ଖେଳାଳିଙ୍କୁ ମିଶାଇ ହୋଇପାରନ୍ତି। ୨୦୧୮ ସିଜନ ଆରମ୍ଭ ପୂର୍ବରୁ ମେଗା ଖେଳାଳି ନିଲାମ ପ୍ରକ୍ରିୟା ହୋଇଥିଲା। ସେତେବେଳେ ରାଇଟ୍-ଟୁ-ମ୍ୟାଚ କାର୍ଡ୍ସ (ଆରଟିଏମ୍) ବ୍ୟବହାର ହୋଇଥିଲା। ଏଥର ମଧ୍ୟ ତାହା ହୋଇପାରେ। ଦୁଇ ନୂଆ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ଓ ଅହମଦାବାଦ ୩ ଖେଳାଳିଙ୍କୁ ଚୟନ ବେଳେ ୨ ଭାରତୀୟ ଓ ଜଣେ ବିଦେଶୀ ଖେଳାଳି କମ୍ବିନେଶନ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ତେବେ ପୁରୁଣା ଫ୍ରାଞ୍ଚାଇଜ୍‌ମାନେ ରିଟେନ ରଖି ନ ଥିବା ଖେଳାଳିଙ୍କ ମଧ୍ୟରୁ କିମ୍ବା ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ନୂଆ ଫ୍ରାଞ୍ଚାଇଜ୍‌ମାନେ ୩ ଖେଳାଳି ଚୟନ କରିବେ ତାହା ସ୍ପଷ୍ଟ କରାଯାଇନାହିଁ। ଯଦି ପୁରୁଣା ୮ ଫ୍ରାଞ୍ଚାଇଜ୍ ରିଟେନ ରଖି ନ ଥିବା ଖେଳାଳିଙ୍କ ମଧ୍ୟରୁ ନୂଆ ଫ୍ରାଞ୍ଚାଇଜ୍‌କୁ ଖେଳାଳି ବାଛିବାକୁ କୁହାଯିବ ତେବେ ସେ କ୍ଷେତ୍ରରେ ପ୍ଲେୟର-ଡ୍ରାଫ୍ଟ ପଦ୍ଧତି ଅବଲମ୍ବନ କରାଯାଇପାରେ। ୨୦୧୩ ସ୍ପଟ୍ ଫିକ୍ସିଂ ଘଟଣା ପରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ସସ୍‌ପେଣ୍ଡ ହୋଇଥିବାରୁ ତାଙ୍କ ସ୍ଥାନରେ ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍ସ ଓ ଗୁଜରାଟ ଲାୟନ୍ସ ୨ ସିଜନ ଖେଳିଥିଲେ। ନୂଆ ଦଳ ସାମିଲ ପରେ ୨୦୧୬ରେ ହୋଇଥିବା ଖେଳାଳି ନିଲାମ ପୂର୍ବରୁ ପ୍ଲେୟର-ଡ୍ରାଫ୍ଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଅଧିକ ବିଡ୍ ଦାଖଲ କରିଥିବାରୁ ସୁପରଜ୍ୟାଣ୍ଟ୍ସକୁ ପ୍ରଥମେ ଖେଳାଳି ନେବା ସୁଯୋଗ ଦିଆଯାଇଥିଲା ଏବଂ ଏହି ଫ୍ରାଞ୍ଚାଇଜ୍ ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ନିଜ ଦଳକୁ ନେବାରେ ସକ୍ଷମ ହୋଇଥିଲା।

ରିଟେନଶନ ସମ୍ପର୍କରେ ଖେଳାଳିମାନେ ଅନ୍ତିମ ନିଷ୍ପତ୍ତି ନେବେ। ସେମାନେ ରିଟେନ ହେବାକୁ ଚାହୁଁଛନ୍ତି କି ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଚାହୁଁଛନ୍ତି ତା ଉପରେ ଅନେକ କିଛି ନିର୍ଭର କରିବ। ଯେଉଁ ଖେଳାଳି ଅଧିକ ଅର୍ଥ ପାଇବା ଆଶା ରଖିଥିବେ ସେମାନେ ନିଲାମରେ ସାମିଲ ହେବାକୁ ପସନ୍ଦ କରିପାରନ୍ତି। ଆଇପିଏଲ୍ ପକ୍ଷରୁ ଏ ପର୍ଯ୍ୟନ୍ତ ନିୟମ ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇନାହିଁ। ତେବେ ଖେଳାଳି ରିଟେନଶନ ପାଇଁ ଡେଡ୍‌ଲାଇନ୍ ନଭେମ୍ବର ସୁଦ୍ଧା ଶେଷ ହୋଇପାରେ। ୨୦୧୮ରେ ଶେଷଥର ପାଇଁ ହୋଇଥିବା ମେଗା ନିଲାମ ପ୍ରକ୍ରିୟାରେ ପ୍ରତି ଫ୍ରାଞ୍ଚାଇଜ୍ ୮୦ କୋଟି ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ଧାର୍ଯ୍ୟ ହୋଇଥିଲା। ମାତ୍ର ଖେଳାଳି ରିଟେନ ପାଇଁ ଅର୍ଥ ପରିମାଣ ସର୍ବାଧିକ ୩୩ କୋଟି ମଧ୍ୟରେ ସୀମିତ ରଖା ଯାଇଥିଲା।

# ହାର୍ଦ୍ଦିକଙ୍କୁ ଛାଡ଼ିପାରେ ମୁମ୍ବାଇ




ନୂଆଦିଲ୍ଲୀ, ୨୮।୧୦(ପି.ଟି.)

ପାଞ୍ଚଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନିଲାମ ପ୍ରକ୍ରିୟାକୁ ଛାଡ଼ି ଦେଇପାରେ। ୨୦୨୨ ସିଜନ ପାଇଁ ମୁମ୍ବାଇ ଫ୍ରାଞ୍ଚାଇଜ୍ ତାଙ୍କୁ ରିଟେନ କରିବା ସମ୍ଭାବନା କମ୍। ଆଗାମୀ ଆଇପିଏଲ ୧୦ ଦଳ ବିଶିଷ୍ଟ ହେବାକୁ ଯାଉଥିବାରୁ ଡିସେମ୍ବରରେ ମେଗା ନିଲାମ ପ୍ରକ୍ରିୟା ହେବା ସମ୍ଭାବନା ରହିଛି। ତେଣୁ ଦଳ ଗୁଡ଼ିକ ନିଜ କୋର୍ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି। ଆଇପିଏଲର ୧୪ ସଂସ୍କରଣରେ ସବୁଠାରୁ ସଫଳ ଦଳ ମୁମ୍ବାଇ ନିଜ କୋର୍ ଟିମ୍‌କୁ ବଜାୟ ରଖିବାକୁ ଚେଷ୍ଟା କରିବ। ମାତ୍ର ହାର୍ଦ୍ଦିକ ଏବେ ଜଣେ ସ୍ପେଶାଲିଷ୍ଟ ବ୍ୟାଟରଭାବେ ଗଣା ଯାଉଥିବାରୁ ତାଙ୍କୁ ରଖିବା ସମ୍ଭାବନା କମ୍। ''ବିସିସିଆଇ ୩ ଖେଳାଳି ରିଟେନଶନ ସହ ଜଣକୁ ରାଇଟ୍ ଟୁ ମ୍ୟାଚ କାର୍ଡ (ଆରଟିଏମ୍) ଫର୍ମୁଲା ଅବଲମ୍ବନ କରିପାରେ। ଯଦି ଆରଟିଏମ୍ ବ୍ୟବହାର ନ ହୁଏ ତେବେ ୪ ଖେଳାଳି ରିଟେନଶନ ଫର୍ମୁଲା ରହିପାରେ। ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ପସନ୍ଦର ଦୁଇ ଖେଳାଳି। କିରନ ପୋଲାର୍ଡଙ୍କୁ ମୁମ୍ବାଇ ଫ୍ରାଞ୍ଚାଇଜ୍ ତୃତୀୟ ଖେଳାଳିଭାବେ ରିଟେନ ରଖିପାରେ'' ବୋଲି ଜଣେ ସିନିୟର ଆଇପିଏଲ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପିଠିରେ ସମସ୍ୟା ଯୋଗୁ ସେ ଘଣ୍ଟାପ୍ରତି କ୍ରମାଗତ ୧୩୦ କିଲୋମିଟର ବେଗରେ ବୋଲିଂ କରିବା ସମ୍ଭବ ହେଉନାହିଁ।

## ଦିଲ୍ଲୀ ଛାଡ଼ିପାରନ୍ତି ଶ୍ରେୟାସ ଆୟାର

ଅଧିନାୟକ ପଦ ଦୃଷ୍ଟିରୁ ଭାରତର ପ୍ରତିଭା ସମ୍ପନ୍ନ ବ୍ୟାଟର ଶ୍ରେୟାସ ଆୟାର ଆଗାମୀ ଆଇପିଏଲ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ି ପାରନ୍ତି। ଗତ ସିଜନରେ ରିଷଭ ପନ୍ତଙ୍କ ନେତୃତ୍ୱରେ ଦିଲ୍ଲୀ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ତେଣୁ ଏଥିରେ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ। ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ ୨ ଥର ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ତେଣୁ ଲିଟରଶିପ୍ ରୋଲ୍ ଯୋଗୁ ସେ ଦିଲ୍ଲୀ ଛାଡ଼ିବା ଯଥେଷ୍ଟ ସମ୍ଭାବନା ରହିଛି। ଆଇପିଏଲରେ ୨ଟି ନୂଆ ଦଳ ସାମିଲ ହୋଇଥିବାବେଳେ ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନୂଆ ନେତୃତ୍ୱ ସନ୍ଧାନରେ ଅଛନ୍ତି। ତେଣୁ ଆୟାରଙ୍କ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ରହିଛି।

# ନରେନ୍ଦର ବରୱାଲ ପ୍ରି-କ୍ୱାର୍ଟରରେ

## ବକ୍ସିଂ ୱାର୍ଲ୍ଡ ଚାମ୍ପିୟନଶିପ୍

ବେଲଗ୍ରେଡ୍,୨୮।୧୦(ପି.ଟି.)

ଭାରତୀୟ ବକ୍ସର ନରେନ୍ଦର ବରୱାଲ (+୯୨କେଜି) ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା) ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ସିଆରା ଲିଓନ୍ସର ମହମ୍ମଦ କେଣ୍ଡେଙ୍କୁ ପରାସ୍ତ କରିଛନ୍ତି। କେଣ୍ଡେଙ୍କ ଫୁଟ୍‌ୱର୍କ ଉତ୍ସାହଜନକ ନ ଥିଲା। ସେ ନିଜକୁ ଡିଫେଣ୍ଡ କିମ୍ବା ପ୍ରତିପକ୍ଷ ବକ୍ସରଙ୍କୁ ଆଟାକ୍ କରିବାରେ ସଫଳ ହେଉ ନ ଥିଲେ। ପରେ ଅନ୍ୟ ଜଣେ ପଦାର୍ପଣକାରୀ ବକ୍ସର ବୀରେନ୍ଦର ସିଂ (୬୦କେଜି) ଜ୍ୱରରେ ପୀଡ଼ିତ ହେବାରୁ ଆର୍ମେନିଆର କାରେନ ଟୋନାକାନୟାନଙ୍କ ବିପକ୍ଷ ଲଢେଇରୁ ଓହରିଯାଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ଫଳାଫଳ ନେଗେଟିଭ ଆସିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଏବେ ଉନ୍ନତି ପରିଲକ୍ଷିତ ହେଉଛି। ଟୋନାକାନୟାନଙ୍କୁ ୱାକଓଭର ମିଳିଛି। ଭାରତର ହାଇ ପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଭା କହିଛନ୍ତି, ବୀରେନ୍ଦରଙ୍କ ପାଇଁ ଦୁର୍ଭାଗ୍ୟଜନକ ଦିନ ଥିଲା।

# ଏଟିକେ-ମୋହନ ବାଗାନରୁ ଓହରିଲେ ସୌରଭ ଗାଙ୍ଗୁଲି



**ନୂଆଦିଲ୍ଲୀ, ୨୮।୧୦ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏଟିକେ-ମୋହନ ବାଗାନ ବୋର୍ଡ ଅଫ୍ ଡିରେକ୍ଟର୍ସରୁ ଓହରିଯାଇଛି। ଏହି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବର ମାଲିକ ହେଉଛନ୍ତି ବିଜ୍‌ନେସ ଟାଇକୁନ୍ ସଞ୍ଜୀବ ଗୋଏଙ୍କା। ତାଙ୍କ ଆରପି-ଏସ୍‌ଜି ଗ୍ରୁପ୍ ସୋମବାର ୭୦୯୦ କୋଟି ଟଙ୍କାରେ ଆଇପିଏଲ୍‌ର ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ବିଡ୍ ହାସଲ କରିବାରେ ସଫଳ ହୋଇଛି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସ୍ଥିତି ଉପୁଜିଥିବାରୁ ଗାଙ୍ଗୁଲି ଏହି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ୨୦୧୪ରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବାଠାରୁ ଗାଙ୍ଗୁଲି ଆଟଲେଟିକୋ-କୋଲକାତାର ଅଂଶବିଶେଷ ହୋଇ ରହିଆସିଛନ୍ତି। ସୌରଭ ଗାଙ୍ଗୁଲି ଏକ ଚିଠି ମାଧ୍ୟମରେ ତାଙ୍କ ନିଷ୍ପତ୍ତିକୁ ଏଟିକେ-ମୋହନବାଗାନ ମ୍ୟାନେଜମେଣ୍ଟକୁ ଅବଗତ କରାଇଛନ୍ତି।

# କର ବା ମର ସ୍ଥିତିରେ ବାଂଲାଦେଶ, ୱେଷ୍ଟଇଣ୍ଡିଜ୍

ଶାରଜା,୨୮।୧୦

ଟି୨୦ ବିଶ୍ୱକପ୍‌ର ସୁପର ୧୨ ପର୍ଯ୍ୟାୟରେ ଶୁକ୍ରବାର ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ଗ୍ରୁପ୍-୧ ରେ ପରସ୍ପରକୁ ଭେଟିବେ। ଉଭୟ ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ତେଣୁ ଏହି ମୁକାବିଲାରେ ଦୁଇଟି ଯାକ ଦଳ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ ଗ୍ରୁପ୍-୧ ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ପଞ୍ଚମ ସ୍ଥାନରେ ରହିଛି।

ୱେଷ୍ଟଇଣ୍ଡିଜ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ ବାଂଲାଦେଶ ଇଂଲଣ୍ଡ ଓ ଶ୍ରୀଲଙ୍କାଠାରୁ ହାରିଛି। ତେଣୁ ସେମିଫାଇନାଲ ଆଶା ବଜାୟ ରଖିବାକୁ ହେଲେ ଦୁଇ ଦଳକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ୱେଷ୍ଟଇଣ୍ଡିଜର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ତେଣୁ ବ୍ୟାଟିଂରେ ସୁଧାର ଆଣିବା ଜରୁରୀ ହୋଇପଡିଛି। ପ୍ରଥମ ମ୍ୟାଚ୍‌ରେ ଦଳ ଇଂଲଣ୍ଡ ବିପକ୍ଷରେ ମାତ୍ର ୫୫ ରନକରି ଅଲଆଉଟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଏଭିନ ଲୁଇସ୍ ୩୫ ବଲରୁ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବୋଲିଂରେ ମଧ୍ୟ ୱେଷ୍ଟଇଣ୍ଡିଜ ନିହାତି ମାମୁଲି ସାବ୍ୟସ୍ତ ହୋଇଛି। ବାମହାତୀ ସ୍ପିନର ଅକିଲ ହୋସେନ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ବିଗ୍ ହିଟିଂ ଷ୍ଟାଇଲ ଖେଳ ୟୁଏଇରେ କାମରେ ଆସିନାହିଁ। ତେଣୁ ଦଳକୁ ସ୍ୱତନ୍ତ୍ର ରଣନୀତି ସହ ପଡିଆକୁ ଓହ୍ଲାଇବାକୁ ପଡିବ।

ଅପରପକ୍ଷରେ ବାଂଲାଦେଶ ଉପମହାଦେଶୀୟ ଟ୍ରାକ୍ ସହ ପରିଚିତ ଥିଲେ ମଧ୍ୟ ସମାନ ପ୍ରକାର ସ୍ଥିତିରେ ୟୁଏଇରେ ସଂଘର୍ଷ କରୁଛି। ବାଂଲାଦେଶ ସ୍ଥିତିର ଫାଇଦା ଉଠାଇବାରେ ବିଫଳ ହୋଇଛି। ଷଷ୍ଠ ର୍ୟାଙ୍କର ଦଳ ଭାବେ ବାଂଲାଦେଶ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ମହମୁଦୁଲ୍ଲାଙ୍କ ନେତୃତ୍ୱରେ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଗତ ୫ଟିରୁ ବାଂଲାଦେଶ ମାତ୍ର ୨ଟିରେ ବିଜୟୀ ହୋଇଛି।


ଅଭ୍ୟାସ ଅବସରରେ ୱେଷ୍ଟଇଣ୍ଡିଜ ଖେଳାଳି।

# ଅଷ୍ଟ୍ରେଲିଆର ଦ୍ୱିତୀୟ ବିଜୟ

ଦୁବାଇ, ୨୮।୧୦

ଟି୨୦ କ୍ରିକେଟ ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରିଥିଲା। ଅଷ୍ଟ୍ରେଲିଆ ୧୭ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ଫର୍ମକୁ ଫେରିଥିବା ଡେଭିଡ ୱାର୍ନର ୪୨ ବଲ୍‌ରୁ ୬୫ (୧୦ ଚୌକା) ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଅଧିନାୟକ ଆରୋନ ଫିଞ୍ଚ୍ ୩୭ ଓ ଷ୍ଟିଭେନ ସ୍ମିଥ ୨୮* ରନ ସ୍କୋର କରିଥିଲେ। ୱାର୍ନର ଓ ଫିଞ୍ଚ୍ ଓପନିଂ ଯୋଡ଼ିରେ ୪୨ ବଲ୍‌ରୁ ୭୦ ରନ ସଂଗ୍ରହ କରି ଦଳପାଇଁ ବିଜୟ ପଥ ପ୍ରସ୍ତୁତ କରିଥିଲେ। ଗ୍ରୁପ-୧ରେ ୨ ମ୍ୟାଚରୁ ଅଷ୍ଟ୍ରେଲିଆର ଏହା ଦ୍ୱିତୀୟ ବିଜୟ ଓ ଶ୍ରୀଲଙ୍କାର ପ୍ରଥମ ପରାଜୟ। ନିଜର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଅଷ୍ଟ୍ରେଲିଆ ଓ ବାଂଲାଦେଶକୁ ଶ୍ରୀଲଙ୍କା ପରାସ୍ତ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ୧୫ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ କୁସାଲ ପେରେରା ଓ ଚରିଥ ଅସଲଙ୍କାଙ୍କ ୬୩ ରନ ଭାଗୀଦାରି ବଳରେ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ମାତ୍ର କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଦଳ ୧୫୪ ରନରେ ସୀମିତ ରହି ଯାଇଥିଲା। ଉଭୟ ପେରେରା ଓ ଅସଲଙ୍କା ୩୫ ରନ ଲେଖାଏ କରିଥିବାବେଳେ ଭାନୁକା ରାଜପାକ୍ସା ୩୩ ରନରେ ଅପରାଜିତ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଆଡାମ ଜାମ୍ପା ୨ଟି ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୫୪/୬(କୁସାଲ ପେରେରା-୩୫, ଚରିଥ ଅସଲଙ୍କା-୩୫, ଭାନୁକା ରାଜପାକ୍ସା-୩୩*, ମିଚେଲ ଷ୍ଟାର୍କ-୨/୨୭, ପ୍ୟାଟ୍ କୁମିନ୍ସ-୨/୩୪, ଆଡାମ ଜାମ୍ପା-୨/୧୨)। ଅଷ୍ଟ୍ରେଲିଆ ୧୭ ଓଭରରେ ୧୫୫/୩ (ଡେଭିଡ ୱାର୍ନର-୬୫, ଆରୋନ ଫିଞ୍ଚ୍-୩୭, ଷ୍ଟିଭେନ ସ୍ମିଥ-୨୮*, ୱାନିନ୍ଦୁ ହସରଙ୍ଗା-୨/୨୨, ଦଶୁନ ସନକା-୧/୬)।

## ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

**ୱେଷ୍ଟଇଣ୍ଡିଜ ବନାମ ବାଂଲାଦେଶ**

ସ୍ଥାନ: ଶାରଜା, ସମୟ: ଅପରାହ୍ନ ୩ଟା ୩୦

**ଆଫଗାନିସ୍ତାନ ବନାମ ପାକିସ୍ତାନ**

ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ମହଙ୍ଗା ପଡ଼ିଲା ନକଲି ଶିକ୍ଷକଙ୍କୁ ସୁରକ୍ଷା

**ନକଲି ଶିକ୍ଷାଗତ ପ୍ରମାଣପତ୍ର ହାସଲ କରି ବିଭିନ୍ନ ଜିଲାରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଛି। ହେଲେ ଅନେକ କ୍ଷେତ୍ରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସୁରକ୍ଷା ଦିଆଯାଉଛି। ଏପରି କି ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ ଆଶାତୀତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଫଳରେ ଅନେକ ମେଧାବୀ ଡିଗ୍ରୀଧାରୀ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଡିଇଇ ଏବେ ଜବାବ ତଲବ କରିଛି।**

**ଯାଜପୁର ଅଫିସ,୨୮।୧୦**

ରାଜ୍ୟର ବିଭିନ୍ନ ଶିକ୍ଷା ଜିଲାରେ ଜାଲ୍ ପ୍ରମାଣପତ୍ର ମାଧ୍ୟମରେ ବହୁ ଲୋକ ଶିକ୍ଷକତା କରୁଛନ୍ତି। ତାଲିକାଭୁକ୍ତ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପୂର୍ବରୁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀ ଓ ବିଇଓମାନଙ୍କୁ ଏକାଧିକବାର ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ନାହିଁ। ତେଣୁ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କାହିଁକି କଠୋର ପଦକ୍ଷେପ ଗ୍ରହଣ କରା ନ ଯିବ ସେନେଇ ଉତ୍ତର ରଖିବାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ରିମାଇଣ୍ଡର ନୋଟିସ ଜାରି ହୋଇଛି। ୧୮।୧୦।୨୦୨୧ରେ ଡିଇଇର ନିର୍ଦ୍ଦେଶକ ଓଡ଼ିଶାର ୨୩ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ ସମେତ ୫୫ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜବାବ ତଲବ କରିଛନ୍ତି। ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଓଡିଶା ସିଭିଲ ସର୍ଭିସ (ଓସିଏସ୍)(ସିସିଏ) ୧୯୬୨ ଆଇନର ରୁଲ୍ ୧୫ ଅନୁଯାୟୀ ଚାକିରିରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବାକୁ ଗତ ୧ବର୍ଷ ମଧ୍ୟରେ ନିର୍ଦ୍ଦେଶାଳୟ ପକ୍ଷରୁ ୬ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଏପରି କି ନକଲି ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ବିରୋଧରେ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲା(୧୮୭୫୨/୨୦୧୮)ରେ ମଧ୍ୟ ଉଚ୍ଚ ଅଦାଲତ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଉପରୋକ୍ତ ଡିଇଓ, ଡିପିସି ଓ ବିଇଓଙ୍କ ବିରୋଧରେ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ୩୦।୧୦।୨୦୨୧ ସୁଦ୍ଧା ଉତ୍ତର ରଖିବାକୁ ଡିଇଇ ନିର୍ଦ୍ଦେଶକ ତାଙ୍କ ପତ୍ରରେ ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଜିଲାପାଳମାନଙ୍କୁ ଗୁରୁବାର ଡିଇଇ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚିତ କରାଯାଇଛି।

ଡିଇଇ ପକ୍ଷରୁ ପ୍ରକାଶ ପାଇଥିବା ବର୍ତ୍ତମାନର ସ୍ଥିତି ଅନୁସାରେ ପ୍ରାୟ ୪୩୦ ନକଲି ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ସେଥିରୁ ବହୁତ କମ୍ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେତେକ ଶିକ୍ଷକଙ୍କୁ ମାତ୍ର ନିଲମ୍ବିତ କରାଯାଇ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ସମ୍ପୃକ୍ତ ଅଧିକାରୀମାନେ କୁଣ୍ଠାପ୍ରକାଶ କରୁଛନ୍ତି। ଯାଜପୁର ଜିଲାର ୫ଜଣ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯାଇଛି। ☞ପୃଷ୍ଠା-୬

## ୨୩ ଡିଇଓ/ଡିପିସି, ୫୫ ବିଇଓଙ୍କୁ ଜବାବ ତଲବ



ALLEGATION URGENT
Reminder

DIRECTORATE OF ELEMENTARY EDUCATION, ODISHA

Letter No. 16897 / Dt 18/10/21
35-59-2019(II)

To

The District Education officer,
Jajpur/Cuttack/Ganjam/Nayagarh/Bhadrak/Balasore/Kandhamal/Khorda/Dhenkanal/ Jajpur/Cuttack/Ganjam/Nayagarh/Bhadrak/Balasore/Kandhamal/Khorda/Dhenkanal/
Nabarangpur/Sundargarh/ Rayagda/ Mayurbhanj/ Bolangir/ Sambalpur/ Puri/ Gajapati/
Keonjhar/ Kalahandi/ Nuapada/ Jagatsinghpur/ Malkanagiri/ Koraput.

Block Education Officer,
Rasulpur/ Tangi Choudwar / Umerkote/ Bhubaneswar/ Daringibadi/ Korei/ Raighar/ Rayagada/ Malkanagiri/ Dasarathpur/ Odagaon/ Basudevpur/ Komna/ Bhapur/ Jasipur/ Junagarh/ Chhatrapur/ Khalikote/ Lahunipada/ Shergarh/ Jamuda/ Tiring/ Beguniapada/ Bahalda/ Aska/ Kabisurya Nagar/ Hinjilicut/ Patrapur/ Ganjam/ Dharakot/ Rasgobindapur/ Jharsuguda/ Baripada/ Bahanaga/ Tangarapalli/ Gop/ Gosani/ Lanjigarh/ Baranga/ Nabarangpur/ Baliapal/ Krushnaprasad/ Dhenkanal/ Dharmagarh/ Koraput/Chilika/ Ghasipura/ Bhabanipatna/ Odapada/ Kuanramunda/ Badchana/ Bolgarh/ Banapur/ Jatani/ Tangi/ .

The District Project Coordinator,
Jajpur/ Cuttack/ Ganjam/ Nayagarh/ Bhadrak/ Kendrapara/ Balasore/ Kandhamal/ Khorda/ Nuapada/ Jagatsinghpur/ Malkanagiri/ Nabarangpur/ Sundargarh/ Rayagda/ Mayurbhanj/ Jharsuguda/ Puri/ Gajapati/ Bolangir/ Keonjhar / Kalahandi/ Koraput.

Sub: *Verification of Certificate & Mark sheet (Academic/Training)/ Migration/ Result publication/ caste certificate and service records of the alleged teachers individual and staffs as per the list enclosed.*

Ref: *This Directorate Letter No. 19166 dt. 29.10.2020, No. 22422 dt. 01.12.2020, No. 1526 dt. 21.01.2021, No.13863 dt. 28.08.2021, No. 14358 dt. 04.09.2021, No. 16405 dt. 04.10.2021 .*

Sir/ Madam,

I am directed to enclose herewith a detailed update list of alleged fake teacher/ staff's based on the allegation petition and to say that, though you have been repeatedly requested to look into the allegation/s categorically of your respective teacher/ staffs, by examining the genuineness / equivalency of their certificates, mark sheets of Academic & Training (Originally produced at the time of verification / selection process of their initial recruitment/ engagement), obtaining from the authorities concerned of the respective Board/ University / CHSE, service records and if, any of the alleged teacher is found to be engaged/ appointed by producing fake certificate/ manipulation mark sheet, immediate steps be taken at your end to disengage/

୧୮।୧୦।୨୦୨୧ରେ ଡିଇଇ ଦେଇଥିବା ପତ୍ରର ନକଲ

# ଗିରଫ ପରେ ଭିଜିଲାନ୍ସ ଚଢ଼ାଉ

## କୋଟିପତି କନଷ୍ଟେବଲ ପ୍ରସନ୍ନ

- ଏକକାଳୀନ ୫ଟି ସ୍ଥାନରେ ଯାଞ୍ଚ
- ଡୁମୁଡୁମାରେ ରହିଛି ସ୍ୱାର୍କ ଫର୍ନିଚର ଶୋ' ରୁମ୍
- ୨୦୧୯ରେ ଦେଢ଼ କୋଟିରେ କିଣିଥିଲେ ଜାଗା
- ମନୀଷ ହତ୍ୟା ମାମଲାରେ ଛନ୍ଦି ହୋଇଥିଲେ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ମନୀଷ ଅନୁରାଗ ଦାସ ହତ୍ୟା ମାମଲା ପରେ ବିବାଦ ଘେରକୁ ଆସି ଜେଲରେ ଥିବା ବହିଷ୍କୃତ କନଷ୍ଟେବଲ ପ୍ରସନ୍ନ ବେହେରାଙ୍କ ଅଡୁଆ ବଢିବାରେ ଲାଗିଛି। ପ୍ରସନ୍ନଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ାଉ ହୋଇଛି। ସେଥିମଧ୍ୟରେ ପ୍ରସନ୍ନଙ୍କ କଳ୍ପନାସ୍ଥିତ ସରକାରୀ ବାସଭବନ, ଖୋର୍ଦ୍ଧା ନୂଆପଡ଼ାରେ ଥିବା ପୈତୃକ ଘର, ଲିଙ୍ଗିପୁରସ୍ଥିତ ଫର୍ନିଚର ୱାର୍କସପ୍, ତମାଣ୍ଡୋ ଥାନା ଡୁମୁଡୁମାସ୍ଥିତ ସ୍ୱାର୍କ ଫର୍ନିଚର୍ ଓ ସାଉଥ୍‌ସିଟି ବାର ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୫ ଇନ୍‌ସ୍ପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲେ ସୁଦ୍ଧା, ସମ୍ପତ୍ତିର ପରିମାଣ ହିସାବ ଜାରି ରହିଥିବାରୁ ପ୍ରକୃତ ମୂଲ୍ୟ ଜଣାପଡ଼ି ନାହିଁ ବୋଲି ଭିଜିଲାନ୍ସ ଅଧିକାରୀ କହିଛନ୍ତି।



ବହିଷ୍କୃତ କନଷ୍ଟେବଲ ପ୍ରସନ୍ନ ବେହେରା

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଡୁମୁଡୁମାରେ ଥିବା ସ୍ୱାର୍କ ଫର୍ନିଚର ଶୋ' ରୁମ ୨୫ ଏକର ପରିମିତ ଜାଗାରେ ରହିଛି। ଏହି ପ୍ଲଟ୍‌କୁ ୨୦୧୯ରେ ୧କୋଟି ୪୬ ଲକ୍ଷ ୬୦ ହଜାର ଟଙ୍କାରେ ପ୍ରସନ୍ନ କଣିଥିଲେ। ଉକ୍ତ ଶୋ'ରୁମ୍ ୧୮ ହଜାର ସ୍କୋୟାର ଫୁଟ୍ ଜାଗାରେ ନିର୍ମିତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ। ୪୫ ଲକ୍ଷ ଟଙ୍କାରେ ଖୋର୍ଦ୍ଧା ନୂଆପଡ଼ାରେ ପ୍ଲଟ୍, ସୁନ୍ଦରପଦାରେ ତାଙ୍କ ପୁତୁରାଙ୍କ ନାମରେ ୨୪ ଲକ୍ଷ ଟଙ୍କାର ଫ୍ଲାଟ୍ ମଧ୍ୟ ଠାବ ହୋଇଛି। ଏଥିସହ ପ୍ରସନ୍ନଙ୍କ ନାମରେ ୫୦ ଲକ୍ଷ ଟଙ୍କାର ବୀମା ରସିଦ୍, ୪ଟି ଚାରିଚକିଆ ଗାଡ଼ି, ଦୁଇଟି ବାଇକ୍, ୨୧ ପାସ୍ ବୁକ୍ ଥିବା ଚଢ଼ାଉ ବେଳେ ଭିଜିଲାନ୍ସ ଠାବ କରିଛି। ଅନ୍ୟପକ୍ଷରେ ପ୍ରସନ୍ନ କଳ୍ପନାସ୍ଥିତ ସରକାରୀ ବାସଭବନକୁ ଲାଗି ବେଆଇନ୍ ଭାବେ ୮ଟି କୋଠରୀ ☞ପୃଷ୍ଠା-୬

SAINIK SCHOOL, SAMBALPUR
Ministry of Defence, Govt. of India
All India Sainik Schools Entrance Examination (AISSEE) 2022
ADMISSION OPEN FOR CLASS VI (BOYS & GIRLS)
Last Date is 05 November 2021 (Upto 5.00 P.M.)
FOR DETAILS PLEASE VISIT:
www.sainikschoolsambalpur.in and https://aissee.nta.nic.in/



## ସଂକ୍ଷେପରେ

### ମାଟି ତଳୁ ବାହାର କରାଗଲା ମୃତଦେହ

**ପରଜଙ୍ଗ, ୨୮।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆଖୁଆପାଳ ୪ନଂ. କଲୋନୀରେ ରହୁଥିବା ଜିତେନ୍ଦ୍ର ନାଥ (୪୦)ଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ପରିବାରର ଅନ୍ୟ ସଦସ୍ୟ ଏହାକୁ ସ୍ୱାଭାବିକ ମୃତ୍ୟୁ କହୁଥିବାବେଳେ ପ୍ରତାପ ନାଥ ଭାଇ ଜିତେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଆପତ୍ତି ଉଠାଇଛନ୍ତି। ମାମଲା ଥାନାରେ ପହଞ୍ଚିବା ପରେ ପୋଲିସ ଗୁରୁବାର ମାଟି ତଳେ ପୋତାଯାଇଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବାକୁ ପରଜଙ୍ଗ ଡାକ୍ତରଖାନାକୁ ପଠାଇଛି। ଏ ସଂକ୍ରାନ୍ତରେ ନଂ.୩୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପଞ୍ଚନାମା ସମୟରେ ମାଜିଷ୍ଟ୍ରେଟ୍ ଭାବେ ସ୍ଥାନୀୟ ତହସିଲଦାର ଉପସ୍ଥିତ ଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରତାପ କନ୍ଦରସିଂହା ଖଳିବାହାଳରେ ରହୁଛନ୍ତି।

### ୪ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୮।୧୦:** ଢେଙ୍କାନାଳ ଜିଲାରୁ ଗୁରୁବାର ୪ କରୋନା ସଂକ୍ରମିତ ଚିହ୍ନଟ ହୋଇନ୍ତି। ତନ୍ମଧ୍ୟରେ ହିନ୍ଦୋଳ ବ୍ଲକର ୨, ଢେଙ୍କାନାଳ ପୌରାଞ୍ଚଳର ୧, ଭୁବନ ବ୍ଲକର ଜଣେ ରହିଛନ୍ତି। ଜିଲାରେ ଏବେ ୩୫ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୫ରେ ଭଲିବଲ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ, ୨୮।୧୦:** କନ୍ଧମାଳ ଜିଲାରେ ନଭେମ୍ବର ୧୧ରୁ ୧୪ ଯାଏ ଆନ୍ତଃଜିଲା ବରିଷ୍ଠ ପୁରୁଷ ବିଭାଗରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ଜିଲାର ଖେଳାଳି ଭାଗନେବେ। ଏଥିଲାଗି ନଭେମ୍ବର ୫ରେ ଖେଳାଳି ଚୟନ ସ୍ଥାନୀୟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଆଶାୟୀ ଖେଳାଳିମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ନିବେଦନ କରିଛନ୍ତି।

### ୧୩ ଫୁଟର ଅହିରାଜ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୮।୧୦:** ଢେଙ୍କାନାଳ ଦେଉଳସାହିରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଘରୁ ଗୁରୁବାର ୧୩ଫୁଟ ଲମ୍ବର ଏକ ବିଶାଳକାୟ ସାପକୁ ସ୍ନେକ୍ ହେଲପ୍‌ଲାଇନ ସଦସ୍ୟ ଉଦ୍ଧାର କରିଛନ୍ତି। ଏହା ଅହିରାଜ ପ୍ରଜାତିର ବୋଲି ଘର ମାଲିକ କହିଛନ୍ତି। ଏହାକୁ ନିକଟ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ନିକଟରେ କୌଣସି ସୂଚନା ନ ଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି।

### ଶାଗୁଆନ ପଟା ଜବତ



**ରାସୋଳ,୨୮।୧୦(ଡି.ଏନ.ଏ.):** ହିନ୍ଦୋଳ ରେଞ୍ଜ ବିମ୍ଭୁରୀ ସେକ୍ସନ ଅଧୀନ ବିଦ୍ୟାଧରପୁର ଗ୍ରାମ ନିକଟ ପଡ଼ିଆରେ ଗୁରୁବାର ବନ ବିଭାଗ ଚଢ଼ାଉ କରି ୬ ଘନଫୁଟ ଶାଗୁଆନ ପଟା ଜବତ କରିଛି। ଘଟଣାସ୍ଥଳରୁ କାଠ କଟାଳି ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ଫରେଷ୍ଟର ହିମାଂଶୁ ଶେଖର ପୃଷ୍ଟି, ଫରେଷ୍ଟର ସୁଦର୍ଶନ ଦେହୁରୀ, ଫରେଷ୍ଟ ଗାର୍ଡ ମହେଶ୍ୱର ପାତ୍ର ପ୍ରମୁଖ ସାମିଲ ଥିଲେ।

# ଆଜି ମେଲାଣି ନେବେ ମା'



ଲକ୍ଷ୍ମୀବଜାର ପକ୍ଷରୁ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ।

**ଢେଙ୍କାନାଳ ଅଫିସ, ୨୮।୧୦**

- ଶେଷ ଦିନରେ ଶଙ୍ଖୁଡ଼ି ଭୋଗରେ ମହକିଲା ମଣ୍ଡପ
- ବିସର୍ଜନ ପାଇଁ ୩୮ ପୂଜା ପ୍ରତିଷ୍ଠାନରେ ପ୍ରସ୍ତୁତି ଶେଷ
- ଜଗିବେ ପୋଲିସ ଫୋର୍ସ, ପ୍ରଶାସନିକ ଅଧିକାରୀ

ଶେଷ ହୋଇଛି ଢେଙ୍କାନାଳର ପ୍ରସିଦ୍ଧ ଗଣପର୍ବ ଲକ୍ଷ୍ମୀପୂଜା। ଗୁରୁବାର ରାତ୍ର ସୁଦ୍ଧା ମଣ୍ଡପରେ ପାରମ୍ପରିକ ନୀତି ଅନୁଯାୟୀ ବିସର୍ଜନ କାର୍ଯ୍ୟକ୍ରମ ଶେଷ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୮ଟା ପରେ ମା'ଙ୍କୁ ବିଦାୟ ଦେବେ ସହରବାସୀ। ଏହାକୁ ନେଇ ୩୮ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ମଣ୍ଡପରେ ଶାନ୍ତିଶୃଙ୍ଖଳାର ସହିତ ୧୦ଦିନ ଧରି ମା'ଙ୍କ ପୂଜା ସମାପନ ହୋଇଥିବାବେଳେ ବିସର୍ଜନ କାର୍ଯ୍ୟକ୍ରମ ମଧ୍ୟ ଶୃଙ୍ଖଳିତ ଭାବେ ସାରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପଟେ ପରମ୍ପରା ଅନୁଯାୟୀ ଗୁରୁବାର ସମସ୍ତ ମଣ୍ଡପରେ ଲାଗି ହୋଇଥିଲା ମା' ଲକ୍ଷ୍ମୀଙ୍କ ଅତିପ୍ରିୟ ଶଙ୍ଖୁଡ଼ି ଭୋଗ। ତେବେ କଟକଣା ପାଇଁ ସାମୂହିକ ପ୍ରସାଦ ସେବନରୁ ବଞ୍ଚିତ ହୋଇଛନ୍ତି ସହରବାସୀ। ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ହାତଗଣତି ଶ୍ରଦ୍ଧାଳୁଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଐତିହ୍ୟ, ପରମ୍ପରାକୁ ନେଇ ସମୃଦ୍ଧ ଢେଙ୍କାନାଳ ଲକ୍ଷ୍ମୀପୂଜାର ରହିଛି ସ୍ୱତନ୍ତ୍ରତା। ହେଲେ କରୋନା ମହାମାରୀ ପାଇଁ ଚଳିତବର୍ଷ ସମସ୍ତ କାର୍ଯ୍ୟକ୍ରମ ନିରାଡମ୍ବର ହୋଇଛି। ତେବେ ମଣ୍ଡପରେ ଆବଶ୍ୟକ ନୀତିକାନ୍ତି ବିଧି ଅନୁଯାୟୀ ହୋଇଛି। ତଦନୁଯାୟୀ ଗୁରୁବାର ସମସ୍ତ ପୂଜା ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ପ୍ରସାଦ ସେବନ କାର୍ଯ୍ୟକ୍ରମ। ଖେଚୁଡ଼ି, ଅନ୍ନ, ଡାଲମା, ଖଟା, ଶାଗବଡ଼ି, ପକୁଡି, ଡାଲି, କ୍ଷୀରି ଭଳି ବହୁ ବ୍ୟଞ୍ଜନ ମା'ଙ୍କ ନିକଟରେ ଲାଗି ହୋଇଥିଲା। ପରମ୍ପରା ଅନୁଯାୟୀ ଲକ୍ଷ୍ମୀବଜାର ପ୍ରତିଷ୍ଠାନରେ ହୋଇଥିଲା ସ୍ୱତନ୍ତ୍ର ଦହି ପଖାଳ।

### ସ୍ୱଳ୍ପରେ ଆୟୋଜନ



"କୋଭିଡ୍ କଟକଣା ପାଇଁ ନିରାଡମ୍ବର ପରିବେଶ ଏବଂ ସ୍ୱଳ୍ପ ଆୟୋଜନରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ଗୁରୁବାର ମା'ଙ୍କ ନିକଟରେ ଦହି ପଖାଳ ଲାଗି କରାଯାଇଥିଲା।

**-ଜଗଦୀଶ ପ୍ରସାଦ ଅଗ୍ରୱାଲ, ଲକ୍ଷ୍ମୀବଜାର ସଭାପତି**

### ବାଛବିଚାର ନାହିଁ



"ଲକ୍ଷ୍ମୀପୂଜାରେ କୌଣସି ବାଛ ବିଚାର ନାହିଁ। ବିଗତ ବର୍ଷମାରେ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନରେ ସୌଭାଗ୍ୟ ପାଉଥିଲେ। ଚଳିତବର୍ଷ କଟକଣା ପାଇଁ ତାହା କାଟଛାଣ୍ଟରେ ସମ୍ପନ୍ନ ହୋଇଛି

**-ରାମଚନ୍ଦ୍ର ପାତ୍ର, ବାଜିଚୌକ ସଭାପତି**

### ବଜାୟ ରହିଛି ପରମ୍ପରା



"ଲକ୍ଷ୍ମୀପୂଜାରେ ଗୁରୁବାର ପ୍ରସାଦ ସେବନ ନିଆରା ପରମ୍ପରା। କରୋନା କଟକଣା ମଧ୍ୟରେ ଏହା ବଜାୟ ରହିଛି। ଚଳିତ ବର୍ଷ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ହାତଗଣତି ଅଞ୍ଚଳବାସୀଙ୍କ ମଧ୍ୟରେ ଏହା ସୀମିତ ରହିଥିଲା।

**-ବିନୋଦ ମହାନ୍ତି, ଜୁବିଲି ଟାଉନ-୧ ସମ୍ପାଦକ**

ଜିଲାପାଳ ସରୋଜ କୁମାର ସେଠୀ ବାଜିଚୌକ ପୂଜା ପ୍ରତିଷ୍ଠାନରେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ଜିଲାପାଳ, ଭାରପାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ସଦର ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ବିଭିନ୍ନ ପୂଜା ପ୍ରତିଷ୍ଠାନ ବୁଲି ମା'ଙ୍କ ଦର୍ଶନ କରିବା ସହିତ ଭସାଣି ବିଷୟରେ ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ସହିତ ଆଲୋଚନା କରିଥିଲେ।

ପୂର୍ବାହ୍ନ ୮ଟାରୁ ଭସାଣି ଆରମ୍ଭ ହୋଇ ଅପରାହ୍ନ ୨ଟା ମଧ୍ୟରେ ଶେଷ ହେବ। ୯ଟାରେ ମିନାବଜାରଠାରେ ଜିଲାପାଳ ବିସର୍ଜନ ପର୍ବର ଶୁଭାରମ୍ଭ କରିବେ। ସମ୍ପୂର୍ଣ୍ଣ ନିରାଡମ୍ବର ପରିବେଶରେ ନିର୍ଦ୍ଧାରିତ ଜଳାଶୟରେ ମେଢ଼ ବିସର୍ଜନ କରାଯିବ। ଏଥିଲାଗି ପୌରସଂସ୍ଥା ଏବଂ ମିଳିତ ବଜାର ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ସରିଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଥିବାବେଳେ ପ୍ରଶାସନିକ ଅଧିକାରୀ କଟକଣା ଜଗିବେ ବୋଲି ନିଷ୍ପତ୍ତି ହୋଇଛି।



ଗାନ୍ଧୀ ବଜାର।



ରତନ ବଜାର।



ଷ୍ଟେଶନ ବଜାର।

# ୮୯୦ ଜଣଙ୍କୁ ୩୪.୯୭ କୋଟି ଋଣ




ଜଣେ ହିତାଧିକାରୀଙ୍କୁ ଋଣ ବାବଦ ଚେକ୍ ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୮।୧୦**

- ଋଣ ସଂଯୋଗୀକରଣ ପଦକ୍ଷେପ କର୍ମଶାଳା
- ଆର୍ଥିକ ସ୍ଥିତି ସୁଧାରିବାରେ ସହାୟକ ହେବ: ବିଧାୟକ
- ମହିଳାଙ୍କୁ ସ୍ୱାବଲମ୍ବୀ କରିବା ମୁଖ୍ୟ ଉଦ୍ଦେଶ୍ୟ: ଜିଲାପାଳ

ଢେଙ୍କାନାଳ ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍ ପରିସରରେ ଗୁରୁବାର ଋଣ ସଂଯୋଗୀକରଣ ପଦକ୍ଷେପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୨୧ଟି ବ୍ୟାଙ୍କ ପକ୍ଷରୁ ୮୯୦ ହିତାଧିକାରୀଙ୍କୁ ୩୪.୯୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋଭିଡ୍ ମହାମାରୀ ସମୟରେ ଗରିବ ଏବଂ ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏଭଳି ସମୟର ମୁକାବିଲା ଲାଗି ବ୍ୟାଙ୍କସମୂହ ଆଗେଇ ଆସିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କମ୍ ସୁଧରେ ଋଣ ଯୋଗାଇ ଦେଲେ ଅନେକ ପରିବାର ଉପକୃତ ହୋଇପାରିବେ। ଋଣ ନେବା ପରେ ଯତ୍ନବାନ ହୋଇ ଠିକ୍ ସମୟରେ ପରିଶୋଧ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜିଲାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏଭଳି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଋଣ ଟଙ୍କାର ସଦୁପଯୋଗ କରି ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ଜିଲାପାଳ ନିବେଦନ କରିଥିଲେ। ଅନ୍ୟତମ ଅତିଥି ନାବାର୍ଡ ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ କହିଲେ, ଜିଲାରେ ଋଣ ହାର କମ୍ ରହିଛି। ଋଣନେଇ ଏହାର ସଦୁପଯୋଗ କରିବା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ। ଜିଲାକୁ ନନ୍ ପରଫର୍ମିଂ ଆସେଟ୍ (ଏନ୍‌ପିଏ) ମୁକ୍ତ କରିବା ସମସ୍ତଙ୍କ ମୂଳ ଲକ୍ଷ୍ୟ ହେଉ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ, ୟୁକୋ ବ୍ୟାଙ୍କ ଅଗ୍ରଣୀ ଜିଲା ମ୍ୟାନେଜର ସନୋଜ କୁମାର ସିଂ, ସମ୍ବଲପୁର ଜୋନ୍‌ର ଡେପୁଟି ଜୋନାଲ ମୁଖ୍ୟ ଚନ୍ଦ୍ରମା ଗିରେମ୍, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପରିଚାଳକ ପି. ପ୍ରଭାକର ରାଓ ମଞ୍ଚାସୀନ ଥିଲେ। ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ସୌଭାଗ୍ୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ହେଉଛି ସମାଜର ମାନଦଣ୍ଡ

**ଢେଙ୍କାନାଳ ଅଫିସ, ୨୮।୧୦**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପଞ୍ଚପଡ଼ାସ୍ଥିତ ଅଙ୍ଗନୱାଡି କେନ୍ଦ୍ର-୨ ପରିସରରେ ଛାତ୍ରୀଛାତ୍ରଙ୍କୁ କିଟ୍ ବଣ୍ଟନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ଫୋରମ୍ ହିନ୍ଦୋଳ ଶାଖା ଏବଂ ପଞ୍ଚପଡ଼ାସ୍ଥିତ ଶ୍ରୀ ଅରବିନ୍ଦ ଜୀବନ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ ଶିକ୍ଷା ହେଉଛି ସମାଜର ମାନଦଣ୍ଡ। ପାଠପଢ଼ିବା ସହିତ ଛାତ୍ରୀଛାତ୍ରମାନେ ପରିବେଶ ପ୍ରତି ସଚେତନ ହୋଇ ଚାରାରୋପଣ କରିବାକୁ ଏମ୍‌ପି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଆଡଭୋକେଟ୍ ଦୀପ୍ତୀଶ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ହିନ୍ଦୋଳ ଶାଖା ସଭାପତି ମନୋଜ ପାଣିଗ୍ରାହୀ, ସମ୍ପାଦକ ମନୋରଞ୍ଜନ ପାଳ, ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ସମ୍ପାଦକ ଭରତ କୁମାର ଦାସ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ସରପଞ୍ଚ ନନ୍ଦିନୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପରିଚରରେ ଚାରା ରୋପଣ କରାଯାଇଥିଲା।

## କ୍ଷେତ୍ର ବୁଲିଲେ ଖାଦ୍ୟ, କୃଷି ସଙ୍ଗଠନ ପ୍ରତିନିଧି ଦଳ

**ଢେଙ୍କାନାଳ ଅଫିସ, ୨୮।୧୦**

ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଖାଦ୍ୟ ଓ କୃଷି ସଙ୍ଗଠନର ପ୍ରତିନିଧି ଦଳ ସହିତ ଗୁରୁବାର ଢେଙ୍କାନାଳ ଜିଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ସଦର ବ୍ଲକ ହରେକୃଷ୍ଣପୁର ଗ୍ରାମ ପରିଦର୍ଶନ କରି ରାଡ୍ ଯୋଜନାର ସଫଳ ରୂପାୟନ ସହିତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଏହି କ୍ଲଷ୍ଟରରେ ୬ ହେକ୍ଟର ଜମିରେ କଲମି କାଜୁ ଚାରା ଲଗାଯାଇଛି। ଉନ୍ନତ ପଦ୍ଧତିରେ ପରିବା ଚାଷ କରାଯାଇଛି। ରାଡ୍ ଯୋଜନାରେ ଖନନ କରାଯାଇଥିବା ଗୋଷ୍ଠୀ ପୋଖରୀରେ ମାଛ ଚାଷ ହେଉଛି। ପରିବା ଜମିକୁ ପାଣି ମିଳୁଛି। ମହୁଚାଷ କରି ଚିତ୍ତରଞ୍ଜନ ପୁହାଣ ସ୍ୱାବଲମ୍ବୀ ହୋଇପାରିଛନ୍ତି। କୁକୁଡା ଫାର୍ମ, ପରିବା ଓ ଫଳଚାଷ କରି ମାୟାଧର ପୃଷ୍ଟି ଆତ୍ମସମ୍ମାନର ସହିତ ବଞ୍ଚୁଛନ୍ତି। ୨୫ ହିତାଧିକାରୀ ଗୋପାଳନ କରୁଛନ୍ତି। ଓମ୍‌ଫେଡ୍ ମାଧ୍ୟମରେ ଗ୍ରାମରେ ଏକ ଦୁଗ୍ଧ ଉତ୍ପାଦନ ସମିତି ଗଠିତ ହୋଇଛି। ଏଠାରେ ଦୁଗ୍ଧର ମାନ ପରୀକ୍ଷା କରି ଉଚିତ ଦାମରେ ବିକ୍ରି କରାଯାଉଛି। ଗ୍ରାମବାସୀଙ୍କ ମଧ୍ୟରେ ଚାଷକୁ ନେଇ ରହିଥିବା ଉତ୍ସାହ ଦେଖି ଅଧିକାରୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସମନ୍ୱିତ କୃଷି ଏବଂ ରାଡ୍ ଯୋଜନାର ସଫଳ ରୂପାୟନ ବିଷୟରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ।



କ୍ଷେତ୍ର ପରିଦର୍ଶନ ଅବସରରେ ଅଧିକାରୀମାନେ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି।

# ଗାନ୍ଧୀ ମୂର୍ତ୍ତି ତଳେ ଧାରଣା

**ଢେଙ୍କାନାଳ ଅଫିସ, ୨୮।୧୦**

ଆଧୁନିକୀକରଣ ନାମରେ ସାବରମତି ଆଶ୍ରମକୁ ବ୍ୟବସାୟୀକରଣ କରିବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଥିବା ଅଭିଯୋଗ ଆଣିଛନ୍ତି ଢେଙ୍କାନାଳର ଗାନ୍ଧୀପ୍ରେମୀ। ଏହାର ପ୍ରତିବାଦରେ ଗୁରୁବାର ବସଷ୍ଟାଣ୍ଡ୍ ନିକଟ ଗାନ୍ଧୀପାର୍କରେ ଥିବା ବାପୁଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଗାନ୍ଧୀବାଦୀ ସାମିଲ ହୋଇଥିଲେ। ସାବରମତି ଆଶ୍ରମ ଗାନ୍ଧିଜୀଙ୍କ ସ୍ମୃତି ସହିତ ଜଡ଼ିତ ଏକ ଶିକ୍ଷଣୀୟ ପୀଠ। କଳେବର ବଦଳାଇ ଏହାକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଅନୁଚିତ। ଏଥିରୁ ନିବୃତ୍ତ ରହିବାକୁ ଦାବି କରାଯାଇଛି। ଧାରଣାରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସଭାପତି ଡ. ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, ସମ୍ପାଦକ ଅରବିନ୍ଦ ମିଶ୍ର, ସହ ସମ୍ପାଦକ ଶିଶିର ଶତପଥୀ, ଜିଲା ବୁଦ୍ଧିଜୀବୀ ସଙ୍ଗଠନର ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ଜନ ଜାଗ୍ରତ ମଞ୍ଚ ସଭାପତି ସୁରେନ୍ଦ୍ର ଦଳେଇ, ସଚେତନ ନାଗରିକ ଫୋରମ୍ ସମ୍ପାଦକ ଭରତ ଦାସ, ଏଏପି ଜିଲା ଆବାହକ ପଙ୍କଜ ନାୟକ, ବରିଷ୍ଠ ନାଗରିକ ମଞ୍ଚର ରବିନାରାୟଣ ମହାନ୍ତି, ସକ୍ରିୟ ନାଗରିକ ମଞ୍ଚ ସମ୍ପାଦକ ଅଖିଳ ମହାପାତ୍ର, ଉତ୍ଫୁଲ୍ଲା ରାଜ୍ୟ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଗତି ଦଳ ସଦସ୍ୟ ଗିରିଜା ମହାନ୍ତି, ସେବାଗ୍ରାମ ୱାର୍ଦ୍ଧାର ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ରଥ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।




ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ।

# ଶେଷ ହେଉନି ହାତୀ-ମଣିଷ ସଂଘର୍ଷ

**ଢେଙ୍କାନାଳ ଅଫିସ, ୨୮।୧୦**

- କପିଳାସ ବନାଞ୍ଚଳରୁ ମାଈ ହାତୀର ମୃତଦେହ ଠାବ
- ବୃଦ୍ଧଙ୍କୁ କଚାଡ଼ି ମାରିଲା ହିଂସ୍ର ଦନ୍ତା

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ତୀବ୍ର ହେବାରେ ଲାଗିଛି। କେତେବେଳେ ଶିକାରୀଙ୍କ ଫାଶରେ ପଡ଼ି ହାତୀ ଜୀବନ ଯାଉଥିବାବେଳେ ଆଉ କେତେବେଳେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଥିବା ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟୁଛି। ଗୁରୁବାର କପିଳାସ ବନାଞ୍ଚଳ ଅନ୍ତର୍ଗତ ରାମେଇ ସଂରକ୍ଷିତ ଜଙ୍ଗଲରୁ ଆନୁମାନିକ ୨୦ ବର୍ଷର ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ସେହିପରି ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅଧୀନ ଘୋଡ଼ାଡିଆଁ ଗ୍ରାମର ଜଣେ ବୃଦ୍ଧଙ୍କୁ କଚାଡ଼ି ମାରିଛି ହିଂସ୍ର ଦନ୍ତା।

କପିଳାସ ବନାଞ୍ଚଳରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବାବେଳେ ରାମେଇ ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ସୂଚନା ପାଇ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ଗଁଦିଆ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଜଙ୍ଗଲରେ ଏକ ପଲରେ ୧୭ ହାତୀ ଚଳପ୍ରଚଳ କରୁଥିଲେ। ଉକ୍ତ ମାଈ ହାତୀ ଏହି ଦଳର ସଦସ୍ୟ। ୨ଦିନ ତଳେ ଏହାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ କାରଣ ଅସ୍ପଷ୍ଟ ରହିଛି। ଘଟଣାର ତଦନ୍ତ ଜାରି ରହିଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ଏଥିପୂର୍ବରୁ ଗତ ୨୩ ତାରିଖରେ ଗଁଦିଆ ବ୍ଲକ ଷଡଙ୍ଗୀ ରେଞ୍ଜ୍ ଧନିଆନାଳୀ ସଂରକ୍ଷିତ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।



କପିଳାସ ବନାଞ୍ଚଳ ଅନ୍ତର୍ଗତ ରାମେଇ ସଂରକ୍ଷିତ ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ।

ଅପରପକ୍ଷେ ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ବନାଞ୍ଚଳ ଅନ୍ତର୍ଗତ ଘୋଡାଡ଼ିଆଁ ଗ୍ରାମରେ ହାତୀ ଆକ୍ରମଣରେ ଦେବରାଜ ସେଠୀ (୬୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଦେବରାଜ ଭୋର୍ ସମୟରେ ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ଦେବରାଜଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବର୍ଷକ ମଧ୍ୟରେ ଗ୍ରାମର ୬ଜଣଙ୍କ ହାତୀ ଆକ୍ରମଣରେ ଜୀବନହାନି ହେଲାଣି। ଧାନ ଅମଳ ସମୟରେ ଏଭଳି ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଲୋକମାନେ ଭୟ ଆତଙ୍କର ବାତାବରଣ ମଧ୍ୟରେ ଦିନ କାଟୁଛନ୍ତି। ତୁରନ୍ତ ହାତୀ ଉପଦ୍ରବ ରୋକିବା ଲାଗି ପଦକ୍ଷେପ ନେବାକୁ ଦାବି ହେଉଛି।




## ସଂକ୍ଷେପରେ

### 'କୋଟିଆ ପାଇଁ ମୁହଁ ଖୋଲନ୍ତୁ ମୁଖ୍ୟମନ୍ତ୍ରୀ'

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ) ଓଡ଼ିଶା ସୀମାନ୍ତ ଅଞ୍ଚଳ କୋଟିଆକୁ ଆନ୍ଧ୍ରପ୍ରଦେଶ ଜୋର ଜବରଦସ୍ତ ଦଖଲ କରିବା ଉଦ୍ଦେଶ୍ୟରେ ଚଳାଇଥିବା ପ୍ରଚେଷ୍ଟା ପ୍ରତିହତ କରିବା ପାଇଁ କୋରାପୁଟ ପ୍ରଶାସନ ଏବଂ ଆରକ୍ଷୀ ବଳ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ଯଦି ବହୁ ପୂର୍ବରୁ ଏଭଳି ଦୃଢ଼ ପଦକ୍ଷେପ ନିଆଯାଇଥାଆନ୍ତା ତେବେ ତାହା ସମୟୋପଯୋଗୀ ହେବା ସହ ଆମ ରାଜ୍ୟର ସ୍ଥାନୀୟ ବାସୀନ୍ଦାଙ୍କ ମନୋବଳ ବୃଦ୍ଧି ଦିଗରେ ସହାୟକ ହୋଇଥାନ୍ତା। ଯାହାଫଳରେ ଅଞ୍ଚଳବାସୀ ହତୋତ୍ସାହିତ ହୋଇ ନ ଥାନ୍ତେ। ଏପରି କି କେହି କେହି ରାଜ୍ୟ ଛାଡ଼ିବାର ଯେଉଁ ଗୁଞ୍ଜରଣ ସୃଷ୍ଟି ହେଉଛି ତାହା ଦାନା ବାନ୍ଧିବାର ସୁଯୋଗ ମିଳି ନ ଥା'ନ୍ତା ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ କୁହାଯାଇଛି। ସେହିପରି ସମ୍ମିଳନୀ ପକ୍ଷରୁ ଦୀର୍ଘଦିନ ଧରି କରାଯାଉଥିବା ଦାବିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଏହି ବିଷୟରେ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରି ମୁହଁ ଖୋଲିବା ଆବଶ୍ୟକ ବୋଲି ସମ୍ମିଳନୀର ସଭାପତି ବସନ୍ତ କୁମାର ତ୍ରିପାଠୀ, ସମ୍ପାଦକ ଡ. ରାଧାନାଥ ପ୍ରହରାଜ କହିଛନ୍ତି। କୋଟିଆ ଅଞ୍ଚଳର ସଂପୃକ୍ତ ଜିଲାପାଳ ବର୍ତ୍ତମାନ ଯେପରି ପଦକ୍ଷେପ ଗ୍ରହଣ କରିଛନ୍ତି ଓଡ଼ିଶାର ଅନ୍ୟ ସୀମାନ୍ତ ଜିଲାଗୁଡ଼ିକର ଜିଲାପାଳମାନେ ସେମାନଙ୍କ ଜିଲା ସୀମା ସୁରକ୍ଷା ଦିଗରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ଆଦେଶ ଦେବା ଜରୁରୀ ବୋଲି ସଭାପତି ତ୍ରିପାଠୀ ମତ ପ୍ରକାଶ କରିଛନ୍ତି।

# ରାଜ୍ୟରେ ୪୧୨ ସଂକ୍ରମିତ ଚିହ୍ନଟ, ୪ ମୃତ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ କରୋନା ସଂକ୍ରମଣ ଏକପ୍ରକାର ସ୍ଥିର ରହିଛି। ଗତ ୨୪ ଘଣ୍ଟାରେ ୪୧୨ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୨୩୭ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୧୭୫ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ୧୮ବର୍ଷ ମଧ୍ୟରେ ୬୩ଜଣ ଶିଶୁ ଓ କିଶୋର ରହିଥିବା ଗୁରୁବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୮୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଟକରୁ ୪୬, ମୟୂରଭଞ୍ଜରୁ ୧୪, ବାଲେଶ୍ୱର, ଯାଜପୁର ଓ ପୁରୀରୁ ୧୧ଜଣ ଲେଖାଏ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାରୁ ୧୦ଜଣ ଲେଖାଏ, ସମ୍ବଲପୁରରୁ ୮ଜଣ, ଦେଓଗଡ଼ ଓ ସୁନ୍ଦରଗଡ଼ରୁ ୭ଜଣ ଲେଖାଏ, ଭଦ୍ରକ ଓ ନୂଆପଡ଼ାରୁ ୬ଜଣ ଲେଖାଏ, ବରଗଡ଼ରୁ ୫, ଢେଙ୍କାନାଳ, ଗଜପତି, ନୟାଗଡ଼, ରାୟଗଡ଼ାରୁ ୪ଜଣ ଲେଖାଏ, କଳାହାଣ୍ଡିରୁ ୩, ଗଞ୍ଜାମ ଓ କୋରାପୁଟରୁ ୨ଜଣ ଲେଖାଏ, ମାଲକାନଗିରି, କେନ୍ଦୁଝର, ଝାରସୁଗୁଡ଼ା, ବଲାଙ୍ଗିରରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲ୍‌ରୁ ୪୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୪୦ହଜାର ୨୩୦ରେ ପହଞ୍ଚିଛି। ସେହିପରି ଗତ ୨୪ଘଣ୍ଟାରେ କରୋନା ରାଜ୍ୟରୁ ଆଉ ୪ଜଣଙ୍କ ଜୀବନ ନେଇଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱରରୁ ୨ଜଣ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲାରୁ ଜଣେ ଲେଖାଏ ରହିଛନ୍ତି। ରାଜ୍ୟରେ କରୋନା ମୃତକଙ୍କ ସଂଖ୍ୟା ୮ହଜାର ୩୨୨କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରୁ ଆଉ ୫୪୬ଜଣ କରେନା ସଂକ୍ରମିତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦ଲକ୍ଷ ୨୭ହଜାର ୬୫୪ରେ ପହଞ୍ଚିଛି।



### 'ଭୁବନେଶ୍ୱରେ ଏବେ ସଂକ୍ରମଣ କମିବ ନାହିଁ'

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)

ରାଜ୍ୟରେ ସମ୍ପ୍ରତି କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ଅପରପକ୍ଷେ ରାଜ୍ୟରୁ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରେ ସର୍ବାଧିକ ରାଜଧାନୀ ଭୁବନେଶ୍ୱରରୁ ରହୁଛନ୍ତି। ଭୁବନେଶ୍ୱରକୁ ପ୍ରତିଦିନ ବାହାର ରାଜ୍ୟରୁ ଯାତ୍ରୀମାନେ ଯାତାୟାତ କରୁଛନ୍ତି। ତେଣୁ ବର୍ତ୍ତମାନ ଏଠାରେ ସଂକ୍ରମଣ କମିବ ନାହିଁ। ରାଜଧାନୀରେ ସଂକ୍ରମଣ ପ୍ଲାଟୋ ଷ୍ଟେଜ୍‌ରେ ରହୁଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଭୁବନେଶ୍ୱରରେ ଏବେ ଜିରୋ ସଂକ୍ରମଣ ହେବ ନାହିଁ। ଲୋକଙ୍କର ଯିବା ଆସିବା ଲାଗି ରହୁଛି। ତେଣୁ ପଜିଟିଭ୍ ହାର ମଧ୍ୟ ଆଗକୁ ରହିବ। ତେବେ ସଂକ୍ରମଣ ଯେପରି ଆଗକୁ ନ ବଢ଼ିବ ସେଥିପାଇଁ ଆମେ ସମସ୍ତେ ସଚେତନ ହେବା ସହ କରୋନା ଗାଇଡ୍ ଲାଇନକୁ ପାଳନ କରିବା ଦରକାର। ସୂଚନାଯୋଗ୍ୟ, ରାଜ୍ୟର ସର୍ବାଧିକ କରୋନା ସଂକ୍ରମିତ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହେଉଥିବାବେଳେ ସେଥିମଧ୍ୟରେ ଭୁବନେଶ୍ୱର ଆଗରେ ରହୁଛି। ପ୍ରତିଦିନ ଏଠାରୁ ୨ରୁ ୩ଶହ ମଧ୍ୟରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପାର୍ବଣରତୁ ଚାଲିଥିବାରୁ ସଂକ୍ରମଣ ମଧ୍ୟ ବୃଦ୍ଧି ପାଉଛି।

# ରାଜଭବନରେ ଚାକିରି ପାଇଁ ଲାଞ୍ଚ

ପୁରୀ ଅଫିସ,୨୮।୧୦

**ସୋସିଆଲ୍ ମିଡିଆରେ ଭାଇରାଲ ହେଲା ଭିଡିଓ**

ପୁରୀ ରାଜଭବନରେ ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀରେ ଚାକିରି କରାଇଦେବା ପାଇଁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମଗାଯାଉଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ପୁରୀ ରାଜଭବନରେ କାର୍ଯ୍ୟରତ ଜଣେ କର୍ମଚାରୀ ଚାକିରି କରାଇଦେବା ଲାଗି ଜଣେ ଯୁବକଙ୍କୁ ଟଙ୍କା ମାଗୁଥିବା ଏହି ଭିଡିଓରୁ ଜଣାପଡୁଛି। ଭିଡିଓରେ ସେ କହୁଛନ୍ତି, ଏହି ଦେଢ଼ ଲକ୍ଷ ଟଙ୍କାରେ ତଳଠାରୁ ଆରମ୍ଭକରି ଉପର ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଅଧିକାରୀଙ୍କର ଭାଗ ରହିଛି। ଟଙ୍କା ଦେଲେ ଚାକିରି ନିଶ୍ଚିତ ମିଳିବ। କିଛି ଟଙ୍କା ଆଗୁଆ ଦେଇ ଚାକିରି ପାଇଁ ପଦବୀ ବୁକ୍ କରିବାକୁ ପଡ଼ିବ ବୋଲି କର୍ମଚାରୀ ଜଣଙ୍କ କହୁଥିବା ଶୁଣିବାକୁ ମିଳୁଛି। ଜଣେ ତଳିଆ କର୍ମଚାରୀ ରାଜଭବନରେ ଚାକିରି କରାଇଦେବାକୁ କହି ଲୋକଙ୍କୁ ଟଙ୍କା ମାଗିବା ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେହିପରି ଏହି ଘଟଣାରେ ବଡ଼ ଅଧିକାରୀମାନଙ୍କର ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। କର୍ମଚାରୀ ଜଣକ କାହା ନିର୍ଦ୍ଦେଶରେ ଏଭଳି ପ୍ରଲୋଭନ ଦେଖାଉଛନ୍ତି ଓ ବାସ୍ତବରେ ରାଜଭବନର କୌଣସି ପଦବୀ ଖାଲିପଡ଼ିଛି କି ନାହିଁ ସେ ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି ବୋଲି ଅଭିଯୋଗକାରୀ ତଥା ଭିଡିଓ ଶୁଟ୍ କରିଥିବା ଜ୍ୟୋତିରଞ୍ଜନ ନାୟକ କହିଛନ୍ତି। ଜ୍ୟୋତି କହିଛନ୍ତି, ଜଣେ ବେକାର ଯୁବକ ହୋଇଥିବାରୁ ତାଙ୍କୁ ଏଭଳି ପ୍ରଲୋଭନ ଦେଖାଯାଇଥିଲା। ତେବେ ସମ୍ପୃକ୍ତ କର୍ମଚାରୀ ପ୍ରଫୁଲ୍ଲ ବଡମୁଣ୍ଡିଙ୍କ କଥାରେ ସନ୍ଦେହ ହେବାରୁ ସେ ବାଧ୍ୟହୋଇ ଭିଡିଓ ଶୁଟ୍ କରିଥିଲେ। ବାସ୍ତବରେ ଚାକିରି ପାଇଁ ନିଯୁକ୍ତି ସୁଯୋଗ ରହିଛି କି ନାହିଁ ତାହା ସ୍ପଷ୍ଟ ଭାବେ ଜଣାନାହିଁ। ଅନ୍ୟପକ୍ଷରେ ବାସ୍ତବରେ ଯଦି ନିଯୁକ୍ତି ଲାଗି ପଦବୀ ଖାଲିରହିଛି ତେବେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା କି ନାହିଁ ଏବଂ ଜଣେ ତଳିଆ କର୍ମଚାରୀ କିଭଳି ଦୃଢ଼ ଭାବେ ଟଙ୍କା ଦାବି କରି ଚାକିରି ଦେବେ ବୋଲି କହୁଛନ୍ତି ତାହା ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି ଆଇନଜୀବୀ ଅନୀଲ କୁମାର ସାହୁ କହିଛନ୍ତି। ଏହି ଘଟଣାର ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ସହିତ କେଉଁମାନଙ୍କର ସମ୍ପୃକ୍ତି ରହିଛି ତାହା ଉପରୁ ପରଦା ହଟାଇବା ପାଇଁ ସେ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




# ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଗଠନ ହେଲା ୩ ଫ୍ଲାଇଂ ସ୍କ୍ୱାଡ୍

**୫୭ ନୂତନ ପଦବୀକୁ ଅନୁମୋଦନ**

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଜଙ୍ଗଲ ବିଭାଗରେ ହେଉଥିବା ଦୁର୍ନୀତି ତଥା ରାଜ୍ୟର ଜଙ୍ଗଲ ଓ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ରାଜ୍ୟ ସରକାର ୩ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୪୭ଟି ନୂତନ ପଦବୀକୁ ଅନୁମୋଦନ ଦେଇଛନ୍ତି। ସେଥିରେ ମୁଖ୍ୟ ବନ୍ୟ ସଂରକ୍ଷକ ଓ ଉପମୁଖ୍ୟ ବନ୍ୟ ସଂରକ୍ଷକ ଗୋଟିଏ ଲେଖାଏ ପଦବୀ ସୃଷ୍ଟି ହୋଇଥିବା ବେଳେ ଏସିଏଫ୍ ୪, ଡେପୁଟି ଆରଓ ୯, ଫରେଷ୍ଟର ୧୬ ଏବଂ ଫରେଷ୍ଟ ଗାର୍ଡ ୧୬ ନୂତନ ପଦବୀ ସୃଷ୍ଟି କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍‌ର ମୁଖ୍ୟାଳୟ କଟକ, ବ୍ରହ୍ମପୁର ଏବଂ ସମ୍ବଲପୁରରେ ରହିବ। ଏହି ସ୍କ୍ୱାଡ୍ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଆସୁଥିବା ଜଙ୍ଗଲ ସମ୍ପର୍କିତ ବିଷୟର ତଦନ୍ତ କରିବା ସହ ବିଭିନ୍ନ ଜଙ୍ଗଲ ଆଇନକୁ କାର୍ଯ୍ୟକାରୀ କରିବ। ଏଥିସହିତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ହେଉଥିବା ବେଆଇନ କାରବାର ସମ୍ପର୍କରେ ସରକାରୀ, ଜନସାଧାରଣ, ଏନ୍‌ଜିଓ ଏବଂ ଅନ୍ୟାନ୍ୟ ସଂସ୍ଥାଗଡ଼ିକ ପକ୍ଷରୁ ଆସୁଥିବା ଅଭିଯୋଗଗୁଡ଼ିକର ତଦନ୍ତ କରିବ। କୌଣସି ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀ ଦ୍ୱାରା କରାଯାଉଥିବା ଜଙ୍ଗଲ ଆଇନ ଉଲ୍ଲଂଘନର ମଧ୍ୟ ଏହି ୱିଙ୍ଗ ତଦନ୍ତ କରିବ। ବିଭାଗ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟର ମୂଲ୍ୟାୟନ, ଜଙ୍ଗଲ କିମ୍ବା ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ହେଉଥିବା ବେଆଇନ କାର୍ଯ୍ୟକଳାପ ରୋକିବାକୁ ତତ୍‌କ୍ଷଣାତ କ୍ଷେତ୍ର ପରିଦର୍ଶନ, ବନ୍ୟଜନ୍ତୁ ଏବଂ ଜଙ୍ଗଲ ପ୍ରତି ହେଉଥିବା ଅପରାଧ ବିଷୟରେ ଗୋଇନ୍ଦା ତଥ୍ୟ ସଂଗ୍ରହ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହିତ ଏହି ସ୍କ୍ୱାଡ୍ ସରକାରଙ୍କୁ ଆବଶ୍ୟକତା ହେଉଥିବା ସମସ୍ତ ରିପୋର୍ଟ ପ୍ରଦାନ କରିବ। ଫରେଷ୍ଟ ଇଣ୍ଟେଲିଜେନ୍ସ ସେଲ୍ ଏବଂ ଫରେଷ୍ଟ କଣ୍ଟ୍ରୋଲ ରୁମ୍‌ର ପ୍ରଶାସନିକ ଦାୟିତ୍ୱ ଏହି ସ୍କ୍ୱାଡ୍ ଉପରେ ନ୍ୟସ୍ତ ରହିବ। ଏହି ସ୍କ୍ୱାଡ୍ ସମଗ୍ର ରାଜ୍ୟ ପାଇଁ କାର୍ଯ୍ୟ କରିବ। ୫-ଟି ଅନ୍ତର୍ଗତ ଅଭିନବ ପ୍ରଶାସନିକ ବ୍ୟବସ୍ଥାରେ ସରକାର ଏହି ପଦକ୍ଷେପ ନେଇଛନ୍ତି।




# ଦାବି ପୂରଣ ପାଇଁ ଝାଡ୍ରୁ ମାରିଲେ ଗାଁସାଥୀ

ଭୁବନେଶ୍ୱର,୨୮।୧୦

ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫ଦଫା ଦାବି ନେଇ ଗତ ୨୫ ତାରିଖରୁ ବିଧାନସଭା ଆଗରେ ଆନ୍ଦୋଳନ ଜାରି ରହିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ସଂଘର ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଗୁରୁବାର ଏକ ନିଆରା ପଦକ୍ଷେପ ନିଆଯାଇଥିଲା। ଗାଁସାଥୀମାନେ ଝାଡ୍ରୁ ମାରିବା ସହ ଲୋୟର ପିଏମ୍‌ଜିରେ ଶୋଭାଯାତ୍ରା କରିଥିଲେ। ଯୋଗ୍ୟ ଆଶାୟୀ ଗାଁସାଥୀଙ୍କୁ ପର୍ଯ୍ୟାପ୍ତ କାର୍ଯ୍ୟ ସହିତ ମାସିକ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ, ୯୪୦ ଚିଠି ଅନୁସାରେ ମାସକୁ ୧୦ ଦିନର ନିଶ୍ଚିତ କାର୍ଯ୍ୟ ନ ଦେଇପାରିଲେ ବେକାରି ଭତ୍ତା ପ୍ରଦାନ, ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କୋଭିଡ୍ ସହାୟତା ରାଶି ପ୍ରଦାନ, ସମସ୍ତ ଜବକାର୍ଡଧାରୀଙ୍କୁ ୧୦୦ ଦିନ ପରିବର୍ତ୍ତେ ୨୦୦ ଦିନର କାର୍ଯ୍ୟ ଯୋଗାଣ ଓ ମଜୁରି ବୃଦ୍ଧି ଇତ୍ୟାଦି ଦାବି କରାଯାଇଛି। ଏ ନେଇ ପୂର୍ବରୁ ଏକ ବୈଠକ ବସିଥିଲା। ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଅଧକ୍ଷତା କରି ୧୫ ଦିନ ସମୟ ନେଇଥିଲେ। ଇତିମଧ୍ୟରେ ୫୦ ଦିନ ବିତିଯାଇଥିଲେ ମଧ ଦାବି ପୂରଣ ନ ହେବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନରେ ସଙ୍ଗଠକ ଲକ୍ଷ୍ମୀଧର ବିଶ୍ୱାଳ, ସୌଭାଗ୍ୟ ମିଶ୍ର, କୁଳମଣି ମେଣ୍ଢା, ରବିନ୍ଦ୍ର ଗୌଡ଼, ଚରଣ ନାହାକ, ହେମନ୍ତ ନାହାକ, ପ୍ରକାଶ ମଲ୍ଲିକ, ବିକାଶ ନାୟକ, ଚଞ୍ଚଳା ବେହେରା, ଶରତ ଗୁଣ୍ଡାଙ୍କ ସମେତ ୧ ହଜାରରୁ ଉର୍ଦ୍ଧ୍ୱ ଗାଁସାଥୀ ସାମିଲ ଥିଲେ।



## ଆଜି କ'ଣ କେଉଁଠି

ଅନୁଗୋଳ

- ଭାଜପା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ, ସମୟ- ପୂର୍ବାହ୍ନ ୧୦ଟା ୩୦ ଘଟିକା।
- ଭିନ୍ନକ୍ଷମ ସଚେତନତା ଶିବିର, ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୧ ଘଟିକା

## ସଂକ୍ଷେପରେ

### ମୁଖ୍ୟ ଡାକଘରୁ ଚୋରି

**ଅନୁଗୋଳ ଅଫିସ, ୨୮।୧୦:** ଅନୁଗୋଳ ମୁଖ୍ୟ ଡାକଘର ପରିସରରେ ଥିବା ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପରିସରରୁ ବୁଧବାର ରାତିରେ କମ୍ପ୍ୟୁଟର ଚୋରି ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଆଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରୁ ଦୁର୍ବୃତ୍ତମାନେ କମ୍ପ୍ୟୁଟର ସିପିୟୁ, ମନିଟର, ମାଉସ, କି ବୋର୍ଡ ଓ ପ୍ରିଣ୍ଟର ଚୋରି କରିଛନ୍ତି। କାର୍ଯ୍ୟାଳୟ ଫାଟକରେ ପଡ଼ିଥିବା ତାଲା ଭାଙ୍ଗି ଏହି ସାମଗ୍ରୀ ଚୋରି କରାଯାଇଛି। ତେବେ ରାତ୍ରି ଜଗୁଆଳି ରହିଥିଲେ ମଧ ଏହା କିପରି ଘଟିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କୌଶଲ ମାହାଲି କହିଛନ୍ତି, ଅନୁଗୋଳ ଓ ଢେଙ୍କାନାଳ ଜିଲାରେ କାର୍ଯ୍ୟ କରୁଥିବା ୭୯ଟି ଉପଡାକଘରର ଡକ୍ୟୁମେଣ୍ଟ ଉକ୍ତ କମ୍ପ୍ୟୁଟରରେ ରହିଥିଲା। ସକାଳେ ଗେଟ୍ ଖୋଲାଥିବା ଦେଖି ରାତ୍ରି ଜଗୁଆଳି ଜଣାଇବା ପରେ ଆଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଅନୁଗୋଳ ଥାନା ପକ୍ଷରୁ କୁହାଯାଇଛି।

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ପାଲଲହଡ଼ା,୨୮।୧୦(ଡି.ଏନ.ଏ.):** ୧୪୯ ନଂ. ଜାତୀୟ ରାଜପଥର ପାଲଲହଡା ଥାନା ଝିମିରିପାଲି ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖମାର ଥାନା ପଦାପଶି ଗ୍ରାମର ଖଗେଶ୍ୱର ଗଡ଼ନାୟକ। ଖଗେଶ୍ୱର ପାଲଲହଡାରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ କିଛି ସମୟ ପାଇଁ ଜାତୀୟ ରଜପଥ ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

### ସେମିରେ ବାଗେଡ଼ିଆ

**ପାଲଲହଡ଼ା,୨୮।୧୦(ଡି.ଏନ.ଏ.):** ପାଲଲହଡ଼ା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡ଼ା କପ୍‌ର ପୁଲ ବି' ପ୍ରଥମ ଲିଗ୍ ମ୍ୟାଚ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରି ବାଗେଡିଆ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଲିଗ୍ ମ୍ୟାଚରେ ବାଗେଡିଆ ଦଳ ଝାରସୁଗୁଡ଼ା ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଶୁକ୍ରବାର ଦ୍ୱିତୀୟ ଲିଗ୍ ମ୍ୟାଚ କୁଚିଣ୍ଡା ଓ ରମ୍ଭାଦେବୀ ମଧରେ ଖେଳାଯିବ। ରାଜ୍ୟସ୍ତରୀୟ ରେଫରୀ ଦିଲୀପ ରାଉତ, ପ୍ରଶାନ୍ତ ପାଲ, ଦୁର୍ଗା ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

**କଣିହାଁ,୨୮।୧୦(ଡି.ଏନ.ଏ.):** ଏନ୍‌ଟିପିସି ବଜାର ଭୀମକାଣ୍ଡ ନିକଟରେ ଗୁରୁବାର ଏକ ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ କଣିହାଁ ବ୍ଲକ ଅର୍କୀଳ ଗ୍ରାମର ହେମନ୍ତ କୁମାର ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ ଠିକାଶ୍ରମିକ ବାଲିପଟା ଗ୍ରାମର ଚଣ୍ଡୁ ରାଉଳ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଆଇଆଇସି ଦୀପିକା ଦେବୀରାୟ ସୂଚନା ଦେଇଛନ୍ତି।

### ରତ୍ନମୁଦ ଉତ୍ସବ ସମାପନ

**ପବିତ୍ରନଗର,୨୮।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ପଞ୍ଚାୟତ ବିଲିଣ୍ଡା ଗ୍ରାମରେ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ସମାପନ ହୋଇଛି। ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଚିହ୍ନଟ ହେଲେନି ପଜିଟିଭ୍

**ଅନୁଗୋଳ ଅଫିସ, ୨୮।୧୦:** ଅନୁଗୋଳ ଜିଲାରୁ ଗୁରୁବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାର ମୋଟ୍ ପଜିଟିଭ୍ ସଂଖ୍ୟା ୪୪ ହଜାର ୪୪୦ରେ ସ୍ଥିର ଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଜିଲାରେ କରୋନାରେ ମୋଟ୍ ମୃତକଙ୍କ ସଂଖ୍ୟା ୩୯୨ ରହିଛି।

# ଆନ୍ଦୋଳନ, ଦାବିପତ୍ର ପ୍ରଦାନ

**ବଅଁରପାଳ,୨୮।୧୦(ଡି.ଏନ.ଏ.)**

ନାଲ୍‌କୋର ଘରୋଇକରଣ ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଅଭିଯୋଗ କରି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ଗୁରୁବାର ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ସଭାପତି ପ୍ରସନ୍ନ କୁମାର ସାହୁ, ନରେଶ ସାହୁ, ବିଜୟ ସାହୁ, ପ୍ରକାଶ ସିଂ, ନିତ୍ୟାନନ୍ଦ ମିଶ୍ର, ବିନୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ମେଲଟର ପ୍ଲାଣ୍ଟରେ ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନାଲ୍‌କୋ ଇଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୁବ ଶ୍ରମିକ ନେତା ମୁନା ସାମଲ, ସଚିଦାନନ୍ଦ ଗଡ଼ନାୟକ, ପ୍ରକାଶ ବେହେରା, ଗୋପାଳ ମଲିକ, ସଞ୍ଜୟ ଦେହୁରୀ, ଶିବରାମ ସେଠୀ, ଜିଲା ବିଏମ୍‌ଏସ୍ ସଭାପତି ପ୍ରଶାନ୍ତ କୁମାର ସାହୁ, ମାଧ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟୁତ୍ ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

# ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ

**ବଇଣ୍ଡା,୨୮।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜର ନୂତନ ଶ୍ରେଣୀ ଗୃହକୁ ଗୁରୁବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେଇ ବିଧାୟକ ସାଏ ଛାତ୍ରୀଛାତ୍ରମାନେ ସବୁବେଳେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଯୁବ ବିଜେଡି ଜିଲା ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ଜେନାମଣି ପ୍ରଧାନ, ସୁଶୀଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କଲେଜର ନିଜସ୍ୱ ପାଣ୍ଠିରୁ ୩୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହୋଇଛି। ଅଧ୍ୟାପକ ଅସିତ୍ ଜେନା ଧନ୍ୟବାଦ ଦେଇଥିଲେ।



ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

### ମଦ ଜବତ, ୫ ଗିରଫ

**ବଇଣ୍ଡା/ ପବିତ୍ରନଗର/ ଅନୁଗୋଳ ଅଫିସ ,୨୮।୧୦ (ଡି.ଏନ.ଏ.)**

କିଶୋରନଗର ପୋଲିସ ବୁଧବାର ଧଡରପାଳ ଗ୍ରାମରେ ଚଢ଼ାଉ କରି ସହଦେବ ମିର୍ଦ୍ଧାଙ୍କ ଘରୁ ୧୦ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସହଦେବ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଖବରପାଇ କିଶୋରନଗର ଆଇଆଇସି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ ଚଢ଼ାଉ କରିଥିଲେ। ପୋଲିସ ନମ୍ବର ୧୮୧/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସହଦେବଙ୍କୁ କୋର୍ଟଚାଲାଣ କରିଛି। ସେହିପରି କଣିହାଁ ବ୍ଲକ ସମଲ ପୋଲିସ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ବାବୁଲା ବେହେରା ଓ ପରାବିଲ ପଞ୍ଚାୟତ ଗହମ ଗ୍ରାମର ଧୋଳେଶ୍ୱର ବେହେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରା ଦେଶୀ ମଦ ଜବତ କରାଯାଇଛି। ସେହିପରି ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ବଅଁରପାଳ ଓ ତାଳଚେର ଅଞ୍ଚଳରେ ୨୪୦୦ କିଲୋଗ୍ରାମ ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୩୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବଅଁରପାଳ ଥାନା ପନ୍ଦରଭରଣିଆ ଗ୍ରାମର ସୁଶୀଲ ପ୍ରଧାନ, କବିତା ପ୍ରଧାନଙ୍କୁ ଗିରଫ କରାଯାଇଛି।

# ଏଆଇୟୁଟିୟୁସିର ବିକ୍ଷୋଭ





କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ ଅଫିସ, ୨୮।୧୦**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସର୍ବଭାରତୀୟ କମିଟି ଆହ୍ୱାନକ୍ରମେ ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଗୁରୁବାର ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଷ୍ଟାଡିୟମ୍ ଠାରୁ କର୍ମକର୍ତ୍ତା ଓ ଶ୍ରମିକମାନେ ଏକ ଶୋଭାଯାତ୍ରାରେ ବାହାରି ତୈଳ ଓ ରନ୍ଧନ ଗ୍ୟାସ ସହ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟବୃଦ୍ଧି ରୋକିବା, କୃଷି ଆଇନ ଓ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ୟାରେଣ୍ଟି ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଘରୋଇକରଣ ବନ୍ଦ ଆଦି ଦାବିରେ ବିକ୍ଷୋଭ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ବିକ୍ଷୋଭ ସଭାରେ ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଟୁନା ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଦୁଃଶାସନ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ

**ବଇଣ୍ଡା,୨୮।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କ୍ଷେତ୍ରପାଳ ଗ୍ରାମରେ ଗୁରୁବାର ନାବାର୍ଡ ଭୁବନେଶ୍ୱର ସହାୟତାରେ ବିଶ୍ୱଯୁବ କେନ୍ଦ୍ର ବଣିନାଳୀ ପକ୍ଷରୁ ଏକ ମହୁ ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାବାର୍ଡର ଜିଲା ମୁଖ୍ୟ ଶରତ କୁମାର ବେହେରା ଯୋଗଦେଇ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହେବା ସହ ରୋଜଗାର କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ମହିଳାମାନେ ଏହି ଚାଷ ଯୋଗୁ ପ୍ରତ୍ୟେକ ବର୍ଷ କିଭଳି ୨୫ ହଜାର ଟଙ୍କା ରୋଜଗାର କରିବେ ସେ ସମ୍ପର୍କରେ କହିଥିଲେ। ଅଭୟ ସ୍ୱାଇଁ, ଅଭିଷେକ ମହାପାତ୍ର, ରଞ୍ଜିତା ସାହୁ, ଗ୍ରାମ ସଭାପତି ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ବୀର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗ୍ରାମର ବହୁ ମହିଳା ଶିବିରରେ ଯୋଗ ଦେଇଥିଲେ।





ଶିବିରରେ ଅଂଶଗ୍ରହଣ କରିଥିବା ମହିଳା ଓ ଅନ୍ୟମାନେ।

### ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୨୮।୧୦**

୫ ବର୍ଷର ଶିଶୁଙ୍କୁ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅନୁଗୋଳ ସିଜେଏମ୍ ଚୌଧୁରୀ ବାସୁଦେବ ପାତ୍ର ଅଭିଯୁକ୍ତ କୁନା ବେହେରା(୨୮)ଙ୍କୁ ୧ ବର୍ଷ ୮ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏଭଳି ରାୟ ଶୁଣାଇଥିବା ସୂଚନା ପ୍ରଦାନ କରାଯାଇଛି। ମାମଲା ଅନୁଯାୟୀ, ଠାକୁରଗଡ଼ ଥାନା ଅଞ୍ଚଳର କୁନା ବେହେରା ଭିଣୋଇଙ୍କ ଗାଁ କୁମଣ୍ଡ ବେଲସୁଣ୍ଡାରେ ରହି ଚା ଦୋକାନ କରିଥିଲେ। ୨୦୨୦ ଫେବୃୟାରୀ ୨୪ରେ ବେଲସୁଣ୍ଡାର ପବନା ଭୋଇଙ୍କ ସାନ ଭାଇଙ୍କ ନିର୍ବନ୍ଧ ଥିଲା। କୁନାଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ ଗାଡ଼ିରେ ଜାଗା ନ ହେବାରୁ ଓହ୍ଲାଇ ଦିଆଯାଇଥିଲା। ଏଥିରେ ଅପମାନିତ ବୋଧକରି କୁନା ପବନାଙ୍କ ଉପରେ ପ୍ରତିଶୋଧପରାୟଣ ହୋଇଯାଇଥିଲେ। ଅପରାହ୍ନରେ ପବନାଙ୍କ ୫ ବର୍ଷର ପୁତୁରା ଖେଳୁଥିବା ବେଳେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିବାକୁ କୁନା ଉଦ୍ୟମ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୨୩୦/୨୦ରେ ମାମଲା ରୁଜୁ କରି କୁନାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଧ୍ରୁବ ଚରଣ ସାହୁ ପରିଚାଳନା କରିଥିଲେ।

# ଲାନ୍‌କୋ ବିରୋଧରେ ପ୍ରତାରଣା ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୮।୧୦**

**କ୍ଷୋଭବ୍ୟକ୍ତ କଲା କ୍ଷତିଗ୍ରସ୍ତ ପ୍ରଜାସଂଘ**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଏବଂ କୁରୁଣ୍ଟିସ୍ଥିତ ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ ଆଣିଛି ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ। ଚୂଡ଼ାନ୍ତ ବୈଠକ ପୂର୍ବରୁ ପୃଥକ୍ ୩ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ କମ୍ପାନୀ ପକ୍ଷରୁ ମାତ୍ର ଗୋଟିଏ ବୈଠକ କରାଯାଇଛି, ଯାହାକୁ ନେଇ ସଂଘ କ୍ଷୋଭବ୍ୟକ୍ତ କରିଛି।

ଅଭିଯୋଗ ଅନୁଯାୟୀ, ଚୂଡ଼ାନ୍ତ ବୈଠକ ପୂର୍ବରୁ କମ୍ପାନୀ ପକ୍ଷରୁ ପ୍ରଜାସଂଘ, ଗ୍ରାମବାସୀ ଏବଂ ଲାନ୍‌କୋ କମ୍ପାନୀ ଲିକ୍ୟୁଡେଟରଙ୍କ ସହିତ ୩ ବୈଠକ କରାଯିବା ପାଇଁ ସ୍ଥିର ହୋଇଥିଲା। ଅକ୍ଟୋବର ୧୭ରେ ଲିକ୍ୟୁଡେଟରଙ୍କ ପ୍ରତିନିଧି ପ୍ରଜାସଂଘ ନିକଟରେ ପହଞ୍ଚି ଦାବି ସମ୍ପର୍କିତ କାଗଜପତ୍ର ନେଇ ଚାଲିଯାଇଥିଲେ। ଜିଲାପାଳ ଅକ୍ଟୋବର ୩୦ରେ ଚୂଡ଼ାନ୍ତ ବୈଠକ କରିବାକୁ ଆହ୍ୱାନ କରିଥିବାବେଳେ ଲିକ୍ୟୁଡେଟର ୩ ବୈଠକ କରିନାହାନ୍ତି। ତେଣୁ ଚୂଡ଼ାନ୍ତ ବୈଠକ ପୂର୍ବରୁ ଅନ୍ୟମାନଙ୍କ ସହିତ ବୈଠକ କରି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଏ ନେଇ ଦାବିପତ୍ର ଜରିଆରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୨୩୨ ଏକର ଜମିରେ ୧୩୨୦ ମେଗାୱାଟ ବିଜୁଳିଶକ୍ତି ଉତ୍ପାଦନ ପାଇଁ ଲାନକୋ-ବାବନ୍ଧ ପାୱାର ପ୍ଲାଣ୍ଟ ନିମନ୍ତେ ୮୦୦୦ କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ବମ୍ବେର ନ୍ୟାଶନାଲ କମ୍ପାନୀ ଲ ଅପିଲେଟ୍ ଟ୍ରିବ୍ୟୁନାଲ ଏହାକୁ ଦେବାଳିଆ ଦର୍ଶାଇଛି। କମ୍ପାନୀ ବନ୍ଦ ହୋଇଯାଇଥିବାବେଳେ ଅଦ୍ୟାବଧି ବକେୟା ପ୍ରଦାନ କରାଯାଇନାହିଁ। ଅନେକ ଦାବି ପୂରଣ ହୋଇପାରିନାହିଁ। ଫଳରେ ଜମିହରା ପ୍ରଜା ସେମାନଙ୍କ ଜମି ଫେରାଇ ଦେବାକୁ ଦାବି କରିଛନ୍ତି। ଗତ ଅକ୍ଟୋବର ୧୦ରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କ୍ରାପ୍ କାଟିବା ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ୧୦୦ କୋଟି ୭୮ଲକ୍ଷ ଟଙ୍କା ଦେବାକୁ ପ୍ରଜାସଂଘ ପକ୍ଷରୁ ଦାବି କରାଯାଇଥିଲା।

# ପରକୀୟା ପ୍ରୀତି ପାଇଁ କକାଙ୍କୁ ହତ୍ୟା

**ବାଙ୍ଗିରିପୋଷି,୨୮।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଶିମିଳାରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ପାଇଁ ଘରେ ହୋଇଥିବା ବଚସାକୁ କେନ୍ଦ୍ରକରି ନିଜ କକାଙ୍କୁ ହାଣି ହତ୍ୟା କରିଛନ୍ତି ପୁତୁରା। ଏହି ଘଟଣାରେ ପୋଲିସ ଗୁରୁବାର ଏକ ହତ୍ୟା ମାମଲା (ନଂ.୨୫୨/୨୧) ରୁଜୁ କରି ପୁତୁରା ଡୋରା ମୁଣ୍ଡା ଓ ସୁବାସିନୀ ଦେହୁରୀ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଶିମିଳା ଅଞ୍ଚଳରେ ମାଠ ମୁଣ୍ଡା(୫୫) ଓ ସ୍ତ୍ରୀ କଟି ମୁଣ୍ଡା ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। ସେମାନଙ୍କ ପାଖରେ ବିବାହିତ ପୁତୁରା ଡୋରାଙ୍କ ସହ ତାଙ୍କ ପରିବାର ରହୁଥିଲେ। ହେଲେ ଡୋରାଙ୍କର ଝାରପୋଖରିଆ ଥାନା ଅଞ୍ଚଳର ସୁବାସିନୀଙ୍କ ସହ ପରକୀୟା ପ୍ରୀତି ଥିଲା। ଏହାକୁ ନେଇ ପୂର୍ବରୁ ବହୁବାର ଘରେ କକା ପୁତୁରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଧବାର ଏହି ଝଗଡ଼ା ଉଗ୍ରରୂପ ନେବାରୁ ନିଶାସକ୍ତ ଅବସ୍ଥାରେ ଥିବା ଡୋରା କକା ମାଠଙ୍କୁ ବାଉଁଶରେ ବାରମ୍ବାର ଆକ୍ରମଣ କରିଥିଲେ। ମାଠ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ ମଧ ଘରଠାରୁ ଅଳ୍ପ ଦୂରରେ ତାଙ୍କର ଜୀବନ ଚାଲିଯାଇଥିଲା। ଅନ୍ୟପକ୍ଷେ କଟି ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇ ଗୁରୁତର ଅଛନ୍ତି। ଖବର ପାଇ ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ଥାନାଧିକାରୀ ସଞ୍ଜୟ କୁମାର ପରିଡ଼ା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ପ୍ରତାରଣା ଅଭିଯୋଗରେ ୨ ଗିରଫ

**ଅନୁଗୋଳ ଅଫିସ, ୨୮।୧୦**

ଯୁବତୀଙ୍କୁ ବିବାହ କରିବା ପରେ ତାଙ୍କୁ ଘରକୁ ନ ନେଇ ପ୍ରତାରଣା କରିବା ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ତାଳଚେର ଥାନା ବାଲୁଗାଁ ଅଞ୍ଚଳର ପୁପୁନ ପ୍ରଧାନ(୨୫)ଙ୍କୁ ଗିରଫ କରିଛି। ସେହିପରି ବୋହୂଙ୍କୁ ଘରେ ପୂରାଇ ନ ଦେବା ଅଭିଯୋଗରେ ପୁପୁନଙ୍କ ବାପା ଅଥାଳ ପ୍ରଧାନଙ୍କୁ ମଧ ଗିରଫ କରାଯାଇଛି। ନଂ. ୬୮୭/୨୧ ମାମଲାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ପୁପୁନ୍ ସମ୍ପୃକ୍ତା ଯୁବତୀଙ୍କୁ ତାମିଲନାଡୁ ନେଇ ବିବାହ କରିଥିଲେ। କିନ୍ତୁ ୬ ମାସ ତଳେ ଯୁବତୀ ଜଣଙ୍କ ବାପଘରକୁ ଆସିଥିଲେ ମଧ ପୁପୁନ୍ ଶାଶୁ ଘରକୁ ନେଇ ନ ଥିଲେ। ଯୁବତୀ ଏକା ଶାଶୁଘରକୁ ଯାଇଥିବା ବେଳେ ପୁପୁନଙ୍କ ପରିବାର ଲୋକ ତାଙ୍କୁ ଘରେ ପୁରାଇ ନ ଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

### ରାସ୍ତା କଡ଼ରୁ ମହିଳାଙ୍କ ମୃତଦେହ ଜବତ

**ବାଲେଶ୍ୱର ଅଫିସ,୨୮।୧୦**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ବାଲିଆ ଗ୍ରାମର ରୀନା ସିଂ(୩୫)ଙ୍କ ମୃତଦେହ ବାଲିଆ କୃଷି ବିଭାଗ ଅଫିସ୍ ରାସ୍ତା କଡ଼ରୁ ପୋଲିସ ଜବତ କରିଛି। ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ରୀନା ଏବଂ ତାଙ୍କ ସ୍ୱାମୀ ବାବୁ ସିଂଙ୍କ ସହିତ ସେହି ଗ୍ରାମର ପିଣ୍ଟୁ ସିଂ ଓ ତାଙ୍କ ସ୍ତ୍ରୀ ମିନତୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ପିଣ୍ଟୁ ଓ ମିନତୀ ଉଭୟ ରୀନାକୁ ଉଠାଇ ନେଇ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗି ଦେଇଥିବା ମୃତକଙ୍କ ମାଇଁଶାଶୁ ସୁଲେଖା ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ୮୩୦ ଏସ୍‌ଏଚ୍‌ଜିଙ୍କୁ ୨୧.୯୬ କୋଟି

**ବାସୁଦେବପୁର, ୨୮।୧୦(ଡି.ଏନ.ଏ.)**

**ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଗଠିତ ୮୩୦ ଗୋଷ୍ଠୀ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୨୧.୯୬ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ନୀଳମଣି ଟାଉନହଲ ପରିସରରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଗୋଷ୍ଠୀମାନଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ।

ବ୍ଲକରେ ୩୫୫୬ଟି ଗୋଷ୍ଠୀ ଥିବାବେଳେ ସେଥିମଧ୍ୟରୁ ୮୩୦ ଗୋଷ୍ଠୀଙ୍କୁ ୨୧.୯୬ କୋଟି ଟଙ୍କା ଋଣ ବଣ୍ଟନ କରାଯିବା ଜିଲାର ପ୍ରଥମ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଡିଓ ସତ୍ୟଜିତ ରାଉତ, ଭଦ୍ରକ ଡିଆର୍‌ଡିଏର ଡିପିସି ସୀତାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବିପିଏମ୍ ବୀଣାପାଣି ପଣ୍ଡା। ବିପିସି ମଲିକା ମଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା, ଅମୀୟ ମହାପାତ୍ର, ଅନୁସୟା ଜେନା, ବିଦ୍ୟୁତପ୍ରଭା ଦୀକ୍ଷିତ, ଜୟନ୍ତୀ ମଲିକ, ବିପିଏ ଭାଗ୍ୟଲକ୍ଷ୍ମୀ ବାରିକ, ଏଲ୍‌ଏସ୍‌ପି ସନ୍ତୋଷ ଷଡ଼ଙ୍ଗୀ, ଅମୀୟ ବାରିକ, ଦୀପ୍ତିକାନ୍ତ ରାଉତ, ଶଙ୍କର୍ଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।





ସଭାରେ ଉପସ୍ଥିତ ଅତିଥି।

# ତଥାପି ସକ୍ଷମ କାଳିଆ

**ଭଣ୍ଡାରିପୋଖରୀ, ୨୮।୧୦(ଡି.ଏନ.ଏ.)**

ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁ ପ୍ରତିବନ୍ଧକ ହାର୍ ମାନିଥାଏ। ଏହା ପ୍ରମାଣ କରି ଦେଖାଇଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଗ୍ରାମର ଦିବ୍ୟାଙ୍ଗ ଶିଶିର ନାୟକ (କାଳିଆ)। ବୟସ ତାଙ୍କୁ ୪୫। ୨୫ ବର୍ଷ ହେଲା ସେ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି। ୨୦ ବର୍ଷ ବୟସ ହୋଇଥିବା ବେଳେ ଚୁଡାକଳରେ କାମ କରୁଥିବା ସମୟରେ ତାଙ୍କର ଡାହାଣ ହାତଟି ସମ୍ପୂର୍ଣ୍ଣ କଟିଯାଇଥିଲା। ତଥାପି ସେ ହାର୍ ମାନି ନ ଥିଲେ।

ସମାଜରେ ବଞ୍ଚିବା ପାଇଁ ସେ ସଂଘର୍ଷ ଜାରି ରଖିଛନ୍ତି। ପରିବାର ଚଳାଇବା ଲାଗି ସେ ଚା' ବେପାରକୁ ଆପଣାଇ ନେଇଛନ୍ତି। ପରିବାର କହିଲେ ତାଙ୍କ ବାପା, ମା', ସ୍ତ୍ରୀ ଓ ପୁଅ ଝିଅଙ୍କୁ ମିଶାଇ ୬ ପ୍ରାଣୀ କୁଟୁମ୍ବ। ଘରଡିହ ବ୍ୟତୀତ ତାଙ୍କର ଚାଷଜମି ଗୁଣ୍ଠେ ବୋଲି ନାହିଁ। ପରିବାର ପ୍ରତିପୋଷଣ ପାଇଁ ସେ ଗୋଟିଏ ହାତକୁ ଭରସା କରି ପ୍ରଥମେ ଚା' ଦୋକାନ ଆରମ୍ଭ କରିଥିଲେ। ନିଜ ପ୍ରଚେଷ୍ଟାରେ ବ୍ୟାଙ୍କରୁ ଋଣ ଆଣି ଭଣ୍ଡାରିପୋଖରୀ କାଳୀ ବଜାରଠାରେ ଚା' ଦୋକାନ ପାଇଁ ଘର କରିଥିଲେ। ଭାଗ୍ୟର ବିଡ଼ମ୍ବନା ୧୯୯୯ ବାତ୍ୟାରେ ସେହି ଘର ସମ୍ପୂର୍ଣ୍ଣ ଭାଙ୍ଗିଗଲା। ସେବେଠାରୁ ଆଜି ଯାଏ ସେ ପର ଦୋକାନ ପିଣ୍ଡାକୁ ଭରସା କରି ଚା' ବିକୁଛନ୍ତି। ଭଣ୍ଡାରିପୋଖରୀ ବଜାରରେ ଚା' ପିଇବା କଥା କହିଲେ କାଳିଆଙ୍କ ଗୋଲମରିଚ ଚା' ବେଶ୍ ଖୋଜାପଡ଼େ। ସେ ଦୈନିକ ୫୦ ଲିଟର କ୍ଷୀରରେ ଚା' କରି ଆସୁଥିବା ବେଳେ କରୋନା ପାଇଁ ବେପାର କମିଯାଇଥିବା କହିଛନ୍ତି। ସକାଳେ ଓ ସନ୍ଧ୍ୟାରେ କାଳିଆଙ୍କ ହାତରୁ ଚା' ପିଇବା ଲାଗି ଲୋକଙ୍କ ଭିଡ଼ ଜମିଥାଏ। କିନ୍ତୁ ଅନ୍ୟ ପିଣ୍ଡାରେ ବହୁତ ହଇରାଣ ହୋଇ ଚା' ବିକ୍ରି କରୁଛନ୍ତି। ଆଜି ବସିଛି କାଲି କିଏ ଉଠାଇଦେଇ ପାରନ୍ତି। ରୋଜଗାର କରିବା ନିମନ୍ତେ ସ୍ଥାୟୀ ଘରଟିଏ ଦରକାର। ବଜାରରେ ଦୋକାନ ଭଡ଼ା ନେଇ ଚଳାଇବା କଷ୍ଟ। ଗୋଟିଏ ଟି-ଷ୍ଟଲ କରିବାକୁ ତାଙ୍କର ସ୍ୱପ୍ନ ରହିଛି। ସରକାର ଉଠାଦୋକାନୀଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଜଣେ ଦିବ୍ୟାଙ୍ଗ ହୋଇ ମଧ ସେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏକ ଟି-ଷ୍ଟଲ ନିର୍ମାଣରେ ପ୍ରଶାସନ ତାଙ୍କୁ ସାହଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।





ଚା'ଦୋକାନରେ ଦିବ୍ୟାଙ୍ଗ କାଳିଆ ନାୟକ।

# ଭାଜପା ରହିବ, ରାହୁଲଙ୍କଠାରେ ସମସ୍ୟା

ନୂଆଦିଲ୍ଲୀ/ପଣଜୀ,୨୮।୧୦

ଭାଜପା ଆଗାମୀ କିଛି ଦଶନ୍ଧି ଧରି କୁଆଡ଼େ ଯାଉନାହିଁ। ତେବେ ଭାଜପାକୁ ଲୋକେ ଫିଙ୍ଗିଦେବେ ବୋଲି ଭାବିବା ହିଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମସ୍ୟା। ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର କିଛିଦିନ ଧରି କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା ହେବା ପରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପଶ୍ଚିମବଙ୍ଗ ବାହାରେ ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବାରେ ଲାଗିଥିବାବେଳେ ପ୍ରଶାନ୍ତ ବୁଧବାର ଗୋଆରେ ଏକ

### କଂଗ୍ରେସକୁ ପ୍ରଶାନ୍ତ କିଶୋରଙ୍କ ପ୍ରବେଶ ପଥ ବନ୍ଦ

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। କଂଗ୍ରେସକୁ ପ୍ରଶାନ୍ତଙ୍କ ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ତାଙ୍କ ସଦ୍ୟ ମନ୍ତବ୍ୟରୁ ପ୍ରମାଣିତ ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନ ପାଇଁ ସଫଳ


ପ୍ରଶାନ୍ତ କିଶୋର

ରଣନୀତି ପ୍ରସ୍ତୁତ କରିଥିବା ପ୍ରଶାନ୍ତ କିଶୋର କହିଛନ୍ତି, ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ୪୦ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ଭଳି ଜୟପରାଜୟ ଭିତରେ ଭାଜପା ଆଗକୁ ବହୁ ବର୍ଷ ଧରି ଭାରତୀୟ ରାଜନୀତିର କେନ୍ଦ୍ରରେ ରହିବ। ଭାଜପା କୁଆଡ଼େ ଯାଉନାହିଁ। କୌଣସି ଦଳ ଜାତୀୟ ସ୍ତରରେ ଥରେ ୩୦%ରୁ ଊର୍ଦ୍ଧ୍ୱ ହାରରେ ଭୋଟ ପାଇଗଲେ ଏତେ ଶୀଘ୍ର ବିଦା ହୋଇ ନ ଥାନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକେ କ୍ଷୁବ୍ଧ ହୋଇ ତାଙ୍କ ସରକାରକୁ ପ୍ରତ୍ୟାଖ୍ୟାନ କରିଦେବେ ବୋଲି ମନେକରିବା ଭୁଲ। ଯଦି ଲୋକେ ମୋଦିଙ୍କୁ ବିଦା କରନ୍ତି ତାହେଲେ ଭାଜପା କୁଆଡ଼େ ଯିବ ନାହିଁ। ଆସନ୍ତା କିଛି ଦଶନ୍ଧି ଧରି ଭାଜପା ରହିବ ବୋଲି ପ୍ରଶାନ୍ତ କହିଥିଲେ।

# ସରକାର କେତେଦିନ ଛଳନା କରିବେ: ରାହୁଲ



ନୂଆଦିଲ୍ଲୀ,୨୮।୧୦

ତ୍ରିପୁରାରେ ମୁସଲମାନଙ୍କୁ ଅତ୍ୟାଚାର କରାଯାଉଛି। ସରକାର କେତେଦିନ ମୂକ ଓ ଅନ୍ଧ ହେବାର ଛଳନା କରିବେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି। ରାହୁଲ ଟୁଇଟରରେ କହିଛନ୍ତି,

### ତ୍ରିପୁରାରେ ମୁସଲମାନଙ୍କ ପ୍ରତି ବର୍ବରତା

ତ୍ରିପୁରାରେ ଆମ ମୁସଲମାନ ଭାଇମାନଙ୍କ ସହ ବର୍ବର ବ୍ୟବହାର କରାଯାଉଛି। ହିନ୍ଦୁତ୍ୱ ନାମରେ ହିନ୍ଦୁମାନେ ହିଂସା ଭିଆଉନାହାନ୍ତି, ବରଂ ଏହା ଛଳନାକାରୀଙ୍କ କାମ।

## ସଂକ୍ଷେପରେ

### ସିବିଆଇ ତଦନ୍ତ ଦାବିରେ ଧାରଣା




ଗୋଲାମୁଣ୍ଡା,୨୮।୧୦(ଡି.ଏନ୍.ଏ.) : କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରି ଗୁରୁବାର ଗୋଲାମୁଣ୍ଡା ଥାନା ସାମ୍ନାରେ ଭାଜପା ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଯଦି ରାଜ୍ୟ ସରକାର ସ୍ୱଚ୍ଛ ଓ ନିର୍ମଳ, ତେବେ ନିଜ ଆଡୁ ସିବିଆଇକୁ ତଦନ୍ତ ଭାର ଦିଅନ୍ତୁ ବୋଲି ଦାବି କରିବା ସହ ମନ୍ତ୍ରୀ ମିଶ୍ରଙ୍କ ଇସ୍ତଫା ଦାବି କରିଛନ୍ତି। ସିବିଆଇ ତଦନ୍ତ ଦାବିରେ ଗୋଲାମୁଣ୍ଡା ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧାରଣାରେ ପୂର୍ବତନ ମନ୍ତ୍ରୀ ହିଂମାଶୁ ଶେଖର ମେହେର, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ମନୋଜ ମେହେର, ଗୋଲାମୁଣ୍ଡା ଜୋନ ଜିଲା ପରିଷଦ ସଦସ୍ୟ ଭୂଷନ ନାଏକ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ପ୍ରଦୀପ କୁମାର ପଣ୍ଡା, ଦଶପୁର ମଣ୍ଡଳ ସଭାପତି ଭାଗ୍ୟବାନ ବାଗ ଓ ଶତାଧିକ କର୍ମୀ ସାମିଲ ଥିଲେ।

### 'ବିକାଶରେ ବାଧକ ସାଜିଛି ବିଜେଡି'

ସରଣ୍ଡା,୨୮।୧୦(ଡି.ଏନ.ଏ): ବରଗଡ ଜିଲା ଅତାବିରା ଏନଏସିର ବିକାଶରେ ସ୍ଥାନୀୟ ବିଜେଡି ନେତୃତ୍ୱ ବାଧକ ସାଜିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଅତାବିରାଠାରେ କଂଗ୍ରେସ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଅତାବିରା ଏନଏସିର ବିକାଶରେ ସ୍ଥାନୀୟ ବିଜେଡି ନେତୃତ୍ୱ ବାଧକ ସାଜିଛି ବୋଲି ଅଭିଯୋଗ କରଥିଲେ। ସେ କହଥିଲେ,



୨୦୧୯ ଫେବୃୟାରୀ ୨୭ରେ ଅତାବିରା ଏନଏସି ପରିସରରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ମାତ୍ର ଏଯାଏଁ ଏହାର କାମ ଆରମ୍ଭ ହୋଇନାହିଁ। ଚାଷୀମାନଙ୍କ ବାଦ୍ ପଡିଥିବା ଟୋକନ ଏବଂ ଗଜା ଧାନ କ୍ରୟ ସକାଶେ ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିବା ନିହାର କହିଥିଲେ। ଅତାବିରା ବ୍ଲକ ଅଫିସରେ ୧୦ଲକ୍ଷ ଟଙ୍କା ସିକ୍ୟୁରିଟି ଜମା ଟଙ୍କା ହଡ଼ପ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ କଂଗ୍ରେସର ଅଭିଯୋଗ ଉପରେ ସ୍ଥାନୀୟ ବିଜେଡି ନେତୃତ୍ୱଙ୍କ ମତାମତ ମିଳିପାରିନାହିଁ। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର ଉନ୍ନିକ୍ରୀଷ୍ଣ ନାୟାର, ଦୀପକ ରାଏ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ


ଭାଜପା ଯୁବ ମୋର୍ଚ୍ଚା କର୍ମୀମାନେ ଡିସିପି କାର୍ଯ୍ୟାଳୟ ଘେରାଉ ଉଦ୍ୟମ କରିବା ବେଳେ ପୋଲିସ ସହ ମୁହାଁମୁହିଁ।

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ସହ ଭାଜପା ପୁଣି ଆନ୍ଦୋଳନକୁ ଓହ୍ଲାଇଛି। ମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବିରେ ଭୁବନେଶ୍ୱର ଜିଲା ଯୁବ ମୋର୍ଚ୍ଚା କର୍ମୀମାନେ ଗୁରୁବାର ଡିସିପି କାର୍ଯ୍ୟାଳୟ ଘେରାଉ ଉଦ୍ୟମ କରିବା ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ସ୍କୁଲର

### ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବିରେ ଭାଜପା ଯୁବ ମୋର୍ଚ୍ଚାର ଡିସିପି ଅଫିସ ଘେରାଉ ଉଦ୍ୟମ

ସଞ୍ଚାଳକ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘନିଷ୍ଠତା କାରଣରୁ ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରାଯିବାର ହୀନ ଷଡ଼ଯନ୍ତ୍ର ରଚାଯାଉଛି । ନିଜ କ୍ଷମତାର ଅପବ୍ୟବହାର କରାଯାଇ ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ ମଧ୍ୟ କରିଦିଆଯାଉଛି। ଏହି ହତ୍ୟାକାଣ୍ଡ ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ ନୀରବ ରହିବା ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିବ୍ୟଶଙ୍କର କ୍ଷମତାରେ ଥିବା ପର୍ଯ୍ୟନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ ଅସମ୍ଭବ । ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଯୁବମୋର୍ଚ୍ଚା ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ସାମିଲ ହୋଇଥିବା ନେତୃବୃନ୍ଦ କହିଛନ୍ତି । ଯୁବମୋର୍ଚ୍ଚା ଜିଲା ସଭାପତି ରଶ୍ମିରଞ୍ଜନ ମୁଦୁଲିଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ଶୈଳେଶ ଡାନି ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଶୈଳେଶ ଡାନିଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଡାନିଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ବିଜେଡି ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇ ଦିଆଯାଇଛି।

### ୧ରେ ବରଗଡ଼ ବନ୍ଦ

ବରଗଡ଼ ଅଫିସ୍,୨୮।୧୦

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଏବଂ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାକୁ ନେଇ ଭାଜପା ଆସନ୍ତା ନଭେମ୍ବର ୧ତାରିଖରେ ବରଗଡ଼ ଜିଲା ବନ୍ଦ ଡାକରା ଦେଇଛି। ଗୋବିନ୍ଦଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ, ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ଚାକିରି, ଆଇନ ଅନୁଯାୟୀ ସହାୟତା ଯୋଗାଇବା ଏବଂ ମମିତା ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ, ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ କରାଯିବା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

# ମମିତାଙ୍କୁ ନ୍ୟାୟ ପାଇଁ କଳା କୋଟ୍ ପିନ୍ଧିବି: ନରସିଂହ

ବଲାଙ୍ଗୀର ଅଫିସ, ୨୮।୧୦


ବିଧାୟକ ନରସିଂହ ମିଶ୍ର।

ମମିତା ମେହେର ହତ୍ୟା ଘଟଣା କେବଳ ଓଡ଼ିଶାରେ ନୁହେଁ, ସାରା ଭାରତବର୍ଷରେ ବିରଳ। ମମିତାଙ୍କୁ ହତ୍ୟା କରିବା ପରେ ଖଣ୍ଡ ଖଣ୍ଡ କରି କାଟି ପୋଡ଼ାଯାଇଛି। ତାଙ୍କ ପରିବାର ତରଫରୁ ଯଦି ଅନୁରୋଧ ଆସେ ପୁନର୍ବାର କଳା କୋଟ୍ ପିନ୍ଧିବି, ନ୍ୟାୟ ପାଇଁ ଲଢ଼ିବି ବୋଲି ବରିଷ୍ଠ ଆଇନଜ୍ଞ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଝରଣୀ ଗାଁରେ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ଏଫ୍‌ଆଇଆର ବଦଳାଇବାକୁ ଚେଷ୍ଟା କରାଯାଇଛି। ଯେଉଁ ଏଫ୍‌ଆଇଆର ଲେଖାଯାଇଛି ତାକୁ ପୀଡ଼ିତାଙ୍କ ପରିବାର ସ୍ୱଇଚ୍ଛାରେ ଲେଖିଥିବେ ବୋଲି ଭାବୁନାହିଁ। ଏହି ଘଟଣାର ତଦନ୍ତ କରୁଥିବା ଉତ୍ତରାଞ୍ଚଳ ଡିଆଇଜି କହୁଛନ୍ତି ତଦନ୍ତ ପ୍ରାୟ ସରିଗଲାଣି, ଆଉ ତଦନ୍ତର ଆବଶ୍ୟକତା ନାହିଁ। ଏହାର ମାନେ ହେଲା ଏହି ହତ୍ୟାକାଣ୍ଡ ପଛରେ ଯେଉଁମାନେ ଅଛନ୍ତି, ଯେଉଁମାନେ ଷଡ଼ଯନ୍ତ୍ର କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଗୋଟିଏ ଘଟଣା ଅନୁସନ୍ଧାନ କଲାବେଳେ ଆଉ ଗୋଟିଏ ହତ୍ୟା ଘଟଣା ଆସିପାରେ। ଆଇନ କ'ଣ କହୁଛି ତାକୁ ଆଉ ତଦନ୍ତ କରାଯିବ ନାହିଁ ବୋଲି ପ୍ରଶ୍ନ କରିବା ସହ ବିଧାୟକ ମିଶ୍ର ଏହି ଘଟଣା ପଛର ଯାହା ଆସିବ ତାକୁ ପୋଲିସ ଅନୁସନ୍ଧାନ କରିବାକୁ ବାଧ ବୋଲି କହିଥିଲେ। ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ମନ୍ତ୍ରୀଙ୍କ କଥାବାର୍ତ୍ତା ସମ୍ପର୍କରେ ପୋଲିସ କାହିଁକି କିଛି କହୁନାହିଁ। ଯେଉଁ ପେନ୍‌ଡ୍ରାଇଭ ଅଛି, ସେ ସମ୍ପର୍କରେ କାହିଁକି କିଛି କୁହାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଡିଆଇଜି ପ୍ରେସ୍‌ମିଟ୍ କଲାବେଳେ ଏକ ନିର୍ଦ୍ଦିଷ୍ଟ ଟିଭି ଗଣମାଧ୍ୟମ ଲେଖା ଦେଖି କରି ପ୍ରଶ୍ନ କରୁଥିଲେ ଓ ଡିଆଇଜି ଲେଖା ଦେଖିକରି ଉତ୍ତର ଦେଉଥିଲେ। ଏଥିରୁ ସୂଚନା ମିଳୁଛି, ବୋଧେ ଓଡ଼ିଶା ସଚିବାଳୟରୁ ନିର୍ଦ୍ଦେଶ ଆସୁଛି ଓ ସେ ଅନୁସାରେ କାମ ହେଉଛି ବୋଲି ବିଧାୟକ ମିଶ୍ର କହିଥିଲେ। ମମିତାଙ୍କ ମା' ଝିଅର ନ୍ୟାୟ ପାଇଁ ଲଢ଼ିବାକୁ ତାଙ୍କୁ ଅନୁରୋଧ କରିଥିବା କଥା ସେ କହିଥିଲେ।

# ୬୨୫ ଥାନାରେ ଏତଲା ଦେବ ଭାଜପା

### ଆଜି ଆସୁଛନ୍ତି କେନ୍ଦ୍ରରୁ ୩ ଜଣିଆ ପ୍ରତିନିଧି ଦଳ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ଏହି ଘଟଣାରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଅତୀତରେ ସାମାନ୍ୟ ଅଭିଯୋଗ ହେଲେ ମନ୍ତ୍ରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ମୁଖ୍ୟମନ୍ତ୍ରୀ ଏଭଳି ବହୁଚର୍ଚ୍ଚିତ ପ୍ରସଙ୍ଗରେ କାହିଁକି ନୀରବ ରହୁଛନ୍ତି ସେନେଇ ଭାଜପା ପ୍ରଶ୍ନ ଉଠାଇଛି। ସେହିପରି ଅଭିଯୁକ୍ତ ମନ୍ତ୍ରୀ ମିଶ୍ରଙ୍କ ବହିଷ୍କାର ଓ ଗିରଫ ସହ ଉକ୍ତ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବିରେ ୨୯ତାରିଖରୁ ୩ ଦିନ ଧରି ରାଜ୍ୟର ସମସ୍ତ ୬୨୫ ଥାନାରେ ଭାଜପା ତରଫରୁ ଘେରାଉ ସହ ଏତଲା ଦିଆଯିବ ବୋଲି ଭାଜପା ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସହ ଘନିଷ୍ଠ ସମ୍ପର୍କ କାରଣରୁ ଅଭିଯୁକ୍ତ ଗୋବିନ୍ଦ ସାହୁ ବିନା କୌଣସି ବାଧାବିଘ୍ନରେ ଲୋକସେବା ଭବନ ଓ ନବୀନ ନିବାସ ଯାଉଥିଲେ। ତଦନ୍ତ ଆଳରେ ସମସ୍ତ ତଥ୍ୟ ପ୍ରମାଣକୁ ଲିପାପୋଛାକରି ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଖସାଇଦେବାର ପୂର୍ଣ୍ଣ ଉଦ୍ୟମ କରାଯାଉଥିବା ଭଳି ମନେହେଉଛି। ଏହି ଘଟଣା ସମ୍ପର୍କରେ ବାସ୍ତବ ସ୍ଥିତି ଜାଣିବା ପାଇଁ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଆସୁଛନ୍ତି। ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ବନଥୀ ଶ୍ରୀନିବାସନ, ଏମ୍‌ପି ସୁନୀତା ଦୁଗଲ ଏବଂ ବିଧାୟିକା ରୂପା ମିତ୍ର ଚୌଧୁରୀ ସାମିଲ ଅଛନ୍ତି। ପ୍ରତିନିଧି ଦଳ ବଲାଙ୍ଗୀର ଜିଲା ଝରଣୀ ଗ୍ରାମକୁ ଯାଇ ମୃତ ମମିତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ବିସ୍ତୃତ ଆଲୋଚନା କରିବା ପରେ ମହାଲିଙ୍ଗ ଗ୍ରାମକୁ ଯାଇ ଘଟଣା ସ୍ଥଳ ବୁଲି ଘଟଣା ସମ୍ପର୍କରେ ଅନୁଧାନ କରିବେ। ଏହି ପ୍ରତିନିଧି ଦଳ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱରଠାରେ ହେବାକୁଥିବା ଖବରଦାତା ସମ୍ମିଳନୀରେ ଗସ୍ତ ସମ୍ପର୍କରେ ଅବଗତ କରାଇବେ ବୋଲି ଲେଖାଶ୍ରୀ କହିଛନ୍ତି।

# କଂଗ୍ରେସର ମୌନ ଧାରଣା


ଜୁନାଗଡ ଥାନା ସମ୍ମୁଖରେ କଂଗ୍ରେସର ମୌନ ଧାରଣା।

ଜୁନାଗଡ,୨୮।୧୦(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଗୁରୁବାର ଜୁନାଗଡ ଥାନା ସମ୍ମୁଖରେ ସ୍ଥାନୀୟ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ କଳାପଟି ବାନ୍ଧି ମୌନ ଧାରଣା ଦିଆଯାଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ଜୁନାଗଡ ନଗର ସଭାତି କୈଳାସ ଅଗ୍ରୱାଲ, ବ୍ଲକ ସଭାପତି ଅଜୟ ମେହେର, ଯୁବ ନେତା ପ୍ରଭାତ ଦାଶ, ପରମେଶ୍ୱର ମୋଟେଲ, ବ୍ଲକ ଯୁବମୋର୍ଚ୍ଚା ସଭାପତି ନବୀନ ଟାକ୍ରି, ନଗର ଯୁବମୋର୍ଚ୍ଚା ସଭାପତି କୁମୁଦ ଗହୀର ପ୍ରମୁଖଙ୍କ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯାଉ: ସୂର୍ଯ୍ୟେୱାଲା

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ମମିତା ମେହେରଙ୍କ ହତ୍ୟା ଘଟଣାକୁ ନେଇ ଓଡିଶା ଗସ୍ତରେ ଥିବା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସଂପାଦକ ତଥା ମୁଖପାତ୍ର ରଣଦୀପ ସିଂ ସୁର୍ଯ୍ୟେୱାଲା ଏବଂ ଓଡିଶା କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମମିତାଙ୍କ ଗାଁରୁ ଫେରିବା ପରେ ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂର୍ଯ୍ୟାୱାଲା କହିଛନ୍ତି ଯେ ମମିତାଙ୍କୁ ରହସ୍ୟମୟ ଢଙ୍ଗରେ ହତ୍ୟା କରାଯାଇଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ହାତ ଥିବା ପ୍ରମାଣ ମିଳିଥିଲେ ମଧ୍ୟ ତାଙ୍କୁ ପଦରୁ କାହିଁକି ବହିଷ୍କାର କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣାର ନିରପେକ୍ଷ ଯାଞ୍ଚ ହେଉ ନାହିଁ । ଏହି ଘଟଣାକୁ ଲକ୍ଷ୍ୟ କଲେ ଏଠାରେ ରକ୍ଷକ ହିଁ ଭକ୍ଷକ ପ୍ରତୀତ ହେଉଛି। ମୁଖ୍ୟମନ୍ତ୍ରୀ ଥରେ ମମିତାଙ୍କ ପରିବାରର ଦୁଃଖ ଦେଖି ଆସିଲେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଦଳରୁ ବହିଷ୍କାର କରିବାକୁ ପଛାଇବେନି ବୋଲି ସୁର୍ଯ୍ୟେୱାଲା କହିଛନ୍ତି। ରାଜ୍ୟ ନାରୀ



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରଣଦୀପ ସିଂ ସୁର୍ଯ୍ୟେୱାଲା (ମଝି)।

### ଏସ୍‌ଆଇଟି ତଦନ୍ତ କରିବାକୁ କଂଗ୍ରେସର ଦାବି

ନିର୍ଯ୍ୟାତନା କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ନୟାଗଡର ପରୀ ହତ୍ୟାକଣ୍ଡ, ବେବିନା ହତ୍ୟାକାଣ୍ଡ, ଇତିଶ୍ରୀ ହତ୍ୟା ଘଟଣା ଆଦିକୁ ସବୁ ଘଟଣାରେ ବିଜେଡି ନେତା ଓ ମନ୍ତ୍ରୀଙ୍କ ନାମ କିପରି ଜଡିତ ରହୁଛି ସୁର୍ଯ୍ୟେୱାଲା ପ୍ରଶ୍ନ କରିଛନ୍ତି। ଜଗନ୍ନାଥଙ୍କ ପୁଣ୍ୟ ଭୂମିରେ ଏଭଳି ଲଜ୍ଜାଜନକ ଘଟଣା ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନକୁ ସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବେଲି ସୁର୍ଯ୍ୟେୱାଲା କହିଛନ୍ତି। ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଆପିସି ଧାରା ୩୦୨ ଏବଂ ୧୨୦(ବି )ଅନୁଯାଇ ମାମଲା ରୁଜୁ କରିବା ଦରକାର। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରି ମାମଲାର ଯାଞ୍ଚ କରାଯାଉ। ମମିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ସହ ତାଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ରଣଦୀପ ସିଂ ସୁର୍ଯ୍ୟେୱାଲା ଏବଂ ଚେଲ୍ଲାକୁମାର ଗୁରୁବାର ମୃତ ମମିତାଙ୍କ ଗ୍ରାମ ଝରଣୀକୁ ଗସ୍ତକରି ପୀଡ଼ିତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ୧୨ ଘଣ୍ଟା ନୂଆପଡ଼ା ଜିଲା ବନ୍ଦ

ନୂଆପଡ଼ା ଅଫିସ,୨୮।୧୦

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗର ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ପ୍ରତିବାଦରେ ଜିଲା ଭାଜପା ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ନୂଆପଡ଼ା ଜିଲା ବନ୍ଦ ଡାକରା ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜିଲାର ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ସିଭିଲ କୋର୍ଟ, ବୀମା ପ୍ରତିଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ, ସ୍କୁଲ କଲେଜ, ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ଦିନତମାମ ଅଖଚକ ବନ୍ଦ ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା।

ନୂଆପଡା ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ନୂଆପଡା ସଦର ମହକୁମାସ୍ଥିତ ଏକତା ଛକଠାରେ ଦଳ ପକ୍ଷରୁ ୩୫୩ ନମ୍ବର



କୋମନା ବ୍ଲକ କୁରୁମପୁରୀଠାରେ ଭାଜପା ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା।

ଜାତୀୟ ରାଜପଥ ଅବରୋଧ କରି ଧାରଣା ଦିଆଯାଇଥିଲା। ଜିଲାର ବାଣିଜ୍ୟ କେନ୍ଦ୍ର କୁହାଯାଉଥିବା ଖରିଆର ରୋଡରେ ଦୋକାନବଜାର ଆଂଶିକ ଭାବେ ଖୋଲା ରହିଥିଲା। ମମିତା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଖସାଇ ଦେବା ପାଇଁ ଭୁବନେଶ୍ୱରରେ ଯୋଜନା ତିଆରି ହୋଇ ଆସୁଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯିବା ସହ ମମିତା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରି ଗିରଫ କରାଯାଉ ବୋଲି ଦାବି କରିଥିଲେ। କାଁ ଭାଁ କେତେଜଣ ତଳସ୍ତର କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଉପରିସ୍ଥ ପଦାଧିକାରୀମାନଙ୍କୁ ନିଜର ଛତ୍ରଛାୟା ତଳେ ରଖିଛନ୍ତି। ଏହାର ସିବିଆଇ ତଦନ୍ତ କରିବା ସହିତ ଦୋଷୀ ମନ୍ତ୍ରୀମାନଙ୍କୁ ତୁରନ୍ତ ଗିରଫ କରାଯାଉ ଓ ମମିତା ମେହେରଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ସାଧାରଣ ସମ୍ପାଦକ ତୁଳସ ପଟେଲ, ଗୋପାଲ ଚନ୍ଦ ମାଝି, ମନୋଜ ସାହୁ, ନିର୍ମଳ ଅହୀର, ଡମ୍ବରୁ ଧର ମହାନନ୍ଦ, ରାଜୁ ସାହୁ, ମହେଶ୍ୱର ଦଣ୍ଡସେନା, ଓମ ପ୍ରକାଶ ମିତ୍ର, ଭକ୍ତବନ୍ଧୁ ରଣା, ଖାମସିଂ ଠାକୁର, ଗୌତମ ତାଣ୍ଡି ପ୍ରମୁଖ ଶତାଧିକ ଭାଜପା ଓ ଯୁବମୋର୍ଚ୍ଚା କର୍ମୀ ଉପସ୍ଥିତ ଥିଲେ।

# ବିଶ୍ୱ କ୍ରୀଡ଼ାରେ ଟିନ୍ ଏଜ୍ ସେନସେଶନ

**ବିଶ୍ୱସ୍ତରୀୟ ସର୍ବୋଚ୍ଚ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବା ୧୩ରୁ ୧୮ ବର୍ଷ ମଧ୍ୟରେ ୩୫ ଜଣ ''ଟିନ୍ ଏଜ୍ ସେନ୍‌ସେଶନ''ଙ୍କୁ ନେଇ ଏହି ସଂକଳନ ପ୍ରସ୍ତୁତ ହୋଇଛି। ପ୍ରଥମ ଭାଗରେ ସନ୍ତରଣ/ଡାଇଭିଂ ଓ ଜିମ୍ନାଷ୍ଟିକ୍ସରେ କୃତିତ୍ୱ ଅର୍ଜନ କରିଥିବା ୧୮ ଆଥ୍‌ଲେଟ୍‌ଙ୍କୁ ନେଇ ଏହି ଆଲେଖ୍ୟ...**



ଅଶୋକ ମହାନ୍ତି



କେଟି ଲେଡେକି

ମାଇକେଲ ଫେଲପ୍ସ

ସାଇମୋନ ବାଇଲ୍ସ

କ୍ୱାନ ହୋଙ୍ଗଚାନ

(ଭାଗ-୧)

କ୍ରୀଡ଼ା ହେଉଛି ଏଭଳି ଏକ କ୍ଷେତ୍ର, ଯେଉଁଥିରେ କି କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଶାରୀରିକ ଦକ୍ଷତା ଓ ମାନସିକ ଦୃଢ଼ତା ସହାୟତାରେ ସଫଳତା ହାସଲ କରିଥାନ୍ତି। ସାଧାରଣତଃ ବାଳିକା ବାଳକମାନେ ୧୦/୧୨ ବର୍ଷ ବୟସରୁ ପ୍ରତିଯୋଗିତାମୂଳକ କ୍ରୀଡ଼ାରେ ଭାଗନେବା ଆରମ୍ଭ କରିଥାନ୍ତି। ସମୟକ୍ରମେ ସେମାନଙ୍କର ଶାରୀରିକ ଏବଂ ମାନସିକ କ୍ଷମତା ବୃଦ୍ଧି ପାଇ ୨୦/୨୨ ବର୍ଷ ବୟସରେ ପୂର୍ଣ୍ଣ ବିକଶିତ ହୋଇଥାଏ। ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ାରେ ପାରଦର୍ଶିତା ଲାଭ କରିଥିବା ଅଧିକାଂଶ କ୍ରୀଡ଼ାବିତ୍ ୧୯/୨୦ ବର୍ଷ ବୟସରୁ ୩୦ ବର୍ଷ ମଧ୍ୟରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏକ ପରିସଂଖ୍ୟାନ ଅନୁସାରେ ବିଗତ ୧୦୦ ବର୍ଷର ଅଲିମ୍ପିକ୍ସ ପଦକ ବିଜେତା ପୁରୁଷମାନଙ୍କର ହାରାହାରି ବୟସ ୨୪.୫ ବର୍ଷ ରହିଥିଲାବେଳେ ମହିଳାମାନଙ୍କର ହାରାହାରି ବୟସ ୨୩ ବର୍ଷ ରହିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୨ ଶୀର୍ଷ ସ୍ଥାନରେ ରହିଥିବା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନାର ପ୍ରତିଯୋଗୀମାନଙ୍କର ହାରାହାରି ବୟସ ଯଥାକ୍ରମେ ୨୭ ଓ ୨୫.୪ ବର୍ଷ ଥିଲା।

କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କ୍ରୀଡ଼ା ଶୃଙ୍ଖଳା ଯଥା: ସନ୍ତରଣ, ଜିମ୍ନାଷ୍ଟିକ୍ସ ଏବଂ ଟେନିସ୍ ଭଳି କ୍ରୀଡ଼ାରେ 'ଟିନ୍ ଏଜର୍ସ'ମାନଙ୍କର ପ୍ରାଧାନ୍ୟ ପ୍ରାୟତଃ ପରିଲକ୍ଷିତ ହୋଇଥାଏ। ବିଶ୍ୱସ୍ତରୀୟ ସର୍ବୋଚ୍ଚ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବା ୧୩ବର୍ଷରୁ ୧୮ ବର୍ଷ ମଧ୍ୟରେ ୩୫ ଜଣ 'ଟିନ୍ ଏଜ୍ ସେନ୍‌ସେସନ୍ସ'ଙ୍କୁ ନେଇ ଏହି ସଂକଳନ ପ୍ରସ୍ତୁତ ହୋଇଛି। ଏହି ଅନନ୍ୟ ସାଧାରଣ ତାଲିକାରେ ଅତ୍ୟନ୍ତ ଲୋକପ୍ରିୟ କ୍ରୀଡ଼ାଗୁଡ଼ିକରେ ପ୍ରସିଦ୍ଧି ଲାଭ କରିଥିବା ବିଶ୍ୱ ଚାମ୍ପିୟନ୍ସ, ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା, ଗ୍ରାଣ୍ଡସ୍ଲାମ ଟେନିସ୍ ଚାମ୍ପିୟନ୍ସ ଏବଂ ଟେଷ୍ଟ କ୍ରିକେଟର୍ସମାନେ ସ୍ଥାନ ପାଇଛନ୍ତି। ପ୍ରଥମ ଭାଗରେ ୧୮ ଆଥଲେଟଙ୍କୁ ସ୍ଥାନୀତ କରାଯାଇଛି। ଏଥିରେ ସନ୍ତରଣ ଓ ଜିମ୍ନାଷ୍ଟିକ୍ସ ପ୍ରତିଭା ରହିଛନ୍ତି। ଦ୍ୱିତୀୟ ଭାଗରେ ୬ ଟେନିସ, ୪ କ୍ରିକେଟର, ୫ ଫୁଟବଲ ଖେଳାଳି ଏବଂ ଜଣେ ଲେଖାଏ ଟ୍ରାକ୍ ଆଣ୍ଡ ଫିଲ୍ଡ ଓ ବ୍ୟାଡମିଣ୍ଟନ ଖେଳାଳିଙ୍କ ସମ୍ପର୍କରେ ଉଲ୍ଲେଖ ରହିବ।

## ସନ୍ତରଣ ଓ ଡାଇଭିଂ

**(୧) କ୍ୱାନ ହୋଙ୍ଗଚାନ (ଚାଇନା):** ଜନ୍ମ-୨୮ ମାର୍ଚ୍ଚ ୨୦୦୬ ଟୋକିଓ ୨୦୨୦ ଅଲିମ୍ପିକ୍ସରେ ଚାଇନାର କ୍ୱାନ ହୋଙ୍ଗଚାନ ମାତ୍ର ୧୪ ବର୍ଷ ବୟସରେ ୧୦ ମିଟର ପ୍ଲାଟଫର୍ମ ଡାଇଭିଂରେ ପରଫେକ୍ଟ ୧୦ ପଏଣ୍ଟ୍ସ ସ୍କୋର କରି ଏହି ବିଭାଗରେ ସର୍ବକନିଷ୍ଠ ସ୍ୱର୍ଣ୍ଣ ବିଜେତା ହେବାର କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି।

**(୨) କର୍ଣ୍ଣେଲିଆ ଏଣ୍ଡର** (ପଶ୍ଚିମ ଜର୍ମାନୀ): ଜନ୍ମ-୨୫, ଅକ୍ଟୋବର, ୧୯୫୮। ୧୫ ବର୍ଷ ବୟସରେ କର୍ଣ୍ଣେଲିଆ ୧୯୭୩ ବେଲଗ୍ରେଡ଼ ବିଶ୍ୱ ସନ୍ତରଣ ପ୍ରତିଯୋଗିତାରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ୧୮ ବର୍ଷରେ ପ୍ରଥମ ମହିଳା ସନ୍ତରଣକାରୀ ଭାବେ ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ।

**(୩) ସେନ୍ ଗୋଲ୍ଡ** (ଅଷ୍ଟ୍ରେଲିଆ): ଜନ୍ମ-୨୩ ନଭେମ୍ବର ୧୯୫୬। ଷୋଳ ବର୍ଷ ବୟସରେ ସେନ ଗୋଲ୍ଡ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତି ଅଭୂତପୂର୍ବ ସଫଳତା ହାସଲ କରିଥିଲେ।

**(୪) କ୍ରିଷ୍ଟିନ୍‌ଅଟୋ** (ଜର୍ମାନୀ): ଜନ୍ମ ୨ ଫେବୃୟାରୀ ୧୯୬୬। ମାତ୍ର ୧୬ ବର୍ଷ ବୟସରେ କ୍ରିଷ୍ଟିନ୍ ୧୯୮୨ ବିଶ୍ୱ ସନ୍ତରଣ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୮୮ ସିଓଲ ଅଲିମ୍ପିକ୍ସରେ ପ୍ରଥମ ମହିଳା ସନ୍ତରଣକାରୀ ଭାବେ ୬ଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚନା କରିଥିଲେ।

**(୫) କେଟି ଲେଡେକି** (ଆମେରିକା): ଜନ୍ମ - ୧୭ ମାର୍ଚ୍ଚ ୧୯୯୭। ମାତ୍ର ୧୫ ବର୍ଷ ବୟସରେ କେଟି ଲେଡେକି ୧୯୧୨ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ପଦାର୍ପଣରେ ୮୦୦ ମି. ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରବର୍ତ୍ତୀ ରିଓ ଅଲିମ୍ପିକ୍ସରେ ୪ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଏବଂ ଟୋକିଓ-୨୦୨୦ ଅଲିମ୍ପିକ୍ସରେ ୨ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରି ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ସନ୍ତରଣକାରୀର ମାନ୍ୟତା ପାଇଥିଲେ।

**(୬) ଇଆନ୍ ଥର୍ପ** (ଅଷ୍ଟ୍ରେଲିଆ): ଜନ୍ମ-୧୩ ଅକ୍ଟୋବର ୧୯୮୨। ଷୋଳ ବର୍ଷ ବୟସରେ ଇଆନ ଥର୍ପ ୧୯୯୮ରେ ପର୍ଥ ବିଶ୍ୱ ସନ୍ତରଣ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାର ୨ ବର୍ଷ ପରେ ୧୮ ବର୍ଷରେ ସିଡ୍‌ନି ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**(୭) ମାଇକେଲ ଗ୍ରସ୍** (ଜର୍ମାନୀ): ଜନ୍ମ ୧୭ ଜୁନ ୧୯୬୪। 'ଦି ଆଲବାଟ୍ରସ' ନାମରେ ସୁଖ୍ୟାତି ଅର୍ଜନ କରିଥିବା ମାଇକେଲ ଗ୍ରସ୍ ୧୮ ବର୍ଷ ବୟସରେ ୧୯୮୨ ବିଶ୍ୱ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରବର୍ତ୍ତୀ ୩ଟି ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ , ୩ଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

**(୮) ମାଇକେଲ ଫେଲପ୍ସ** (ଆମେରିକା): ଜନ୍ମ-୩୦ ଜୁନ୍ ୧୯୮୫। ବିଶ୍ୱର ସର୍ବକାଳୀନ ମହାନ ସନ୍ତରଣକାରୀ ମାଇକେଲ ଫେଲପ୍ସ ୧୬ ବର୍ଷ ବୟସରେ ଜାପାନର ଫୁକୋକାଠାରେ ଅନୁଷ୍ଠିତ ୨୦୦୧ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୦୦ ମି. ବଟରଫ୍ଲାଏରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରବର୍ତ୍ତୀ ୪ଟି ଅଲିମ୍ପିକ୍ସରେ (୨୦୦୪, ୨୦୦୮, ୨୦୧୨, ୨୦୧୬) ୨୩ଟି ସ୍ୱର୍ଣ୍ଣ ପଦକ ସହିତ ୨୮ଟି ପଦକ ହାସଲ କରି ଅଲିମ୍ପିକ୍ସ କ୍ରୀଡ଼ା ଇତିହାସରେ ସର୍ବାଧିକ ପଦକ ବିଜେତା ଭାବେ ଅବିଶ୍ୱସନୀୟ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି।

**(୯) କିଓକା ଇୱାସାକି** (ଜାପାନ): ଜନ୍ମ - ୨୧ ଜୁଲାଇ ୧୯୭୮। କିଓକା ଇୱାସାକିଙ୍କୁ ୧୪ ବର୍ଷ ୬ ଦିନ ହୋଇଥିଲାବେଳେ ୧୯୯୨ ବାର୍ସେଲୋନା ଅଲିମ୍ପିକ୍ସରେ ୨୦୦ମି. ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚନା କରିଥିଲେ।

**(୧୦) କୁସୁଓ କିଟାମୁରା** (ଜାପାନ): ଜନ୍ମ -୧୯ ଅକ୍ଟୋବର ୧୯୧୭। କୁସୁଓ କିଟାମୁରାଙ୍କ ବୟସ ୧୪ ବର୍ଷ ୩୦୯ ଦିନ ହୋଇଥିବାବେଳେ ୧୯୩୨ ଲସ୍‌ଏଞ୍ଜେଲେସ୍ ଅଲିମ୍ପିକ୍ସରେ ୧୫୦୦ମି. ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣପଦକ ଜିତିଥିଲେ। ୧୯୯୬ରେ ତାଙ୍କର ଦେହାନ୍ତ ହୋଇଥିଲା।

**(୧୧) ମାର୍ଜୋରି ଜେସଟ୍ରିଙ୍ଗ** (ଆମେରିକା): ଜନ୍ମ-୮, ନଭେମ୍ବର ୧୯୨୨। ମାତ୍ର ୧୩ ବର୍ଷ ୧୬୭ ଦିନ ବୟସରେ ମାର୍ଜୋଲି ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ୩ ମିଟର ସ୍ପ୍ରିଙ୍ଗ୍ ବୋର୍ଡ ଡାଇଭିଂରେ ସ୍ୱର୍ଣ୍ଣ ପଦକ ହାସଲ କରି ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସରେ ସର୍ବକନିଷ୍ଠ ସ୍ୱର୍ଣ୍ଣପଦକ ବିଜେତା ହେବାର କୀର୍ତ୍ତିମାନ ସ୍ଥାପନ କରିଥିଲେ; ଯାହା ଆଜି ପର୍ଯ୍ୟନ୍ତ ଅତୁଟ ରହିଛି। ୧୯୯୦ରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।

**(୧୨) ଫୁ ମିଙ୍ଗଜିଆ** (ଚାଇନା): ଜନ୍ମ-୧୬ ଅଗଷ୍ଟ, ୧୯୭୮। ବାର ବର୍ଷ ବୟସରେ ମିଙ୍ଗଜିଆ ୧୯୯୧ ବିଶ୍ୱ ଚାମ୍ପିୟନଶିପ୍‌ର ପ୍ଲାଟଫର୍ମ ଡାଇଭିଂରେ ବିଜେତା ହୋଇଥିଲେ। ପରବର୍ତ୍ତୀ ବର୍ଷ ତାଙ୍କୁ ୧୩ ବର୍ଷ ୩୪୫ ଦିନ ହୋଇଥିବାବେଳେ ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ୧୦ମି. ପ୍ଲାଟଫର୍ମ ଡାଇଭିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୯୬ ଓ ୨୦୦୦ ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ।

## ଜିମ୍ନାଷ୍ଟିକ୍ସ

**(୧) ନାଦିଆ କୋମାନେଚ୍** (ରୋମାନିଆ): ଜନ୍ମ ୧୨ ନଭେମ୍ବର-୧୯୬୧। ମାତ୍ର ୧୪ ବର୍ଷ ବୟସରେ ନାଦିଆ କୋମାନେଚ୍ ବିଶ୍ୱର ପ୍ରଥମ ଜିମ୍ନାଷ୍ଟ ଭାବେ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ''ପରଫେକ୍ଟ ୧୦'' ପଏଣ୍ଟ ସ୍କୋର କରି ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜିମ୍ନାଷ୍ଟିକ୍ସର ବିସ୍ମୟ ବାଳିକା ଭାବେ ପରିଚିତ କୋମାନେଚ୍ ପରବର୍ତ୍ତୀ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୨ଟି ସ୍ୱର୍ଣ୍ଣ ପଦକ ସହିତ ୨ଟି ''ପରଫେକ୍ଟ ୧୦'' ସ୍କୋର କରିଥିଲେ ଏବଂ ସେ ସମସ୍ତ ପଦକ ବ୍ୟକ୍ତିଗତ ବିଭାଗରେ ହାସଲ କରିଥିଲେ।

**(୨) ଓଲଗା କୋରବଟ୍** (ସୋଭିଏଟ୍ ୟୁନିୟନ): ଜୁନ-୧୬ ମେ,୧୯୫୫। ସତର ବର୍ଷ ବୟସରେ ଓଲଗା ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ।

**(୩) ମାରୀ ଲୁ ରେଟନ୍** (ଆମେରିକା): ଜନ୍ମ-୨୪ ଜାନୁୟାରୀ, ୧୯୬୮। ପ୍ରଥମ ଆମେରିକୀୟ ଜିମ୍ନାଷ୍ଟ ଭାବେ ମାରୀ ୧୬ ବର୍ଷ ବୟସରେ ୧୯୮୪ ଲସଏଞ୍ଜେଲସ୍ ଅଲିମ୍ପିକ୍ସର ଅଲରାଉଣ୍ଡ ଇଭେଣ୍ଟସରେ ସ୍ୱର୍ଣ୍ଣପଦକ ସହିତ ଟିମ୍ ଏବଂ ଭଲରେ ୨ଟି ରୌପ୍ୟ ପଦକ ଜିତିଥିଲେ।

**(୪) ସାନନ୍ ମିଲର** (ଆମେରିକା): ଜନ୍ମ-୧୦ ମାର୍ଚ୍ଚ, ୧୯୭୭। ୧୬ବର୍ଷ ବୟସରେ ସାନନ୍ ମିଲର ୧୯୯୩ ବର୍ମିଂହାମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୩ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ପରବର୍ତ୍ତୀ ୧୯୯୬ ଆଟଲାଣ୍ଟା କ୍ରୀଡ଼ାରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**(୫) ସାଇମୋନ ବାଇଲ୍ସ** (ଆମେରିକା) ଜନ୍ମ ୧୪ ମାର୍ଚ୍ଚ ୧୯୯୭। ଷୋଳ ବର୍ଷ ବୟସରେ ବାଇଲ୍ସ ୨୦୧୩ ଆଣ୍ଟୱେର୍ପ ବିଶ୍ୱ ଚାମ୍ପିୟନଶିପରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆଜି ପର୍ଯ୍ୟନ୍ତ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ସମୁଦାୟ ୩୨ଟି ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

**(୬) ଡୋମିନିକ୍ ମୋସେନୁ** (ଆମେରିକା): ଜନ୍ମ-୩୦ ସେପ୍ଟେମ୍ବର ୧୯୮୧। ମାତ୍ର ୧୪ ବର୍ଷ ବୟସରେ ଡୋମିନିକ୍ ୧୯୯୬ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

(ଅବଶିଷ୍ଟାଂଶ ଦ୍ୱିତୀୟ ଭାଗରେ)

# ୟୁଏଇଠାରୁ ହାରିଲା ଭାରତ

ଦୁବାଇ,୨୮।୧୦

ଏଏଫ୍‌ସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତ ଆୟୋଜକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ଠାରୁ ୧-୦ ଗୋଲରେ ପରାସ୍ତ ହୋଇଛି। ବିଳମ୍ବିତ ପେନାଲ୍ଟି ଗୋଲ ବରଣ କରି ଭାରତ କ୍ୱାଲିଫାୟର୍ସର ଏହି ଦ୍ୱିତୀୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ସ୍ଥାନୀୟ ପୁଜାଇରା ଷ୍ଟାଡିୟମରେ ବୁଧବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଲଢେଇ କରିଥିଲା। ଏହାପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ଓମାନକୁ ହରାଇଥିଲା। ୟୁଏଇ ବିପକ୍ଷ ମ୍ୟାଚ୍‌ରେ କୋଚ୍ ଆଇଗର ଷ୍ଟିମାକ ଦଳରେ ଗୋଟିଏ ପରିବର୍ତ୍ତନ କରିଥିଲେ। ଅନ୍ୟପଟେ ୟୁଏଇ ତା'ର ପ୍ରଥମ ମ୍ୟାଚ୍‌ରେ କିରଗିଜସ୍ଥାନଠାରୁ ୨-୧ ଗୋଲରେ ପରାସ୍ତ ହୋଇଥିଲା। ଶନିବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ କିରଗିଜ୍‌ସ୍ଥାନକୁ ଭେଟିବ। ସେହିପରି ଓମାନ ଓ ୟୁଏଇ ମୁହାଁମୁହିଁ ହେବେ। ସାରା ମ୍ୟାଚ୍‌ରେ ଉଭୟ ଦଳ ଦେଖିଚାହିଁ ଖେଳ ଆରମ୍ଭ କରିଥିଲେ। ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ କେତୋଟି ଗୋଲ ସୁଯୋଗ ପାଇଥିଲେ। ତେବେ ୮୨ତମ ମିନିଟ୍‌ରେ ଅବଦୁଲ୍ଲା ଇଦ୍ରିସ୍ ପେନାଲ୍ଟିକୁ ଗୋଲରେ ପରିଣତ କରି ୟୁଏଇକୁ ବିଜୟୀ କରାଇଥିଲେ।



ଭାରତ ଓ ୟୁଏଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

# କଷ୍ଟସାଧ୍ୟ ଡ୍ର'ରେ ଭାରତ

କୁଆଲାଲମ୍ପୁର,୨୮।୧୦

ଆସନ୍ତାବର୍ଷ ଜାନୁୟାରୀରେ ଆରମ୍ଭ ହେବାକୁ ଯାଉଥିବା ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟବଲରେ ଆୟୋଜକ ଭାରତ କଷ୍ଟସାଧ୍ୟ ଡ୍ର'ରେ ସାମିଲ ହୋଇଛି। ଗୁରୁବାର ଟୁର୍ନାମେଣ୍ଟର ଡ୍ର ଘୋଷିତ ହୋଇଛି। ଗ୍ରୁପ୍ ଏ'ରେ ଭାରତ ସମେତ ଚାଇନା, ଚାଇନିଜ ତାଇପେ ଓ ଇରାନ ଗୋଟିଏ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି।

ଫିଫା ର୍‌ୟାଙ୍କିଙ୍ଗରେ ଭାରତୀୟ ମହିଳା ଦଳ ୫୭ତମ ସ୍ଥାନରେ ରହିଛି। ତୃତୀୟ ଉଚ୍ଚତମ ର୍‌ୟାଙ୍କ ଦଳ ଭାବେ ଭାରତ ଏହି ଗ୍ରୁପ୍‌ରେ ସ୍ଥାନ ପାଇଛି। ସେହିପରି ଫିଫା ତାଲିକାରେ ଚାଇନା ୧୭, ଚାଇନିଜ ତାଇପେ ୪୦ ଓ ଇରାନ ୭୨ତମ ସ୍ଥାନରେ ରହିଛନ୍ତି। ଭାରତରେ ଜାନୁୟାରୀ ୨୦ରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ଫେବୃୟାରୀ ୬ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କ୍ୱାଲିଫାୟର୍ସରେ ଚାଇନିଜ ତାଇପେ, ଇଣ୍ଡୋନେସିଆ, ଇରାନ, କୋରିଆ,ମ୍ୟାନମାର, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଭିଏତନାମ ଏଥିରେ ଅଂଶଗ୍ରହଣ କରିବେ।

ପୂର୍ବରୁ ଆୟୋଜକ ଦେଶ ଭାବେ ଫାଇନାଲ ଟୁର୍ନାମେଣ୍ଟ ପାଇଁ ଭାରତ ଯୋଗ୍ୟତା ହାସଲ କରିସାରିଛି। ସେହିପରି ଜାପାନ, ଅଷ୍ଟ୍ରେଲିଆ ଓ ଚାଇନା ମଧ୍ୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମୁଖ୍ୟ କୋଚ୍ ଥୋମାସ ଡେନେର୍ବିଙ୍କ ଭାରତୀୟ ଦଳ ଘରୋଇ ପରିବେଶରେ ଏଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଭାରତୀୟ ମହିଳା ଦଳ କିଛିଦିନ ତଳେ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଚାଇନିଜ ତାଇପେକୁ ପରାସ୍ତ କରିଥିଲା। ଅକ୍ଟୋବରରେ ଭାରତ ୬ଟି ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛି। ଏଥିରେ ଭାରତ ୩ଟିରେ ବିଜୟୀ ହୋଇଥିବା ବେଳେ ୩ଟିରେ ପରାଜୟ ବରଣ କରିଛି। ଜାନୁୟାରୀ ୨୦ ତାରିଖରେ ଭାରତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇରାନକୁ ଭେଟିବ। ଗ୍ରୁପ୍ ବି'ରେ ସାମିଲ ହୋଇଥିବା ଦଳଗୁଡିକ ହେଲେ ଅଷ୍ଟ୍ରେଲିଆ, ଥାଇଲାଣ୍ଡ, ଫିଲିପାଇନ୍ସ ଓ ଇଣ୍ଡୋନେସିଆ। ସେହିପରି ଗ୍ରୁପ୍ ସି'ରେ ଗତଥରର ଚାମ୍ପିୟନ ଜାପାନ, ଦକ୍ଷିଣ କୋରିଆ, ଭିଏତନାମ ଓ ମ୍ୟାନମାର ସାମିଲ ରହିଛନ୍ତି।

AFC WOMEN'S ASIAN CUP INDIA 2022

### ଗ୍ରୁପ ପର୍ଯ୍ୟାୟରେ ଭାରତର କାର୍ଯ୍ୟସୂଚୀ

**ଜାନୁୟାରୀ ୨୦:** ଭାରତ ବନାମ ଇରାନ, ରାତି ୭ଟା ୩୦, ଡିୱାଇ ପାଟିଲ ଷ୍ଟାଡିୟମ
**ଜାନୁୟାରୀ ୨୩:** ଭାରତ ବନାମ ଚାଇନିଜ୍ ତାଇପେ, ରାତି ୭ଟା ୩୦, ଡିୱାଇ ପାଟିଲ ଷ୍ଟାଡିୟମ
**ଜାନୁୟାରୀ ୨୬:** ଭାରତ ବନାମ ଚାଇନା, ରାତି ୭ଟା ୩୦, ମୁମ୍ବାଇ ଫୁଟବଲ ଆରେନା

# ୨୦୨୨ରୁ ଓଡ଼ିଶା ଓପନ୍

ନୂଆଦିଲ୍ଲୀ, ୨୮।୧୦ (ପି.ଟି.)

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଗୁରୁବାର ୨୦୨୨ ବର୍ଷ ପାଇଁ ଏହାର କ୍ୟାଲେଣ୍ଡର ପ୍ରକାଶ କରିଛି। ତଦନୁସାରେ ଭାରତ ପଛକୁ ପଛ ତିନୋଟି ବ୍ୟାଡ୍‌ମିଣ୍ଟନ ଆୟୋଜନ କରିବ। ତନ୍ମଧ୍ୟରେ ଆସନ୍ତା ବର୍ଷ ଜାନୁୟାରୀରେ ଏକ ନୂଆ ଇଭେଣ୍ଟ ଓଡ଼ିଶା ଓପନ୍ ଅନ୍ତର୍ଭୁକ୍ତ। କୋଭିଡ୍ ଯୋଗୁ ୨୦୨୦ରେ ଏବଂ ଚଳିତ ବର୍ଷ ଇଣ୍ଡିଆ ଓପନ ସୁପର ୫୦୦କୁ ବାତିଲ କରାଯାଇଥିଲା। ୨୦୨୨ରେ ବିଡବ୍ଲ୍ୟୁଏଫ୍‌ର ଏହା ପ୍ରଥମ ଇଭେଣ୍ଟ ହେବ। ଏହା ଜାନୁୟାରୀ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେପ୍ଟେମ୍ବରରେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବାତିଲ କରାଯାଇଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ଜାନୁୟାରୀ ୧୮ରୁ ୨୩ ପର୍ଯ୍ୟନ୍ତ ହେବ। ଏହାପରେ ଓଡ଼ିଶା ଓପନ ସୁପର ୧୦୦ ଜାନୁୟାରୀ ୨୫ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ୨୦୨୦ ଏବଂ ଚଳିତବର୍ଷ ବାତିଲ ହୋଇଥିବା ହାଇଦ୍ରାବାଦ ଓପନ ସୁପର ୧୦୦ ଟୁର୍ନାମେଣ୍ଟ କିନ୍ତୁ ୨୦୨୨ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା କ୍ୟାଲେଣ୍ଡରରେ ସ୍ଥାନ ପାଇନାହିଁ। ବିଶ୍ୱ ବ୍ୟାଡ୍‌ମିଣ୍ଟନ ପରିଚାଳନା ପରିଷଦ ଆହୁରି ମଧ୍ୟ କ୍ୟାଲେଣ୍ଡରରେ ସଂଶୋଧନ କରି ଅତିରିକ୍ତ ସୁପର ୧୦୦ ଟୁର୍ନାମେଣ୍ଟ ସାମିଲ କରିବା ଲାଗି ବିଚାର କରି ଦେଖୁଛି। ବିଡବ୍ଲ୍ୟୁଏଫ୍ ସାଧାରଣ ସମ୍ପାଦକ ଥୋମାସ ଲଣ୍ଡ କହିଛନ୍ତି, ଏସିଆନ ଲେଗ୍ ଜାନୁୟାରୀ ୨୦୨୧ ଖେଳାଳିମାନଙ୍କ ସୁରକ୍ଷାକୁ ଆମେ ସବୁବେଳେ ଅଗ୍ରାଧିକାର ଦେଇ ଆସିଛୁ। ୨୦୨୧ ଜାନୁୟାରୀରେ ଥାଇଲାଣ୍ଡରେ ଏସିଆନ ଲେଗ୍ ସଫଳତାର ସହ ସମ୍ପନ୍ନ ହୋଇପାରିଛି। ଏହା ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପଥ ଉନ୍ମୁକ୍ତ କରିଛି। ୨୦୨୨ ପାଇଁ ବିଡବ୍ଲ୍ୟୁଏଫ୍ ଟୁର୍ନାମେଣ୍ଟ କ୍ୟାଲେଣ୍ଡରରେ ବହୁ କ୍ଲଷ୍ଟର ଟୁର୍ନାମେଣ୍ଟ ରହିଛି, ଖେଳାଳିମାନଙ୍କ ସୀମା ପାର ଗମନାଗମନ ସୁବିଧା ପ୍ରତି ଧ୍ୟାନ ଦିଆଯାଇଛି। ୨୦୨୨ରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟଗୁଡ଼ିକରେ ସମୟକ୍ରମେ କୋଭିଡ୍ କଟକଣା କୋହଳ କରାଯାଇପାରେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

